ଧରିତ୍ରୀ 51 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, September 16/2025 | Page 14 | ₹ 7.00 | RAYAGADA
୫୧ଶ ଭାଗ ୨୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 292 | ମୂଲ୍ୟ ₹୭/-

# ବନ୍ତାରାକୁ ମିଳିଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କ୍ଲିନ୍‌ଚିଟ୍, ମାମଲା ଖାରଜ

## ମାନହାନି ମକଦ୍ଦମା କରିବା ପାଇଁ ବନ୍ତାରା ସ୍ୱାଧୀନ - ସର୍ବୋଚ୍ଚ ନ୍ୟାୟାଳୟ

## ବନ୍ତାରାର କାର୍ଯ୍ୟକଳାପକୁ ନେଇ ଏସ୍‌ଆଇଟି ସନ୍ତୁଷ୍ଟ



**ନୂଆଦିଲ୍ଲୀ, ୧୫ ସେପ୍ଟେମ୍ବର, ୨୦୨୫**

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ବନ୍ତାରା ବିରୋଧରେ ଲାଗୁ କରାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରି ତାହାକୁ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି । ଶୀର୍ଷ ନ୍ୟାୟାଳୟ ଗୁଜରାଟର ଜାମନଗରଠାରେ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବନ୍ତାରା (ଗ୍ରୀନ୍‌ସ ଜୁଲୋଜିକାଲ୍ ରେସ୍‌କ୍ୟୁ ଆଣ୍ଡ ରିହାବିଲିଟେଶନ୍ ସେଣ୍ଟର)ର ଯାଞ୍ଚ କରିବା ଲାଗି ଦାବି କରିଥିବା ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ବନ୍ତାରା ଉପରେ ଯେଉଁସବୁ ଆରୋପ ଲଗାଯାଇଥିଲା, ଭବିଷ୍ୟତରେ ସମାନ ଧରଣର ଆରୋପ ଆଧାରରେ କରାଯାଉଥିବା ଅଭିଯୋଗ କିମ୍ବା କାର୍ଯ୍ୟାନୁଷ୍ଠାନ ଉପରେ ମଧ ସର୍ବୋଚ୍ଚ ନ୍ୟାୟାଳୟ କେତେକ ସର୍ତ୍ତ ସହିତ ପ୍ରତିବନ୍ଧକ ଲାଗୁ କରିଛନ୍ତି । ବନ୍ତାରା ଓ ତା' ସହିତ ଜଡ଼ିତ ଅଧିକାରୀବୃନ୍ଦଙ୍କୁ ଏସ୍‌ଆଇଟି ଦ୍ୱାରା ପରାମର୍ଶ ଦିଆଯାଇଥିବା ପଦକ୍ଷେପଗୁଡ଼ିକୁ ଗ୍ରହଣ କରିବା ଲାଗି ବିଚାର କରିବା ଏବଂ ସେଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ମଧ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ।

ନ୍ୟାୟାଳୟଙ୍କ ମତରେ, ''ଆମେ ରିପୋର୍ଟର ସାରାଂଶ ପଢ଼ିଛୁ । ଏଥିରେ ସମସ୍ତ ନିୟାମକ ଆବଶ୍ୟକତାର ଅନୁପାଳନ ହୋଇଛି ବୋଲି ଦର୍ଶାଯାଇଛି । ଏଥିରେ ଏହା ମଧ ଦର୍ଶାଯାଇଛି ଯେ ଏହା ସହିତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ମଧ ସେମାନଙ୍କର ଦୃଷ୍ଟିକୋଣର ଉପସ୍ଥାପନା କରିଛନ୍ତି । କର୍ତ୍ତୃପକ୍ଷଗଣ ମଧ ନିୟାମକ ଅନୁପାଳନ ସମ୍ବନ୍ଧରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଆମେ ଏହି ରିପୋର୍ଟକୁ ମଧ ଆଦେଶର ଏକ ଅଂଶିବିଶେଷରେ ପରିଣତ କରୁଛୁ ।''

ବନ୍ତାରା ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମନ୍ତବ୍ୟ ଦେଇଥିଲେ ଯେ, ''ଏପରି କିଛି ଜିନିଷ ଅଛି ଯାହାକୁ ନେଇ ଆମେ ଗର୍ବ କରିପାରୁ । ଏଭଳି ପ୍ରସଙ୍ଗ ଉଠାଇ ଆମେ ଅଯଥାରେ ହୋହଲ୍ଲା କରାଯିବା ଉଚିତ ନୁହେଁ । ଆମ ଦେଶରେ ମଧ କିଛି ଭଲ ଜିନିଷକୁ ଘଟିବାକୁ ଅନୁମତି ଦିଆଯାଉ । ଯଦି କିଛି ଭଲ ହେଉଛି ତାହାକୁ ନେଇ ଆମେ ଖୁସି ହେବା ଉଚିତ ।''

ନ୍ୟାୟାଳୟଙ୍କ ମତରେ ଯଦି ଆଇନ ଅନୁଯାୟୀ ହାତୀଙ୍କର ଅଧିଗ୍ରହଣ କରାଯାଇଛି ତେବେ ସେଥିରେ ଭୁଲ୍ କ'ଣ ? ଯଦି ସମସ୍ତ ନିୟମର ଅନୁପାଳନ କରାଯାଇଛି ତେବେ ସମସ୍ୟା କ'ଣ ? ଏସ୍‌ଆଇଟି ସିଜେଡ୍‌ଏ, ସିବିଆଇ, ଇଡି, ଡିଆର୍‌ଆଇ, କଷ୍ଟମ୍ସ, ସିଆଇଟିଇଏସ୍ ନିକାୟ ଭଳି ଏକାଧିକ ଭାରତୀୟ ଏବଂ ବିଦେଶୀ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରାଣୀ ଅଧିଗ୍ରହଣ, ଚାଲାଣ, ଲଣ୍ଡରିଂ, ପ୍ରାଣୀ କଲ୍ୟାଣ, ସଂରକ୍ଷଣ, ଆର୍ଥିକ ଅନିୟମିତତା ଏବଂ ପରିବେଶୀୟ ସମସ୍ୟା ସମ୍ବନ୍ଧୀୟ ଆରୋପଗୁଡ଼ିକର ତଦନ୍ତ କରିଥିଲା । ତଦନ୍ତରେ କୌଣସି ଆଇନ କିମ୍ବା ନିୟମାବଳୀର ଉଲ୍ଲଂଘନ ଜଣାପଡ଼ି ନ ଥିଲା । ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨, ପ୍ରାଣୀ ଉଦ୍ୟାନ ନିୟମାବଳୀ, ସିଜେଡ୍‌ଏ ନିର୍ଦ୍ଦେଶାବଳୀ, ସୀମା ଶୁଳ୍କ ଅଧିନିୟମ, ଫେମା, ପିଏମ୍‌ଏଲ୍‌ଏ ଓ ସାଇଟ୍‌ସ ଉଲ୍ଲଂଘନ ସମ୍ବନ୍ଧୀୟ ସମସ୍ତ ଆରୋପ ଭିତ୍ତିହୀନ ଥିଲା । ଅଧିଗ୍ରହଣ କରାଯାଇଥିବା ପ୍ରାଣୀସମ୍ପଦକୁ ବିଧିବଦ୍ଧ ଅନୁମତି ଅଧୀନରେ ବନ୍ତାରାକୁ ଅଣାଯାଇଛି ।

ତଦନ୍ତରେ ଏହା ମଧ ଜଣାପଡ଼ିଥିଲା ଯେ, ବନ୍ତାରାରେ ପ୍ରାଣୀଙ୍କ କଲ୍ୟାଣ, ପାଳନ ଏବଂ ଚିକିତ୍ସା ଯତ୍ନ ପାଇଁ ଉପଲବ୍ଧ ରହିଥିବା ବ୍ୟବସ୍ଥା ନିର୍ଦ୍ଧାରିତ ମାନକଠାରୁ ମଧ ଉଚ୍ଚମାନର ଅଟେ ।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଏସ୍‌ଆଇଟି ଦ୍ୱାରା ମଧ ତାଙ୍କର ରିପୋର୍ଟ ମାଧମରେ ଜାମନଗରସ୍ଥିତ ପ୍ରାଣୀ ଉଦ୍ଧାର ଓ ପୁନର୍ବାସ କେନ୍ଦ୍ର ବନ୍ତାରାକୁ କ୍ଲିନ୍‌ଚିଟ୍ ମିଳିସାରିଛି । ନ୍ୟାୟମୂର୍ତ୍ତି ପଙ୍କଜ ମିଥଲ ଓ ନ୍ୟାୟମୂର୍ତ୍ତି ପି.ବି. ବରାଲେଙ୍କୁ ନେଇ ଗଠିତ ପୀଠ ରିପୋର୍ଟକୁ ରେକର୍ଡକୁ ନେଇଥିଲେ ଏବଂ ମନ୍ତବ୍ୟ ଦେଇଥିଲେ ଯେ ବନ୍ତାରାରେ ଅନୁପାଳନ ଏବଂ ନିୟମାବଳୀ ଅନୁସରଣ ପ୍ରସଙ୍ଗକୁ ନେଇ ଏସ୍‌ଆଇଟି ସନ୍ତୁଷ୍ଟ ଅଛି ।

ନ୍ୟାୟାଳୟ ଏସ୍‌ଆଇଟି ରିପୋର୍ଟକୁ ସିଲ୍‌ବନ୍ଦ କରି ଗୋପନୀୟ ରଖିବାର ଆଦେଶ ଦେଇଛନ୍ତି । ଯଦିଓ ବନ୍ତାରାକୁ ତାହାର ନିଜସ୍ୱ



ବ୍ୟବହାର ପାଇଁ ତାହାର ପ୍ରତିଲିପି ଉପଲବ୍ଧ କରାଯିବ । ସର୍ବୋଚ୍ଚ ନ୍ୟାୟାଳୟ ଏସ୍‌ଆଇଟିର ତଦନ୍ତରୁ ମିଳିଥିବା ନିଷ୍କର୍ଷକୁ ଗୋପନୀୟ ବୋଲି ମାନିନାହାନ୍ତି । ନ୍ୟାୟାଳୟଙ୍କ ମତରେ ''ଆମେ ପ୍ରତିବାଦୀ – ବନ୍ତାରାକୁ ଯେକୌଣସି ଆପତ୍ତିଜନକ ପ୍ରକାଶନକୁ ହଟାଇବା କିମ୍ବା ବିଭ୍ରାନ୍ତିକର ସୂଚନା ପାଇଁ ଦାୟୀ ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କିମ୍ବା ମାନହାନି ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାଧୀନତା ପ୍ରଦାନ କରୁଛୁ ।''

ନ୍ୟାୟାଳୟ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଖବର ଏବଂ ବେସରକାରୀ ସଂଗଠନ ତଥା ବନ୍ୟଜନ୍ତୁ ସଂଗଠନଗୁଡ଼ିକର ବିଭିନ୍ନ ଅଭିଯୋଗ ଆଧାରରେ ବନ୍ତାରା ବିରୋଧରେ ଅନିୟମିତତାର ଆରୋପ ଲଗାଇଥିବା ଦୁଇଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଭୂତପୂର୍ବ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ଜେ. ଚେଲମେଶ୍ୱରଙ୍କ ଅଧକ୍ଷତାରେ ଏକ ଚାରିଜଣିଆ ସଦସ୍ୟବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି)ର ଗଠନ କରିଥିଲେ । ବିଗତ ଅଗଷ୍ଟ ୨୪ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଏସ୍‌ଆଇଟିର ଗଠନ ପାଇଁ ଆଦେଶ ଦେଇଥିଲେ । ଏସ୍‌ଆଇଟି ଶୁକ୍ରବାର ଦିନ ମୁଦଦିଆ ଲଫାପାରେ ନ୍ୟାୟାଳୟଙ୍କ ନିକଟରେ ନିଜର ରିପୋର୍ଟ ଦାଖଲ କରିଥିଲା ।




## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ନ୍ୟାଶ୍ନାଲ ମିଡିଆ ସେଣ୍ଟରରେ ସୋମବାର କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଏବଂ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର 'ସ୍ୱଚ୍ଛତା ହିଁ ସେବା ୨୦୨୫' ଉପରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି। (ଫଟୋ-ଚମନ ଗୌତମ)

# ଆଜିଠୁ ଭାରତ-ଆମେରିକା ଷଷ୍ଠ ପର୍ଯ୍ୟାୟ ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୧୫।୯(ପି.ଟି.)

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ମଙ୍ଗଳବାର ଆରମ୍ଭ ହେବାକୁ ଯାଉଛି। ଭାରତର ମୂଲ୍ୟ ସମ୍ବେଦନଶୀଳ କୃଷି ଓ ଦୁଗ୍ଧଜାତ ସାମଗ୍ରୀ ବଜାରରେ ଆମେରିକାର ପ୍ରବେଶକୁ ଅନୁମତିକୁ ନେଇ ଆଲୋଚନା ସ୍ଥଗିତ ରହିଥିଲା। ଆଲୋଚନା ପାଇଁ ଆମେରିକାର ମୁଖ୍ୟ ବୁଝାମଣାକାରୀ ବ୍ରେଣ୍ଡନ୍ ଲିଞ୍ଚ୍ ଓ ତାଙ୍କ ଟିମ୍ ସୋମବାର ରାତିରେ ନୂଆଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ଷଷ୍ଠ ପର୍ଯ୍ୟାୟ ଆଲୋଚନା ଅଗଷ୍ଟ ଶେଷ ଭାଗରେ ହେବାକୁ ଥିଲା। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇବା କାରଣରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଯିବା ସହ ଆଲୋଚନାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। ଆମେରିକାର ମୁଖ୍ୟ ବାଣିଜ୍ୟ ଦୂତ ଲିଞ୍ଚଙ୍କ ସହ ଭାରତର ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ତଥା ମୁଖ୍ୟ ମଧ୍ୟସ୍ଥ ରାଜେଶ ଅଗ୍ରୱାଲ ଆଲୋଚନା କରିବେ। ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ନଭେମ୍ବର ସୁଦ୍ଧା ଚୂଡ଼ାନ୍ତ ହେବା ଆବଶ୍ୟକ ବୋଲି ଗତ ସପ୍ତାହରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଥିଲେ। ଅତ୍ୟଧିକ ଟାରିଫ୍କୁ ନେଇ ଭାରତ-ଆମେରିକା ସମ୍ପର୍କ ଖରାପ ହୋଇଥିବାବେଳେ ନିକଟରେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅତ୍ୟନ୍ତ ଉତ୍ତମ ବନ୍ଧୁ କହି ପ୍ରଶଂସା କରିବା ସହ ବାଣିଜ୍ୟ ପ୍ରତିବନ୍ଧକର ସମାଧାନ ଦିଗରେ ଭାରତ ଓ ଆମେରିକା ବୁଝାମଣା ଜାରି ରଖିବେ ବୋଲି କହିଥିଲେ। ମୋଦି ମଧ୍ୟ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଟ୍ରମ୍ପଙ୍କ ମନୋଭାବ ଓ ସକାରାତ୍ମକ ଆକଳନକୁ ଉଚ୍ଚ ପ୍ରଶଂସା କରିଥିଲେ।

## ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କୁ କାର୍ ମଡ଼ାଇଥିବା ମହିଳା ଡ୍ରାଇଭର ଗିରଫ

ନୂଆଦିଲ୍ଲୀ, ୧୫।୯

ଦିଲ୍ଲୀରେ ରବିବାର ଏକ ବିଏମ୍ଡବ୍ଲ୍ୟୁ କାର୍ ଧକ୍କା ଦେବାରୁ ଅର୍ଥ ମନ୍ତ୍ରଣାଳୟର ଡେପୁଟି ସେକ୍ରେଟାରୀ ନବଜ୍ୟୋତ ସିଂଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଦିଲ୍ଲୀ ପୋଲିସ ଉକ୍ତ ବିଏମ୍ଡବ୍ଲ୍ୟୁ କାର୍ ଚଳାଉଥିବା ଗଗନଦୀପ କୌରଙ୍କୁ ଗିରଫ କରିଛି। ଦୁର୍ଘଟଣାରେ ହରିୟାଣା ନିବାସୀ ଗଗନଦୀପ ଓ ତାଙ୍କ ସ୍ୱାମୀ ପରୀକ୍ଷିତ ମକ୍କଡ଼ ଆହତ ହୋଇଥିଲେ। ପୋଲିସ ଗଗନଦୀପଙ୍କୁ ହସ୍ପିଟାଲରୁ ଗିରଫ କରିଛି। ରବିବାର ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ମେଟ୍ରୋ ଷ୍ଟେଶନ ନିକଟରେ ଦୁର୍ଘଟଣା ଘଟିବା ପରେ ଗଗନଦୀପ ଓ ତାଙ୍କ ସ୍ୱାମୀ ନବଜ୍ୟୋତଙ୍କୁ ନିକଟସ୍ଥ ହସ୍ପିଟାଲ ବଦଳରେ ୨୨ କି.ମି. ଦୂର ଜିଟିବି ନଗରସ୍ଥିତ ନ୍ୟୁ ଲାଇଫ୍ ହସ୍ପିଟାଲକୁ ନେଇଥିଲେ। ଫଳରେ ନବଜ୍ୟୋତଙ୍କ ଚିକିତ୍ସାରେ ବିଳମ୍ବରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ତାଙ୍କ ସ୍ତ୍ରୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।


# ଅବୈଧ ଥିଲେ ବିହାର ଏସ୍ଆଇଆର୍କୁ ରଦ୍ଦ କରିଦେବୁ

ନୂଆଦିଲ୍ଲୀ,୧୫।୯(ପି.ଟି.)

### ଅକ୍ଟୋବର ୭ରେ ଚୂଡ଼ାନ୍ତ ଶୁଣାଣି

ନିର୍ବାଚନ କମିଶନ ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବେ ଆଇନ ଅନୁଯାୟୀ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଚଳାଇଥିବା ନେଇ ଭରସା ରହିଥିବା ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ତେବେ କୌଣସି ପର୍ଯ୍ୟାୟରେ ଅବୈଧତା ରହିଥିଲେ, ସମ୍ପୂର୍ଣ୍ଣ କାର୍ଯ୍ୟକୁ ରଦ୍ଦ କରିଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍ଚୀଙ୍କ ଖଣ୍ଡପୀଠ ବିହାର ଏସ୍ଆଇଆର୍ର ବୈଧତା ଉପରେ ଚୂଡ଼ାନ୍ତ ଶୁଣାଣି ପାଇଁ ଅକ୍ଟୋବର ୭କୁ ଧାର୍ଯ୍ୟ କରିଥିବାବେଳେ ଏହା ଉପରେ କୌଣସି ସଂକ୍ଷିପ୍ତ ମତାମତ ଦେବାକୁ ମନା କରି ଦେଇଛନ୍ତି। ବିହାର ଏସ୍ଆଇଆର୍ ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ସାରା ଦେଶ ପାଇଁ ଲାଗୁ ହେବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରୁ ନିର୍ବାଚନ କମିଶନଙ୍କୁ ରୋକାଯାଇପାରିବ ନାହିଁ। ତେବେ ଅକ୍ଟୋବର ୭ ତାରିଖ ଚୂଡ଼ାନ୍ତ ଶୁଣାଣି ଦିନ ବିହାର ଏସ୍ଆଇଆର୍ ବିରୋଧରେ ପିଟିଶନ ଦାଖଲ କରିଥିବା ପକ୍ଷମାନେ ସାରା ଦେଶରେ ଏସ୍ଆଇଆର୍ ଉପରେ ଯୁକ୍ତି ଉପସ୍ଥାପନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇବାକୁ ଥିବା ଚୂଡ଼ାନ୍ତ ଭୋଟର ତାଲିକା ମାମଲାର ନ୍ୟାୟିକ ନିର୍ଣ୍ଣୟ ଉପରେ କୌଣସି ପାର୍ଥକ୍ୟ ରଖିବ ନାହିଁ। କେବଳ ଯଦି କୌଣସି ପର୍ଯ୍ୟାୟରେ ବେଆଇନ କାର୍ଯ୍ୟ ହୋଇଥିବା ଅଦାଲତ ଅନୁଭବ କରନ୍ତି, ତେବେ ତାହାକୁ ଖାରଜ କରିଦେଇପାରିବେ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ବିହାର ଏସ୍ଆଇଆର୍ ପାଇଁ ଆଧାର କାର୍ଡକୁ ଦ୍ୱାଦଶ ଦସ୍ତାବିଜ୍ ଭାବେ ସାମିଲ କରିବା ପାଇଁ ସୁପ୍ରିମକୋର୍ଟ ଗତ ୮ ତାରିଖରେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କରୁଥିବାରୁ ଏହା ପଛର ଉଦ୍ଦେଶ୍ୟକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ନିର୍ବାଚନ କମିଶନ ଭୋଟର ତାଲିକାରେ ଅନ୍ତର୍ଭୁକ୍ତି ପାଇଁ ୧୧ଟି ଦସ୍ତାବିଜ୍ ମାଗିଥିବାବେଳେ ସେଥିରେ ଆଧାର ନ ଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଥିଲା। ଚିଠା ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ଲୋକ ବାଦ୍ ପଡ଼ିବାରୁ ଅନେକ ଯୋଗ୍ୟ ଭୋଟର ମତାଧିକାରରୁ ବଞ୍ଚିତ ହେବେ ବୋଲି ବିରୋଧୀ ଆଶଙ୍କା ବ୍ୟକ୍ତ କରିଥିଲେ। ଏନେଇ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ ଏସ୍ଆଇଆର୍ ପ୍ରକ୍ରିୟାରୁ ନିବୃତ୍ତ କରି ନ ଥିଲେ ମଧ୍ୟ ଆଧାରକୁ ଭୋଟର ତାଲିକାରେ ସାମିଲ ଲାଗି ପ୍ରମାଣ ଭାବେ ଗ୍ରହଣ କରିବାକୁ କହିଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ସୋମବାର ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଉପସ୍ଥିତ ରହି ଏସ୍ଆଇଆର୍ର ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଶୁଣାଣି ଘୁଞ୍ଚାଇବାକୁ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଉପସ୍ଥିତ ରହି ନିର୍ବାଚନ କମିଶନ ଅନ୍ୟ ରାଜ୍ୟଗୁଡ଼ିକରେ ଏସ୍ଆଇଆର୍ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଥିବା କହିଥିଲେ। ଏକ ବେଆଇନ ପଦ୍ଧତି ଯୋଗୁ କେହି ମତଦାନ ଅଧିକାରରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି କେତେକ ଆକ୍ଟିଭିଷ୍ଟଙ୍କ ତରଫରୁ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ଖଣ୍ଡପୀଠଙ୍କୁ କହିଥିଲେ। ସମସ୍ତ ଯୁକ୍ତି ଶୁଣିବା ପରେ ଏସ୍ଆଇଆର୍ ପଦ୍ଧତିରେ ବେଆଇନ କାର୍ଯ୍ୟ ଥିବା ଜଣାପଡ଼ିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରାଯିବ ବୋଲି ଖଣ୍ଡପୀଠ କହିଥିଲେ।

# ୱାକ୍ଫ ବ୍ୟବସ୍ଥାରେ ରୋକକୁ ମୁସ୍ଲିମ୍ ସଙ୍ଗଠନ, ବିରୋଧୀଙ୍କ ସ୍ୱାଗତ

ନୂଆଦିଲ୍ଲୀ/ଲକ୍ଷ୍ନୌ,୧୫।୯(ପି.ଟି.)

### ସମ୍ପୂର୍ଣ୍ଣ ନ୍ୟାୟ ମିଳିବା ନେଇ ଆଶାବାଦୀ

ୱାକ୍ଫ ସଂଶୋଧନ ଆଇନର କେତେକ ପ୍ରମୁଖ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଥିବାବେଳେ ମୁସଲମାନ ସଙ୍ଗଠନଗୁଡ଼ିକ ଏହାକୁ ସ୍ୱାଗତ କରିଛନ୍ତି। ଚୂଡ଼ାନ୍ତ ରାୟରେ ସମ୍ପୂର୍ଣ୍ଣ ନ୍ୟାୟ ମିଳିବ ବୋଲି ସେମାନେ ଆଶାବାଦୀ ଥିବା କହିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଉଭୟ ଅଖିଳ ଭାରତ ମୁସଲିମ୍ ପର୍ସୋନାଲ ଲ' ବୋର୍ଡ (ଏଆଇଏମ୍ପିଏଲ୍ବି) ଏବଂ ଅଲ୍ ଇଣ୍ଡିଆ ଶିୟା ପର୍ସୋନାଲ ଲ' ବୋର୍ଡ (ଏଆଇଏସ୍ପିଏଲ୍ବି) କହିଛନ୍ତି। କେବଳ କେତେକ ମୁଖ୍ୟ ବ୍ୟବସ୍ଥା ନୁହେଁ, ସର୍ବୋଚ୍ଚ ଅଦାଲତ ସଂପୂର୍ଣ୍ଣ ଆଇନକୁ ସ୍ଥଗିତ ରଖିବେ ବୋଲି ଏଆଇ ଏମ୍ପିଏଲ୍ବି ଆଶାବ୍ୟକ୍ତ କରିଛି। ୱାକ୍ଫ ସଂଶୋଧନ ଆଇନ ଉପରେ ସମ୍ପୂର୍ଣ୍ଣ ସ୍ଥଗିତାଦେଶ ଲାଗୁ ହେବ ବୋଲି ମୁସଲମାନ ସମ୍ପ୍ରଦାୟ ଏବଂ ଏଆଇଏମ୍ପିଏଲ୍ବି ସଦସ୍ୟମାନେ ଚାହିଁଥିଲେ। ତେବେ ସୁପ୍ରିମକୋର୍ଟ ଏଥିପାଇଁ ମନା କରିଦେଲେ ବୋଲି ବୋର୍ଡର କାର୍ଯ୍ୟନିର୍ବାହୀ ସଦସ୍ୟ ରଶିଦ ଫରଙ୍ଗି ମାହାଲି କହିଛନ୍ତି। ତଥାପି ଆମେ ଯଥେଷ୍ଟ ଆଶ୍ୱସ୍ତ ହୋଇଛୁ ଏବଂ ଚୂଡ଼ାନ୍ତ ରାୟରେ ସମ୍ପୂର୍ଣ୍ଣ ଆଶ୍ୱସ୍ତ ହେବା ନେଇ ଆଶାବାଦୀ ରହିଛୁ ବୋଲି ସେ କହିଛନ୍ତି।

ସେହିପରି ବିରୋଧୀ ଦଳଗୁଡ଼ିକ ମଧ୍ୟ ସୁପ୍ରିମକୋର୍ଟଙ୍କ ୱାକ୍ଫ ଅନ୍ତରୀଣ ରାୟକୁ ସ୍ୱାଗତ କରିଛନ୍ତି। ଏହାକୁ ସେମାନେ ନ୍ୟାୟ, ସମାନତା ଓ ଭ୍ରାତୃତ୍ୱର ସାମ୍ବିଧାନିକ ମୂଲ୍ୟବୋଧର ବିଜୟ ବୋଲି କହିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ପାର୍ଲାମେଣ୍ଟରେ ଗୃହୀତ ଏହି ମନମାନି ଆଇନକୁ ବିରୋଧ କରୁଥିବା ପକ୍ଷଗୁଡ଼ିକର କେବଳ ବିଜୟ ହୋଇନାହିଁ ବରଂ ଏହା ଏକ ବଡ଼ ବିଜୟ। ଯୁଗ୍ମ ସଂସଦୀୟ କମିଟିର ସମସ୍ତ ସଦସ୍ୟ ଯେଉଁ ସବିଶେଷ ଅସହମତି ନୋଟ୍ ଦେଇଥିଲେ, ତାହାକୁ ଅଣଦେଖା କରାଯାଇଥିଲା। ଏବେ ତାହା ପ୍ରମାଣିତ ହୋଇଥିବା କଂଗ୍ରେସ ନେତା କହିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ରାୟକୁ ସ୍ୱାଗତ କରିବା ସହ ଏହା ଲୋକଙ୍କ ଆଶା ଓ ବିଶ୍ୱାସକୁ ସୁଦୃଢ଼ କରିଥିବା କହିଛନ୍ତି।

## ପାକ୍ ସେନା ଗୁଳିରେ ୩୧ ଆତଙ୍କବାଦୀ ନିହତ

ପେଶାୱର,୧୫।୯(ପି.ଟି.)

ଉତ୍ତରପଶ୍ଚିମ ପାକିସ୍ତାନରେ ଦୁଇଟି ଏନ୍କାଉଣ୍ଟରରେ ତେହରିକ୍ -ଇ- ତାଲିବାନ ପାକିସ୍ତାନ (ଟିଟିପି)ର ୩୧ ଆତଙ୍କବାଦୀ ନିହତ ହୋଇଛନ୍ତି। ଶନିବାର ଓ ରବିବାର ଖାଇବର ପଖ୍ତୁନ୍ଖ୍ୱାର ଲାକ୍କି ମାରୱାତ୍ ଏବଂ ବାନ୍ନୁ ଜିଲାରେ ତଲାସି ଅଭିଯାନ ହୋଇଥିଲା। ପ୍ରଥମ ଏନ୍କାଉଣ୍ଟରେ ୧୪ ଓ ଦ୍ୱିତୀୟ ଦିନ ଏନ୍କାଉଣ୍ଟରରେ ୧୭ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ୧୦ରୁ ୧୩ ତାରିଖ ମଧ୍ୟରେ ସୈନ୍ୟଙ୍କ ଗୁଳିରେ ୪୫ ଆତଙ୍କବାଦୀ ଓ ୧୯ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଆଫଗାନିସ୍ତାନ ସୀମାନ୍ତ ରାଜ୍ୟଗୁଡ଼ିକରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି।

# ରାଜନୈତିକ ଦଳ 'କାର୍ଯ୍ୟସ୍ଥଳ' ନୁହେଁ

### ପୋସ୍ ଆଇନ ପରିସରଭୁକ୍ତ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୯

ରାଜନୈତିକ କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କୁ ଯୌନ ନିର୍ଯାତନା ନିରୋଧୀ ଆଇନରେ ସୁରକ୍ଷା (ପୋସ୍ ଆକ୍ଟ) ପରିସରକୁ ନେବା ପାଇଁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ପୋସ୍ ଆଇନରେ ରାଜନୈତିକ ଦଳଗୁଡ଼ିକୁ କିପରି 'କାର୍ଯ୍ୟସ୍ଥଳ' ସଂଜ୍ଞା ମଧ୍ୟରେ ରଖାଯାଇପାରିବ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଅତୁଲ ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଦଳ ଏବଂ ଏହାର କର୍ମୀମାନଙ୍କ ମଧ୍ୟରେ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନ ଥାଏ ବୋଲି ଖଣ୍ଡପୀଠ କହିଛନ୍ତି।

କେରଳ ହାଇକୋର୍ଟ ୨୦୨୨ ମାର୍ଚ୍ଚ ରାୟରେ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା(ପ୍ରତିକାର, ନିଷେଧ ଓ ନିବାରଣ) ଆଇନ, ୨୦୧୩ (ପୋସ୍ ଆକ୍ଟ)ର ଏକ ସଂକ୍ଷିପ୍ତ ବ୍ୟାଖ୍ୟା ଉପସ୍ଥାପନ କରିଥିଲେ। ଆଇନଜୀବୀ ଯୋଗମାୟା ଏମ୍ଜି ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିଶନ୍ (ଏସ୍ଏଲ୍ପି) ଦାଖଲ କରିଥିଲେ। ରାଜନୈତିକ ଦଳ ଓ ଅନୁରୂପ ସଂସ୍ଥାଗୁଡ଼ିକରେ ପାରମ୍ପରିକ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନ ଥିବାରୁ ସେଗୁଡ଼ିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ଅନୁଗୃହୀତ ନୁହନ୍ତି।

## ୨୫ରୁ କାଜୋଲ, ଟ୍ୱିଙ୍କଲଙ୍କ ଟକ୍ ଶୋ

ମୁମ୍ବାଇ

ଆସନ୍ତା ୨୫ରୁ ଓଟିଟି ପ୍ଲାଟ୍ଫର୍ମ ପ୍ରାଇମ୍ ଭିଡିଓରେ 'ଟୁ ମଚ୍ ୱିଥ୍ କାଜୋଲ ଆଣ୍ଡ ଟ୍ୱିଙ୍କଲ' ନାମକ ଏକ ଟକ୍ ଶୋ' ଆରମ୍ଭ ହେବ। ଅଭିନେତ୍ରୀ କାଜୋଲ ଏବଂ ଟ୍ୱିଙ୍କଲ ଖାନ୍ନା ଏହି ଶୋ'କୁ ହୋଷ୍ଟ କରିବେ। ରବିବାର ପ୍ରାଇମ୍ ଭିଡିଓ ପକ୍ଷରୁ ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ଏହାର ଟ୍ରେଲରକୁ ଜାରି କରାଯାଇଛି। ଏଥିରେ ଉଭୟ ହୋଷ୍ଟ ବଲିଉଡ୍ର ସାଥୀ ସେଲିବ୍ରିଟିମାନଙ୍କ ସହ ବିଭିନ୍ନ ମଜାଦାର ଆଲୋଚନା କରୁଥିବାର ଦେଖିବାକୁ ମିଳିଛି। ଅଭିନେତା ସଲ୍ମାନ ଖାନ୍, ଆମିର ଖାନ୍, ଭିକି କୌଶଲ, ଗୋବିନ୍ଦା, ଚଙ୍କି ପାଣ୍ଡେ, ଅଭିନେତ୍ରୀ ଆଲିଆ ଭଟ୍ଟ, କ୍ରିତି ସାନନ୍, ଜାହ୍ନବୀ କପୁର, ଫିଲ୍ମ ନିର୍ମାତା କରନ୍ ଜୋହର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନକୁ ନେଇ ଅନେକ ମଜାଦାର ତଥ୍ୟ ଶେୟାର କରିଛନ୍ତି। ପ୍ରାଇମ୍ ଭିଡିଓ ପକ୍ଷରୁ ଉକ୍ତ ପୋଷ୍ଟର କ୍ୟାପ୍ଶନ୍ରେ ଲେଖା ହୋଇଛି, ଆସନ୍ତା ୨୫ ତାରିଖରୁ ଏହି ମଜାଦାର ଟକ୍ ଶୋ' ପ୍ରିମିୟର ହେବ। ପ୍ରତି ଗୁରୁବାର କାଜୋଲ ଓ ଟ୍ୱିଙ୍କଲଙ୍କ ସହ ପ୍ରାଇମ୍ ଭିଡିଓ ଆପଣମାନଙ୍କୁ ମନୋରଞ୍ଜନ ଯୋଗାଇବ।



## ଭାରତରେ କ୍ରୋନିକ୍ ଡିଜିଜ୍ ମୃତ୍ୟୁ ବଢ଼ିଛି

ନୂଆଦିଲ୍ଲୀ, ୧୫।୯ (ପି.ଟି.)

କ୍ୟାନ୍ସର, ହୃଦ୍‌ରୋଗ ପରି କ୍ରୋନିକ୍ ଡିଜିଜ୍ (ଦୀର୍ଘକାଳୀନ ରୋଗ)ରେ ମୃତ୍ୟୁ ସମ୍ଭାବନା ବଢ଼ିଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ଲାନ୍ସେଣ୍ଟ ପତ୍ରିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନ ସୋମବାର ପ୍ରକାଶ ପାଇଛି। ଅଧ୍ୟୟନ ଅନୁଯାୟୀ, ୨୦୧୦ରୁ ୨୦୧୯ ମଧ୍ୟରେ ଭାରତରେ କ୍ରୋନିକ୍ ଡିଜିଜ୍‌ରେ ପୀଡ଼ିତ ଥିବା ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ମୃତ୍ୟୁ ସଂଖ୍ୟା ବଢ଼ିଛି। ତେବେ ଗତ ଦଶନ୍ଧିରେ ବୈଶ୍ୱିକ ସ୍ତରରେ ୫ରୁ ୪ ଦେଶରେ କ୍ରୋନିକ୍ ଡିଜିଜ୍ ମୃତ୍ୟୁ ହ୍ରାସ ପାଇଥିବାରୁ ଏହି ଅଧ୍ୟୟନ ଭାରତର ଚିନ୍ତା ବଢ଼ାଇଛି। ବ୍ରିଟେନ୍‌ର ଇମ୍ପେରିଆଲ କଲେଜ ଲଣ୍ଡନର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ଭାରତରେ ପୁରୁଷଙ୍କ ତୁଳନାରେ କ୍ରୋନିକ୍ ଡିଜିଜରେ ପୀଡ଼ିତ ହୋଇ ଅଧିକ ମହିଳାଙ୍କର ମୃତ୍ୟୁ ଘଟିଛି। ଦେଶରେ ହୃଦ୍‌ରୋଗ ଏବଂ ମଧୁମେହରେ ପୀଡ଼ିତ ହୋଇ ସର୍ବାଧିକ ଲୋକ ମୃତ୍ୟୁମୁଖରେ ପଡ଼ୁଛନ୍ତି।

DSPL-215

ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍କୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0033/2526

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୬/୨୦୨୫ | Bhubaneswar, Tuesday, September 16/2025 | ପୃଷ୍ଠା-୧







# ୧୨ ଜିଲାରେ ୨୭ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର

**ବିନିଯୋଗ ହେବ ୨୫ ହଜାର କୋଟି**

**ଓଡ଼ିଶା ଶିଳ୍ପ ଇତିହାସରେ ଯୋଡ଼ିହେଲା ସ୍ୱର୍ଣ୍ଣିମ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ**

- **୫୨ ହଜାର ନିଯୁକ୍ତି ସୁଯୋଗ ସୁନିଶ୍ଚିତ ହୋଇଛି**
- **୧୫ ମାସରେ ସରକାର ୨୬୦ ଶିଳ୍ପ ପ୍ରକଳ୍ପ ମଞ୍ଜୁର କଲେଣି**

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)



ଭୁବନେଶ୍ୱର ଓୟୁଏଟି କନ୍‌ଭେନସନ ସେଣ୍ଟରରେ ସୋମବାର ଆୟୋଜିତ ୧୨ ଜିଲାର ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ (ବାମରୁ) ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏସ୍‌ଆର୍‌ଏଫ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆଶିଷ ଭରତରାମ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। **(ଫଟୋ:ବିକାଶ ନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଓୟୁଏଟି କନ୍‌ଭେନସନ ସେଣ୍ଟରଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ ଜିଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିହୋଇଛି ବୋଲି ସେ କହିଛନ୍ତି। ୨୭ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପାଇଁ ୨୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି। ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧିପାଉଛି। ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକ୍ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁଥିବା ଭଳି ସାମଗ୍ରୀ ନିର୍ମାଣ କରୁଛୁ। ଆମ ସରକାର ମାତ୍ର ୧୫ ମାସ ହେବ ଓଡ଼ିଶାର ଶାସନ ଦାୟିତ୍ୱ ନେଇଛନ୍ତି। ଏହି ଅଳ୍ପ ସମୟ ମଧ୍ୟରେ ସରକାର ୨୬୦ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ଆମେ ୮୪ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ। ଏହାଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ହୋଇପାରିଛି ଏବଂ ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇଛି। ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଶିଳ୍ପ ☞ପୃଷ୍ଠା-୨

# ୱାକ୍ଫ: ଜିଲାପାଳଙ୍କ କ୍ଷମତା ଉପରେ ସ୍ଥଗିତାଦେଶ

**କେନ୍ଦ୍ର ସରକାରଙ୍କ ବିବାଦୀୟ ୱାକ୍ଫ ସଂଶୋଧନ ଆଇନରେ କେତେକ ପ୍ରମୁଖ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଛନ୍ତି। ତେବେ ସମ୍ପୂର୍ଣ୍ଣ ଆଇନ ଉପରେ ରୋକ୍ ଲଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୱାକ୍ଫ ପାଇଁ ନୂଆ ଆଇନରେ ଜଣେ ଅନ୍ୟୂନ ୫ ବର୍ଷ ଇସ୍‌ଲାମ ଧର୍ମ ପାଳନ କରିବା ବ୍ୟବସ୍ଥା ରହିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ସ୍ଥଗିତ ରଖିଛନ୍ତି। ସେହିପରି କେନ୍ଦ୍ରୀୟ ଓ ରାଜ୍ୟ ୱାକ୍ଫ ବୋର୍ଡରେ ଅଣମୁସଲମାନ ସଦସ୍ୟ ମନୋନୟନ ସଂଖ୍ୟାକୁ ମଧ୍ୟ ଅଦାଲତ ସୀମିତ ରଖିଛନ୍ତି। ସବୁଠୁ ବଡ଼ କଥା ହେଲା କୌଣସି ସମ୍ପତ୍ତିକୁ ୱାକ୍ଫ ବିବେଚନା କରାଯାଇପାରିବ କି ନାହିଁ ତାହା ଉପରେ ନିଷ୍ପତ୍ତି ନେବା କ୍ଷମତା ଜିଲାପାଳଙ୍କୁ ଦିଆଯାଇଥିଲା। ସୁପ୍ରିମକୋର୍ଟ ଏହି ବ୍ୟବସ୍ଥା ଉପରେ ରୋକ୍ ଲଗାଇଛନ୍ତି। ବ୍ୟକ୍ତିଗତ ନାଗରିକଙ୍କ ଅଧିକାର ଉପରେ ଜିଲାପାଳ ନିର୍ଣ୍ଣୟ ନେବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏହା କ୍ଷମତା ବିକେନ୍ଦ୍ରୀକରଣର ଉଲ୍ଲଂଘନ ହେବ ବୋଲି ସର୍ବୋଚ୍ଚ ଅଦାଳତ କହିଛନ୍ତି।**

**ବୋର୍ଡରେ ଅଣମୁସଲମାନଙ୍କ ସଂଖ୍ୟା ସୀମିତ ରଖିଲେ ସୁପ୍ରିମକୋର୍ଟ**



ନୂଆଦିଲ୍ଲୀ,୧୫।୯

ୱାକ୍ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା କେତେଗୁଡ଼ିଏ ପିଟିଶନ୍‌ର ଶୁଣାଣି କରିବା ପରେ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଏ.ଜି. ମସିହଙ୍କ ଖଣ୍ଡପୀଠ ସୋମବାର ଅନ୍ତରୀଣ ରାୟ ଶୁଣାଇଛନ୍ତି। ଉପରୋକ୍ତ ବ୍ୟବସ୍ଥା କ୍ଷମତାର ମନମାନି ପ୍ରୟୋଗ ହୋଇଥିବାରୁ ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ ଆବେଦନଗୁଡ଼ିକର ବିଚାର ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ବ୍ୟବସ୍ଥାଗୁଡ଼ିକ ସ୍ଥଗିତ ରହିଲା ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ୱାକ୍ଫ ସମ୍ପତ୍ତି ପଞ୍ଜୀକରଣ ଆବଶ୍ୟକତା ଉପରେ ସ୍ଥଗିତାଦେଶ ଦେବାକୁ ଅଦାଲତ ମନା କରିଦେଇଛନ୍ତି। ଆଇନ ସଂଶୋଧନ ହେବା ପୂର୍ବରୁ ଏହି ବ୍ୟବସ୍ଥା ରହିଥିଲା ବୋଲି ବିଚାରପତି କହିଛନ୍ତି।

୧୨୮ ପୃଷ୍ଠାର ଅନ୍ତରୀଣ ରାୟରେ ସିଜେଆଇ ଗବଇ ଏବଂ ଜଷ୍ଟିସ୍ ମସିହ କହିଛନ୍ତି, ସବୁବେଳେ ଆଇନର ସାମ୍ବିଧାନିକତା ସପକ୍ଷରେ ପରିକଳ୍ପନା କରାଯାଇଥାଏ ଏବଂ କେବଳ ବିରଳରୁ ବିରଳତମ ମାମଲାରେ ଅଦାଲତ ହସ୍ତକ୍ଷେପ କରିଥାନ୍ତି। ସମ୍ପୂର୍ଣ୍ଣ ଆଇନର ବ୍ୟବସ୍ଥାଗୁଡ଼ିକୁ ସ୍ଥଗିତ ରଖିବା ପାଇଁ କୌଣସି ମାମଲା ଆମେ ପାଇନାହୁଁ। ତେଣୁ ସମ୍ପୂର୍ଣ୍ଣ ଆଇନକୁ ସ୍ଥଗିତ ରଖିବା ଆବେଦନକୁ ଖାରଜ କରାଗଲା। ତେବେ ପକ୍ଷମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସନ୍ତୁଳନକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ କ୍ଷମତା ସମେତ ୩ଟି ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଜାରି କରାଗଲା। ତଦନୁଯାୟୀ କେନ୍ଦ୍ରୀୟ ୱାକ୍ଫ କାଉନ୍‌ସିଲ୍‌ରେ ୨୦ ସଦସ୍ୟଙ୍କ ମଧ୍ୟରେ ଅଣମୁସଲମାନ ସଦସ୍ୟ ସଂଖ୍ୟା ୪ରୁ ଅଧିକ ହୋଇପାରିବ ନାହିଁ। ସେହିପରି ରାଜ୍ୟ ୱାକ୍ଫ ବୋର୍ଡର ମୋଟ ୧୧ ସଦସ୍ୟଙ୍କ ମଧ୍ୟରେ ଅଣମୁସଲମାନ ସଦସ୍ୟ ସଂଖ୍ୟା ୩ରେ ସୀମିତ ରହିବ ବୋଲି କୋର୍ଟ କହିଛନ୍ତି। ସେହିପରି ସଂଶୋଧିତ ଆଇନର ଧାରା ୩ର ଉପଧାରା ଆର୍ ଅନୁଯାୟୀ, ଜଣେ ବ୍ୟକ୍ତି ୱାକ୍ଫ କରିବାକୁ ହେଲେ ଅନ୍ୟୂନ ୫ ବର୍ଷ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା ଆବଶ୍ୟକତା ଉପରେ ସ୍ଥଗିତାଦେଶ ରାଜ୍ୟ ସରକାର ନୂଆ ନିୟମାବଳୀ ଆଣିବା ପର୍ଯ୍ୟନ୍ତ ଜାରି ରହିବ। ଉପଯୁକ୍ତ ଅଧିକାରୀ ରିପୋର୍ଟ ଦାଖଲ ନ କରିବା ପର୍ଯ୍ୟନ୍ତ କୌଣସି ସମ୍ପତ୍ତିକୁ ୱାକ୍ଫ ସମ୍ପତ୍ତି ବିବେଚନା କରାଯିବ ନାହିଁ ବୋଲି ☞ପୃଷ୍ଠା-୨

# ସ୍ୱର୍ଗଦ୍ୱାର: ଜଳିବା ପୂର୍ବରୁ ଆଖି ଖୋଲିଲେ

ପୁରୀ,୧୫।୯(ଅଜିତ୍ କୁମାର ମହାନ୍ତି)



ପୁରୀ ମେଡିକାଲରେ ଚିକିତ୍ସାଧୀନ ଥିବା ପି.ଲକ୍ଷ୍ମୀ।

ପୁରୀ ସ୍ୱର୍ଗଦ୍ୱାରରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ତଥା ଆଶ୍ଚର୍ଯ୍ୟକର ଘଟଣା ଘଟିଛି। ଶବଦାହ ନିମନ୍ତେ ସ୍ୱର୍ଗଦ୍ୱାରକୁ ଆସିଥିବା ଜଣେ ବୃଦ୍ଧା ଜୁଇରେ ଜଳିବା ପୂର୍ବରୁ ହଠାତ ଜୀବିତ ହୋଇଯିବା ଦେଖିବାକୁ ମିଳିଛି। ବୃଦ୍ଧା ଜଣଙ୍କ ହେଲେ ଗଞ୍ଜାମ ଜିଲା ଟିକିଟି ପୋଲସରା ଅଞ୍ଚଳର ୮୬ ବର୍ଷୀୟା ପି. ଲକ୍ଷ୍ମୀ। ଏହି ଘଟଣା ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ଅନୁଯାୟୀ, ସୋମବାର ପି. ଲକ୍ଷ୍ମୀଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ତାଙ୍କ ମୃତଦେହ ସତ୍କାର ପାଇଁ ଆମ୍ବୁଲାନ୍ସ ଯୋଗେ ଗଞ୍ଜାମରୁ ପୁରୀ ସ୍ୱର୍ଗଦ୍ୱାରକୁ ଆଣିଥିଲେ। ତେବେ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ଆବଶ୍ୟକ ଥିବା ମେଡିକାଲ ଡକ୍ୟୁମେଣ୍ଟ ଏବଂ ଆଧାର କାର୍ଡ ପରିବାର ଲୋକେ ସାଙ୍ଗରେ ଆଣି ନ ଥିଲେ। ଫଳରେ ଶେଷକୃତ୍ୟ ସମ୍ପନ୍ନରେ ବିଳମ୍ବ ହୋଇଥିଲା। ଲକ୍ଷ୍ମୀଙ୍କୁ ସେହିପରି ରଖାଯାଇଥିଲା। ତେବେ ଏହି ସମୟରେ ସ୍ୱର୍ଗଦ୍ୱାର କର୍ମଚାରୀଙ୍କ ନଜର ଲକ୍ଷ୍ମୀଙ୍କ ଉପରେ ପଡ଼ିଥିଲା। ଲକ୍ଷ୍ମୀ ନିଃଶ୍ୱାସ ନେଉଥିବା ସହ ଆଖି ମିଟିମିଟି କରୁଥିବା ସେମାନେ ଦେଖିବାକୁ ପାଇଥିଲେ। ଏନେଇ କର୍ମଚାରୀମାନେ ପୁରୀ ସ୍ୱର୍ଗଦ୍ୱାର ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ଏବଂ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ସ୍ୱର୍ଗଦ୍ୱାର ନିକଟକୁ ଡାକିଥିଲେ। ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରଙ୍କ ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଅପରପକ୍ଷରେ ପି. ଲକ୍ଷ୍ମୀ ଜୀବିତ ଥିବା ସମ୍ପର୍କରେ ତାଙ୍କ ପରିବାର ଲୋକେ ଜାଣିବା ପରେ ଖୁସି ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ବିନା ଡାକ୍ତରୀ ପରୀକ୍ଷାରେ ବୃଦ୍ଧାଙ୍କୁ କିପରି ମୃତ ଭାବି ପରିବାର ଲୋକେ ଦାହ କରିବାକୁ ନେଉଥିଲେ, ତାହା ଏବେ ପ୍ରଶ୍ନବାଚୀ ହୋଇଛି।

# ଆରମ୍ଭ ହେଲା ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)

**୨,୮୩,୨୬୪ ଅଭିଯୋଗର ହେବ ସମାଧାନ**

କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନା ସହାୟତାରୁ ବଞ୍ଚିତ ହେବେନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲର ଶୁଭାରମ୍ଭ କରି ସେ କହିଛନ୍ତି, ରାଜ୍ୟରେ ସୁଭଦ୍ରା ଯୋଜନାରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ ଓ ସୁଗମ କରାଯିବ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆହୁରି କହିଛନ୍ତି, ଉକ୍ତ ମଡ୍ୟୁଲ ମାଧ୍ୟମରେ ସୁଭଦ୍ରା ଆବେଦନକାରୀଙ୍କ ଅଭିଯୋଗ ଯଥା- ଆବେଦନ ପ୍ରତ୍ୟାଖ୍ୟାନ, ସୁଭଦ୍ରା ସହାୟତା ନ ମିଳିବା ଆଦି ବିଷୟରେ ଶୀଘ୍ର ତଦନ୍ତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ସୁଭଦ୍ରା ପୋର୍ଟାଲରେ ଅନ୍‌ଲାଇନ ଦ୍ୱାରା କିମ୍ବା ବିଭିନ୍ନ ସରକାରୀସ୍ତରରେ ଅଫ୍‌ଲାଇନ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକ ପ୍ରଥମ ପର୍ଯ୍ୟାୟରେ ବ୍ଲକ୍‌ସ୍ତରୀୟ ସ୍କ୍ରିନିଂ କମିଟି ବା ଯାଞ୍ଚ କମିଟି କିମ୍ବା ନଗର ସ୍ତରୀୟ ଯାଞ୍ଚ କମିଟି ପାଖରେ ଦାଖଲ କରାଯିବ। ଆବଶ୍ୟକ ପଡ଼ିଲେ କମିଟି ଅଭିଯୋଗ ପତ୍ରଗୁଡ଼ିକୁ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଇବେ। କମିଟି ରିପୋର୍ଟ ବା କ୍ଷେତ୍ରସ୍ତରୀୟ ଯାଞ୍ଚ ରିପୋର୍ଟ ଉପରେ ଆଧାରକରି କମିଟି ଆବେଦନକାରୀଙ୍କ ଯୋଗ୍ୟତା ବିଷୟରେ ନିଷ୍ପତ୍ତିନେବେ। ଏହାପରେ କମିଟି ପକ୍ଷରୁ ଯାଞ୍ଚ ରିପୋର୍ଟ ସହ ଜିଲାସ୍ତରୀୟ କିମ୍ବା ନଗର ନିଗମ ସ୍ତରୀୟ ଯାଞ୍ଚ କମିଟି ନିକଟକୁ ପଠାଇବେ। ଜିଲା କିମ୍ବା ନଗର ନିଗମସ୍ତରରେ ଅନୁମୋଦନର ଶେଷ ନିଷ୍ପତ୍ତି ନିଆଯିବ। ହିତାଧିକାରୀମାନେ ସୁଭଦ୍ରା ୱେବ୍ ପୋର୍ଟାଲରେ ସେମାନଙ୍କ ଅଭିଯୋଗର ସ୍ଥିତି ସମ୍ପର୍କରେ ସୂଚନା ପାଇପାରିବେ।

**ଆଜିର ସମ୍ପାଦକୀୟ** ଅନ୍ୟାୟ ବର୍ଷା ହେଉଛି

# ସିବିଏସ୍‌ଇର ନୂଆ ନିୟମ

**ଗୋଟିଏ ସ୍କୁଲରେ ୨ବର୍ଷ ପଢ଼ିଲେ ବୋର୍ଡ ପରୀକ୍ଷା ପାଇଁ ଯୋଗ୍ୟ ହେବେ**

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସୋମବାର ନୂଆ ନିୟମ ଜାରି କରିଛି। ଏଣିକି ବୋର୍ଡ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ କ୍ରମାଗତ ଦୁଇବର୍ଷ ଗୋଟିଏ ସ୍କୁଲରେ ପଢ଼ିବାକୁ ପଡ଼ିବ। ଏଥିସହ ଦଶମ ଓ ଦ୍ୱାଦଶ ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ବାଧ୍ୟତାମୂଳକ ଭାବେ ଆଉ ୬ଟି ସର୍ତ୍ତାବଳୀ ପୂରଣ କରିବାକୁ ପଡ଼ିବ। ☞ପୃଷ୍ଠା-୨

# ପୃଥିବୀ ଆଡ଼କୁ ବଢ଼ୁଛି କୁତବମିନାର ଆକୃତିର କ୍ଷୁଦ୍ରଗ୍ରହ

ୱାଶିଂଟନ୍, ୧୫।୯



ଆସନ୍ତା ୧୮ରେ ଏକ ବିରଳ ମହାଜାଗତିକ ଘଟଣା ଘଟିବାକୁ ଯାଉଛି। ୨୦୨୫ ଏଫ୍‌ଏ ୨୨ ନାମକ ଏକ କ୍ଷୁଦ୍ରଗ୍ରହ ପୃଥିବୀ ନିକଟ ଦେଇ ଅତିକ୍ରମ କରିବ ବୋଲି ସୋମବାର ଆମେରିକୀୟ ମହାକାଶ ସଂସ୍ଥା 'ନାସା' ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପ୍ରତି ନାସାର ସେଣ୍ଟର ଫର୍ ନିୟର୍ ଆର୍ଥ ଅବଜେକ୍ଟ ଷ୍ଟଡିଜ୍ (ସିଏନ୍‌ଇଓଏସ୍) ଏବଂ ଜେଟ୍ ପ୍ରପଲସନ୍ ଲାବୋରେଟୋରି (ଜେପିଏଲ୍) ଦ୍ୱାରା ଏହି କ୍ଷୁଦ୍ରଗ୍ରହର ଗତିପଥକୁ ଟ୍ରାକ୍ କରାଯାଉଛି। ଚଳିତ ବର୍ଷ ପ୍ରାରମ୍ଭରେ ଆମେରିକାର ହାୱାଇସ୍ଥିତ 'ପ୍ୟାନ୍-ଷ୍ଟାର୍ସ ୨ ସର୍ଭେ' ଦ୍ୱାରା ଏହି କ୍ଷୁଦ୍ରଗ୍ରହକୁ ଆବିଷ୍କାର କରାଯାଇଥିଲା। ଏହାର ବ୍ୟାସାର୍ଦ୍ଧ ୧୨୦ରୁ ୨୮୦ ମିଟର ମଧ୍ୟରେ ହୋଇପାରେ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଏହି ଦୃଷ୍ଟିକୋଣରୁ ଏଫ୍‌ଏ ୨୨ ଦିଲ୍ଲୀରେ ଥିବା ପ୍ରସିଦ୍ଧ ଦର୍ଶନୀୟ ସ୍ଥଳୀ କୁତବମିନାରଠାରୁ ସର୍ବନିମ୍ନ ୨ ଗୁଣା ଏବଂ ସର୍ବାଧିକ ୪ ଗୁଣା ଉଚ୍ଚ ହେବ। ଏହି ଆଷ୍ଟରଏଡ୍ ସୂର୍ଯ୍ୟଙ୍କ ଚାରିପାଖରେ ଏକ ସାମାନ୍ୟ ଢଳିଥିବା କକ୍ଷପଥରେ ଘୂରିଥାଏ। ଏହାର କକ୍ଷପଥର ଅବଧି ପ୍ରାୟ ୧.୮୫ ବର୍ଷ ରହିଛି। ଆସନ୍ତା ୧୮ରେ ଏହି କ୍ଷୁଦ୍ରଗ୍ରହ ପୃଥିବୀଠାରୁ ପ୍ରାୟ ୮ ଲକ୍ଷ ୪୨ ହଜାର କି.ମି. ଦୂର ଦେଇ ଅତିକ୍ରମ କରିବ। ଉକ୍ତ ଦୂରତା ଚନ୍ଦ୍ରଠାରୁ ପୃଥିବୀର ଦୂରତା ତୁଳନାରେ ୨ ଗୁଣ ଅଧିକ। ଇଣ୍ଟରନ୍ୟାଶନାଲ ଆଷ୍ଟରଏଡ୍ ୱାର୍ନିଂ ନେଟ୍‌ୱର୍କ (ଆଇଏଡବ୍ଲ୍ୟୁଏନ୍) ସମ୍ପ୍ରତି ଉଭୟ ରାଡାର ଏବଂ ଶକ୍ତିଶାଳୀ ଅପ୍ଟିକାଲ ଟେଲିସ୍କୋପର ବ୍ୟବହାର କରି ଏଫ୍‌ଏ୨୨ କ୍ଷୁଦ୍ରଗ୍ରହର କକ୍ଷପଥ ଏବଂ ଗଠନକୁ ନେଇ ଅଧ୍ୟୟନ ଜାରି ରଖିଥିବା ନାସା ସୂଚନା ଦେଇଛି। ତେବେ ଏଫ୍‌ଏ୨୨ ପୃଥିବୀ ନିକଟ ଦେଇ ଅତିକ୍ରମ କରିବା ପ୍ରଭାବରେ କୌଣସି ବିପଦ ଆଶଙ୍କା ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ବିକ୍ଷୋଭ: ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ପୁରୀ**
- ନିମାପଡ଼ା ଏନ୍‌ଏସି ଓ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଶହୀଦ ଦିବସ ପାଳନ ସମାରୋହ ଓ ମଶାଲ ଶୋଭାଯାତ୍ରା, ସ୍ଥାନ: ଥାନା ସମ୍ମୁଖ ଶହୀଦ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ବାଲେଶ୍ୱର**
- ନୂତନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ, ସ୍ଥାନ: ଉଠା ଜଳସେଚନ କର୍ମଚାରୀ ଭବନ, ପଟୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭଇଁସାହି ପଞ୍ଚାୟତ ଅଫିସ୍, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ମହକ ଆଣ୍ଡ ଉତ୍ସାହ ଉଦ୍‌ଯାପନ, ସ୍ଥାନ: ଶଙ୍କରପୁର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଶିଶୁ ମହୋତ୍ସବ ମହକ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ନାଇପର ପ୍ରତିଷ୍ଠା ପାଇଁ ରାଲି, ସ୍ଥାନ: ହିଲପାଟଣା ଗଣେଶ ମନ୍ଦିର, ସମୟ: ଅପରାହ୍ନ ୩ଟା।

**ଗଞ୍ଜାମ**
- ଏକ୍‌ପେଡ୍ ମା' କେ ନାମ୍ କାର୍ଯ୍ୟକମ, ସ୍ଥାନ: ପାତ୍ରପୁର ବ୍ଲକ୍ ପୋଡାଡିଗି , ସମୟ: ସକାଳ ୮ଟା।
- ଦକ୍ଷିଣାଞ୍ଚଳ ଡିଭିଜନସ୍ତରୀୟ ରାଜସ୍ୱ ସମ୍ମିଳନୀ, ସ୍ଥାନ: ଛତ୍ରପୁର ଋଷିକୂଲ୍ୟା ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ ଟା ୧୫।
- ଏକ୍‌ପେଡ୍ ମା' କେ ନାମ୍, ସ୍ଥାନ: କୁକୁଡାଖଣ୍ଡି ବ୍ଲକ୍ ବୋରିଗାଁ, ସମୟ: ଅପରାହ୍ନ ୨ ଟା।
- ମିଳିତ କ୍ରିୟାନୁଷ୍ଠାନ ରାଲି ଓ ସ୍ମାରକପତ୍ର, ସ୍ଥାନ: ଜିଲପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।

**ଅନୁଗୋଳ**
- ସ୍ୱଚ୍ଛତା ପକ୍ଷ ପାଳନ ଦିବସରେ ଶପଥ ପାଠ, ସ୍ଥାନ: ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନୂତନ କର୍ମକର୍ତ୍ତା ଚୟନ, ସ୍ଥାନ: ଆଠମଲ୍ଲିକ କଲ୍ୟାଣ ମଣ୍ଡପ: ସମୟ : ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ବିମଳାଙ୍କ ଷୋଡଶ ପୂଜାର ତୃତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ରାୟଗଡ଼ା**
- ମହିଳାଙ୍କୁ ମିଲେଟ ତିଆରି ସାମଗ୍ରୀ ପାଇଁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋକୁଲମୁଣ୍ଡା ଗ୍ରାମ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା।
- ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଡାଙ୍ଗ ସୋରଡ଼ା ଶିବ ମନ୍ଦିର ପଡ଼ିଆ, ଚନ୍ଦ୍ରପୁର, ସମୟ: ରାତି ୧୦ଟା।

**କୋରାପୁଟ**
- କୋଟ୍‌ସ ଓ ଇଗ୍ନୋ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: କୋଟସ ସେମିନାର ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ମାଲକାନଗିରି**
- ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦ ବୈଠକ, ସ୍ଥାନ: ମାଲକାନଗିରି ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁର ରାମଲୀଳା ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଦ୍ୱିତୀୟ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଓଜନ ଦିବସ ପାଳନ, ସ୍ଥାନ: ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ଗାୟତ୍ରୀ ପୀଠରେ ସାମୂହିକ ଯଜ୍ଞ, ସ୍ଥାନ: ସେକ୍ଟର–୨ ଗାୟତ୍ରୀ ପୀଠ, ସମୟ: ସକାଳ ୫ଟା ୩୦।
- ହୋମିଓପାଥି କଲେଜରେ ରକ୍ତଦାନ ଶିବିର, ସ୍ଥାନ: ସେକ୍ଟର–୨୧, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ଜେଲ୍ ରୋଡ୍, ରାଉରକେଲା, ସମୟ: ଅପରାହ୍ନ ୫ଟା ୩୦।

**ସୁନ୍ଦରଗଡ଼**
- ଜିଲା ପରିଷଦ ବୈଠକ,ସ୍ଥାନ:ବିକାଶ ଭବନ, ସୁନ୍ଦରଗଡ,ସମୟ:ପୂର୍ବାହ୍ନ୧୦ଟା ୩୦।
- ଜିଲା ସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା ୩୦।
- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର,ସ୍ଥାନ:ମାହେଶ୍ୱରୀ ବିଜ୍ଞାନ ଓ କଳା ମହାବିଦ୍ୟାଳୟ, ଶଙ୍କରା,ସୁନ୍ଦରଗଡ,ସମୟ: ଅପରାହ୍ନ ୩ଟା୩୦।
- ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତିର ପ୍ରଥମ ଗଭର୍ଣ୍ଣିଂ ବଡି ମିଟିଂ, ସ୍ଥାନ: ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ସମୟ:ଅପରାହ୍ନ ୪ଟା।

**ବରଗଡ଼**
- ଅଭିଭାବକ ସଂଘର ଧାରଣା, ସ୍ଥାନ: ଦଧିବାମନ ହାଇସ୍କୁଲ, କୁମେଲସିଂହା, ଅତାବିରା, ସମୟ: ସକାଳ ୯ଟା ୩୦।
- ବୀର ମନୋହର ସିଂଙ୍କ ବଳିଦାନ ଦିବସ, ସ୍ଥାନ: ଚିତାଖାଇ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଜୀକରଣ ଅବଧି ବୃଦ୍ଧି ଦାବିରେ ଚାଷୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ମକ୍ସି ଫୋଟୋ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଏକ ପେଡ୍ ମାଁ କେ ନାମ୍ ସଚେତନତା ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା ।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ବ୍ଲକସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ମା' ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ ପରିସର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳ ପୂଜାର ତୃତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର କର୍ଡାପାଲ, ମୁର୍ଷୁଣ୍ଡି ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା।
- ଦେବିବୁଢ଼ୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବହଳପଦର ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗା ମନ୍ଦିରରେ ମହାଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଷଷ୍ଠତମ ରୟାଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଦିବସ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ତୃତୀୟସ୍ଥ ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ଲାଭକରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ନେବାର ଯୋଜନା କାର୍ଯ୍ୟକାରୀ ହେବ। ତର୍କବିତର୍କକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ସୃଷ୍ଟି ହୋଇପାରେ।

**ବୃଷ** ଭାଗ୍ୟାଧିପ ଏକାଦଶସ୍ଥ ଯୋଗୁ ଅର୍ଥ ଓ ସମ୍ମାନ ମିଳିବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଅପ୍ରିୟ ସତ୍ୟ ଭାଷଣ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତପାର୍ଥକ୍ୟ ସୃଷ୍ଟିକରିବ। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ବିଚାରବିମର୍ଶ ସହ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବା ଆଶା ରହିଛି।

**ମିଥୁନ** ରାଶିରେ ଧନକର୍ମାଧିପତିଙ୍କ ସଂଯୋଗ ହେତୁ କର୍ମାରମ୍ଭ ସକାଶେ ଜୋର୍‌ସୋରରେ ପ୍ରସ୍ତୁତି ଚଳାଇ ପାରନ୍ତି। ବନ୍ଧୁ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟ ପ୍ରୀତିପ୍ରଦ ହେବ। ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସିଆଲି କାମରେ କେତେକ ଘଟଣା ମୁଣ୍ଡବିନ୍ଧାର କାରଣ ପାଲଟିଯାଇପାରେ।

**କର୍କଟ** ରାହୁଦୃଷ୍ଟ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବହେଳାକରି ଅନୁତପ୍ତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ପରିବାରର ଆବଶ୍ୟକତା ପୂରଣ ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଶଂସିତ ହେବା ସହ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ସ୍ୱଗୃହୀ ରବିଙ୍କ ଯୋଗୁ ଦକ୍ଷତା ଓ ବଳିଷ୍ଠ ବ୍ୟକ୍ତିତ୍ୱ ସାମାଜିକ ସ୍ତରରେ ସମ୍ମାନର ଶୀର୍ଷକୁ ନେବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟରେ ଉନ୍ନତି ସହ କାର୍ଯ୍ୟହାସଲରେ ଆନନ୍ଦ ଅନୁଭବ କରିବେ। ଉପରିସ୍ଥଙ୍କ ଆଦେଶରେ ନୂତନ ଦାୟିତ୍ୱ ହାତକୁ ନେବେ। ଆଜିର ଯାତ୍ରା, ପ୍ରଶାସନ ଓ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ।

**କନ୍ୟା** ବୁଧ ରାଶିରେ ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧିରୁ କାମ ହାସଲକରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି। ରାଜନୈତିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମର ପରିସ୍ଥିତି ଗମ୍ଭୀର ରହିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆବଶ୍ୟକ ସାହାଯ୍ୟ କରିବେ।

**ତୁଳା** ଦଶମ କେନ୍ଦ୍ରରେ ବୃହସ୍ପତିଙ୍କ ଯୋଗୁ ଆପଣଙ୍କର ଅନୁକମ୍ପାର ଆବଶ୍ୟକତାକୁ ନେଇ ସମ୍ପର୍କୀୟ ଆଶାୟୀ ହେବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ କ୍ଷେତ୍ରରୁ ଉପକୃତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ଫଳରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ପାରିବାରିକ ସ୍ଥିତି ପୂର୍ବପରି ରହିବା ସହ ଯାତ୍ରା, ଆଲୋଚନା, ବନ୍ଧୁଙ୍କ ପରାମର୍ଶରୁ ଖୁସି ରହିପାରନ୍ତି।

**ବିଛା** ଗୁରୁ ଦୃଷ୍ଟିରେ ମଙ୍ଗଳ ଯୋଗୁ ସଂଯମ ଚିନ୍ତାଧାରା ସହ ଦୁଃସାହସିକ ପଦକ୍ଷେପ କାର୍ଯ୍ୟ ହାସଲରେ ସହାୟକ ହେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ ଆଶାଜନକ ଖବର ପାଇ ଖୁସିହେବେ। ବନ୍ଧୁଙ୍କ ସହ ଆଳାପରେ ସମୟ କଟିପାରେ। ସଭାସମିତି, ଜମିଜମା କାରବାରରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ** ଚନ୍ଦ୍ର ସହ ଗୁରୁଙ୍କ ଦୃଷ୍ଟି କାରଣରୁ ଦୀର୍ଘଦିନର ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିବେ। ଆଜିର ଦୂରଯାତ୍ରା ସଫଳ ହେବ। ନୂତନ ଜିନିଷ ଲାଭକରି ପରିବାରରେ ଆଦରଣୀୟ ହେବେ। ପଡ଼ୋଶୀଙ୍କ କଳହ ମାନସିକ ଅଶାନ୍ତିର କାରଣ ହୋଇପାରେ। ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ପାଇ ଏକ ପ୍ରକାର ଖୁସି ରହିପାରନ୍ତି।

**ମକର** କୋଣଭାବକୁ ମଙ୍ଗଳଙ୍କ ଦୃଷ୍ଟିରୁ ଦୁଶ୍ଚିନ୍ତା ଦୂରେଇଯିବା ସହ କାମ ହାସଲକରିବେ। ପାରସ୍ପରିକ ବୁଝାମଣା ପାରିବାରିକ ଜୀବନରେ ଆଶାର ଆଲୋକକୁ ପ୍ରଜ୍ୱଳିତ କରିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ। ପ୍ରତ୍ୟାବର୍ତ୍ତନ ପଥରେ ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟରେ ଉନ୍ନତି ଓ ବନ୍ଧୁଙ୍କ ସାହାଯ୍ୟକାରୀ ମନୋବୃତ୍ତିରୁ ଖୁସି ହେବେ। କିଛି ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ କଟିବ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟରେ ସଫଳତା ହାସଲକରିବେ, କିନ୍ତୁ ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟିକରିପାରେ ।

**ମୀନ** ସପ୍ତମ କେନ୍ଦ୍ରସ୍ଥ ବୁଧଙ୍କ ଯୋଗୁ ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନାରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନାହିଁ।

ଆଜି ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ୍ ଦିବସ, ଆଶ୍ୱିନ କୃଷ୍ଣ ଦଶମୀ ମଙ୍ଗଳବାର। ରାଶି ନକ୍ଷତ୍ର–ପୁନର୍ବସୁ/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ଦିବା ଘ.୦୫।୩୭ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨।୪୩ ଗତେ, ଘ. ୦୪।୧୪ ମଧ୍ୟେ ରାହୁକାଳ।

# ବିପଦପୂର୍ଣ୍ଣ ଗାଡ଼ି ଚଳାଇଲେ ଲାଇସେନ୍ସ ରଦ୍ଦ: ମନ୍ତ୍ରୀ

ଭୁବନେଶ୍ୱର,୧୫।୯(ସୁନିତ୍ ମିଶ୍ର)

ଏଣିକି ବିପଦପୂର୍ଣ୍ଣ ଗାଡ଼ି ଡ୍ରାଇଭିଂ କଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିଦିଆଯିବ। ବିପଦପୂର୍ଣ୍ଣ ଗାଡ଼ି ଚାଳନା ବିରୋଧରେ ରାଜ୍ୟ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ରିଲ୍ସ ନାଁରେ ଯେଉଁମାନେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ଉପରେ କଡା ନଜର ରଖାଯିବ। ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିମାନଙ୍କ ଉପରେ ମଧ କଡା ନଜର ରହିବ। ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟର ସମସ୍ତ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଗାଡି ଜବତ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଏବଂ ଜରିମାନା ଆଦାୟ କରିବାକୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରୁ ରିଲ୍ସ କରିବା ନିଶାରେ ବେପରୁଆ ଗାଡି ଡ୍ରାଇଭିଂ କରୁଥିବାର ଏକାଧିକ ଭିଡିଓ ନଜରକୁ ଆସୁଛି। ଗୋଟିଏ ଘଟଣା ଏପରି ଯେ ବେପରୁଆ ଗାଡି ଚଳାଉଥିବା ବ୍ୟକ୍ତିଙ୍କ ନାଁରେ ଗାଡିର କାଗଜପତ୍ର ନାହିଁ। ତେଣୁ ଏଭଳି ଘଟଣା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେକ୍ସନ ୫୩ ଆଇନ ଅନୁଯାୟୀ ଯେଉଁମାନେ ଏଭଳି ଦଣ୍ଡନୀୟ କାର୍ଯ୍ୟ କରିବେ ସେମାନଙ୍କ ବିରୋଧରେ ଜାମିନ୍ ବିହୀନ ପରୱାନା ସାଙ୍ଗକୁ ମୋଟା ଅଙ୍କର ଜରିମାନା ଆଦାୟ ପାଇଁ ନିଷ୍ପତ୍ତି ନିଆଯାଇଛି।

# ନୂଆପଡ଼ା ଉପନିର୍ବାଚନ: ରାଜନୈତିକ ଦଳଙ୍କ ସହ ସିଇଓଙ୍କ ବୈଠକ

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

ନୂଆପଡ଼ାରେ ହେବାକୁ ଥିବା ସମ୍ଭାବ୍ୟ ଉପନିର୍ବାଚନକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ଅପରାହ୍ନରେ ରାଜ୍ୟର ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଇଓ କହିଛନ୍ତି, ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଜୁଲାଇ ପହିଲାକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ ଓଡ଼ିଶାର ୭୧–ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସମ୍ଭାବ୍ୟ ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ସବୁ ରାଜନୈତିକ ଦଳ ସେମାନଙ୍କର ପ୍ରତିନିଧି ତୁରନ୍ତ ଦେବା ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଯେତେ ଶୀଘ୍ର ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରାଯିବ, ସେତେଶୀଘ୍ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରାଯାଇପାରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଏସ୍‌ଏସ୍‌ଆର୍ ପୂର୍ବରୁ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨ଲକ୍ଷ ୪୮ହଜାର ୨୫୬ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷ ବର୍ଗର ୧ଲକ୍ଷ ୨୧ହଜାର ୧୦୩ଜଣ ରହିଥିବାବେଳେ ମହିଳା ବର୍ଗର ୧ଲକ୍ଷ ୨୬ହଜାର ୧୩୨ଜଣ ମତଦାତା ରହିଛନ୍ତି। ଏହାବାଦ୍ ୨୧ଜଣ ତୃତୀୟଲିଙ୍ଗ ବର୍ଗର ରହିଛନ୍ତି। ବୈଠକରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା। ବୈଠକରେ ବିଜେଡିର ବରିଷ୍ଠ ନେତା ତଥା ଉପସଭାପତି ଦେବୀପ୍ରସାଦ ମିଶ୍ର ଓ ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସହିତ ଅନ୍ୟାନ୍ୟ ଦଳର ପ୍ରତିନିଧି ଓ ସିଇଓଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପାଲଟା ଅଭିଯୋଗକଲେ ନିଲମ୍ବିତ ଶିକ୍ଷୟିତ୍ରୀ

**ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ପିଲାଙ୍କୁ ନିସ୍ତୁକ ମାଡ଼ ମାରିବା ଘଟଣା**

ବେତନଟୀ/ବୈଶିଙ୍ଗା,୧୫।୯
(ଧରଣୀଧର ମହାନ୍ତି/ରତନ ଦାଶ)

ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ୩୦ଜଣ ଛାତ୍ରୀଛାତ୍ରଙ୍କୁ ବାଉଁଶବାଡ଼ିରେ ନିସ୍ତୁକ ମାଡ଼ମାରି ଆହତ କରିବା ଅଭିଯୋଗରେ ନିଲମ୍ବିତ ଶିକ୍ଷୟିତ୍ରୀ ଘଟଣାର ୨ଦିନ ପରେ ସୋମବାର କେତେଜଣ ଅଭିଭାବକକଙ୍କ ନାଁରେ ବୈଶିଙ୍ଗା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଭାବକମାନେ ସୋମବାର ତାଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଓ ତାଙ୍କ ଶ୍ୱଶୁର ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଏବଂ ଧମକଚମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ବାରିଣୀ ଦାସ ଏକ ମାମଲା (ନଂ. ୪୭୧/୨୫) ରୁଜୁ କରିଛନ୍ତି। ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ବେତନଟୀ ବ୍ଲକ୍ ଅଧୀନ ପାଟଳିପୁରା ପଞ୍ଚାୟତ ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି କର ଗତ ଗୁରୁବାର ବିଦ୍ୟାଳୟରେ ପ୍ରାର୍ଥନା ସରିବା ପରେ ପ୍ରଣାମ ନ କରିବାରୁ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୩୦ ଜଣ ଛାତ୍ରୀଛାତ୍ରଙ୍କୁ କ୍ଲାସ୍‌ରୁମ୍‌କୁ ଯାଇ ଏକ ବାଉଁଶବାଡ଼ିରେ ନିସ୍ତୁକ ମାଡ଼ମାରି ଆହତ କରିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଆଲୋଚନା ହେବା ସହ ଅଭିଭାବକମାନେ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଇଓ ବିପ୍ଳବ କର ବିଦ୍ୟାଳୟରେ ପହଞ୍ଚି ତଦନ୍ତକରି ଚିଠି ନଂ.୨୫୭୭/୧୩।୯।୨୫ରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଛ ମୁଁ କାଟିଲି ଖଣ୍ଡିଖଣ୍ଡିକା**
**ମଝି ଖଣ୍ଡି କଲି ଭଜା**
**ତୁ ମତେ କହୁ ବିଟପୀ ନାରୀ**
**ପରାସ କରି ନ ଯା।**

ବିଶ୍ୱାସ ଓ ଭରସା ଉପରେ ପ୍ରତିଷ୍ଠିତ ସ୍ୱାମୀ–ସ୍ତ୍ରୀଙ୍କ ସମ୍ପର୍କ। ମାତ୍ର ଯେତେବେଳେ ଜଣେ ଅନ୍ୟଜଣଙ୍କୁ ଅବିଶ୍ୱାସ କରିବା ଆରମ୍ଭ କରିଦିଏ ସେତେବେଳେ ତୁଟିଯାଏ ଭରସା, ବେଶିଦିନ ରହିପାରେ ନାହିଁ ଆଗର ସେ ସମ୍ପର୍କ। ସେହିପରି ସ୍ତ୍ରୀର ଚରିତ୍ର ଉପରେ ସ୍ୱାମୀ ଯଦି ସନ୍ଦେହ କରି ବସେ ତା'ହେଲେ ସ୍ତ୍ରୀର ବିବଶତା ବହୁ ପରିମାଣରେ ବଢ଼ିଯାଇଥାଏ ଓ ଏହାକୁ ସହ୍ୟ କରିବା ତା'ପକ୍ଷେ ଅସମ୍ଭବ ହୋଇପଡ଼ିଥାଏ। ଏପରି ସ୍ଥିତିରେ ପ୍ରବାସୀ ସ୍ୱାମୀକୁ ଘରେ ରହିବା ନେଇ ସ୍ତ୍ରୀ ପ୍ରବର୍ତ୍ତାଉ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମତେ ନ ବୋଲିବ ବୁଢ଼ୀ**
**ମୁଁ ବଅସରେ ପାଞ୍ଚ କୋଡ଼ି।**

ମହିଳାମାନେ ସାଧାରଣତଃ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ଜଣକ ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୧୨ ଜିଲାରେ...

ପ୍ରଥମ ପୃଷ୍ଠାରୁ...

ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ସରକାରୀ ବ୍ୟବସ୍ଥାରେ ବ୍ୟୁରୋକ୍ରାଟିକ୍ ପ୍ରତିବନ୍ଧକକୁ ହଟାଯାଇଛି ବୋଲି ସେ କହିଛନ୍ତି। ଏକ୍ ପେଡ୍ ମା କି ନାମ୍ ୨.୦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତ ଉଦ୍ୟୋଗୀ ତଥା ଶିଳ୍ପାନୁଷ୍ଠାନ ନିଜ ଅଞ୍ଚଳରେ ଯେତେ ଅଧିକ ସମ୍ଭବ ଚାରାରୋପଣ କରନ୍ତୁ। ବିକାଶ ଓ ପରିବେଶ ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବା ଉଚିତ। ଆସନ୍ତା୧୭ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ପାଳନହେବ। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାକୁ ସମ୍ମାନ ଜଣାଇ ତାଙ୍କ ପ୍ରତି ଏକ ଉପହାର ସ୍ୱରୂପ ରାଜ୍ୟବାସୀ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ନିଷ୍ପତ୍ତି କରିଛନ୍ତି।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ବର୍ତ୍ତମାନ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଭରସା ଓ ବିଶ୍ୱାସ ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି, ଯାହାର ଇଚ୍ଛା ଓ ଦୃଢ଼ ମନୋବଳ ଅଛି ସେ ଦିନେ ନା ଦିନେ ସଫଳ ହେବେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସର୍ବଦା ରହିଆସିଛି, କିଭଳି ଗ୍ରାଉଣ୍ଡ ଜିରୋରୁ ସଫଳତା ମିଳିବ। ଏହି ଭରସାରେ ରାଜ୍ୟ ସରକାର ଶିଳ୍ପକ୍ଷେତ୍ରରେ ଅଗ୍ରଗତି କରୁଛନ୍ତି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

## ସିବିଏସ୍‌ଇର ନୂଆ ନିୟମ...

ଚଳିତବର୍ଷରୁ ଏହା ଲାଗୁ ହେବ। ସର୍ତ୍ତାବଳୀ ବା ନିୟମ ପାଳନ କରୁ ନ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ସାନ୍ୟମ ଭରଦ୍ୱାଜଙ୍କ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ କରାଯାଇଛି। ସେଥିଲେ ଉଲ୍ଲେଖ କରାଯାଇଛି ଯେ, ଦଶମ ପରୀକ୍ଷା ପାଇଁ ସେହି ସ୍କୁଲରେ ନବମ ଶ୍ରେଣୀ ପଢ଼ିବାକୁ ପଡ଼ିବ। ସେହିପରି ଦ୍ୱାଦଶ ପରୀକ୍ଷା ପାଇଁ ଏକାଦଶ ପଢ଼ିବାକୁ ବାଧ୍ୟତାମୂଳକ କରାଯାଇଛି। ସ୍କୁଲରେ ଅତିକମ୍‌ରେ ୭୫% ଉପସ୍ଥାନର ଆବଶ୍ୟକତା ରହିଛି। ସିବିଏସ୍‌ଇ ଦ୍ୱାରା ପ୍ରଦତ୍ତ ସମସ୍ତ ବିଷୟରେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନକୁ ପ୍ରାଧାନ୍ୟ ଦିଆଯାଇଛି। ପିଲାମାନେ ସ୍କୁଲରେ ଅନୁପସ୍ଥିତ ଥିଲେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ କରାଯାଇପାରିବ ନାହିଁ। ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ ହୋଇ ନ ଥିଲେ ରେଜଲ୍ଟ ଘୋଷଣା କରାଯିବ ନାହିଁ। ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଦୁଇଟି ଅତିରିକ୍ତ ବିଷୟ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ ଅତିରିକ୍ତ ବିଷୟ ବାଛିବାର ବିକଳ୍ପ ପାଇବେ। କିନ୍ତୁ ଏହି ବିଷୟଗୁଡ଼ିକୁ ମଧ ଉଭୟ ବର୍ଷ ପାଇଁ ପଢ଼ିବାକୁ ପଡ଼ିବ। ଯେଉଁ ବିଷୟଗୁଡ଼ିକ ସ୍କୁଲରେ ଉପଲବ୍ଧ ନାହିଁ କିମ୍ବା ସ୍ୱତନ୍ତ୍ର ଶିକ୍ଷକ ନାହାନ୍ତି, ସେହି ବିଷୟଗୁଡ଼ିକୁ ବୋର୍ଡ ପରୀକ୍ଷାରେ ସାମିଲ କରାଯିବ ନାହିଁ। ଯଦି ଜଣେ ଛାତ୍ର ତାଙ୍କ ଅତିରିକ୍ତ ବିଷୟରେ ବିଫଳ ହୁଅନ୍ତି, ତେବେ ତାଙ୍କୁ 'କମ୍ପାର୍ଟମେଣ୍ଟ' କିମ୍ବା 'ଆବଶ୍ୟକୀୟ ପୁନରାବୃତ୍ତି' ଦିଆଯିବ। ସେ ପରବର୍ତ୍ତୀ ଥର ବ୍ୟକ୍ତିଗତ ପ୍ରାର୍ଥୀ ହୋଇ ପୁଣି ଥରେ ପରୀକ୍ଷା ଦେଇପାରିବେ। ଏହି ନିୟମଗୁଡିକ ପୂରଣ ନ କଲେ, ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷାରେ ବ୍ୟକ୍ତିଗତ ପ୍ରାର୍ଥୀ ଭାବେ ଅତିରିକ୍ତ ବିଷୟ ପାଇଁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

## ୱକ୍‌ଫ: ଜିଲାପାଳଙ୍କ...

ଥିବା ବ୍ୟବସ୍ଥା ଉପରେ ମଧ ରୋକ୍ ଲଗାଯାଇଛି। ଉପଯୁକ୍ତ ଅଧିକାରୀ ଉକ୍ତ ସମ୍ପତ୍ତିକୁ ଯଦି ସରକାରୀ ସମ୍ପତ୍ତି ଭାବେ ନିର୍ଦ୍ଧାରଣ କରନ୍ତି, ତେବେ ସେ ରାଜସ୍ୱ ରେକର୍ଡରେ ଆବଶ୍ୟକ ସଂଶୋଧନ କରାଇବା ସହ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ବ୍ୟବସ୍ଥା ଉପରେ ସ୍ଥଗିତାଦେଶ ଲାଗୁ ହୋଇଛି। ସେହିପରି ଟ୍ରିବ୍ୟୁନାଲ ଦ୍ୱାରା ବିବାଦୀୟ ସମ୍ପତ୍ତିର ମାଲିକାନା ହକ୍ ସମ୍ପର୍କରେ ଚୂଡ଼ାନ୍ତ ନିର୍ଦ୍ଧାରଣ ନ ହେବା ଯାଏ ଅପିଲ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବ, ତୃତୀୟ ପକ୍ଷ ଅଧିକାର ସୃଷ୍ଟି ହେବାକୁ ଦିଆଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଧାରା ୨୩ ଅନୁଯାୟୀ ସଂଶୋଧିତ ଆଇନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତାଙ୍କ ସେବା ସର୍ତ୍ତାବଳୀ ଉପରେ ଅଦାଲତ ସ୍ଥଗିତାଦେଶ ଲଗାଇ ନ ଥିବାବେଳେ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯଥାସମ୍ଭବ ମୁସଲମାନ ସମ୍ପ୍ରଦାୟରୁ ସମ୍ପାଦକ ପଦବୀରେ ରହିଥିବା ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।




# ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବାକୁ ଗୁରୁତ୍ୱ ଦିଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୯ (ରବିନାରାୟଣ ଜେନା)**

ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବାକୁ ଗୁରୁତ୍ୱ ଦେବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଏକାଦଶତମ ନିଯୁକ୍ତି ମେଳାରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ ସେ କହିଛନ୍ତି, ଲୋକଙ୍କ ସେବା ହିଁ ପ୍ରକୃତ ସେବା। ସରକାରୀ ଚାକିରି କେବଳ ସୁରକ୍ଷିତ ଜୀବନ ଜୀବିକା ପ୍ରଦାନ କରି ନ ଥାଏ, ଏହା ହେଉଛି ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା ଉଚିତ। ସଚ୍ଚୋଟତାକୁ କର୍ମସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ କରିପାରିଲେ ଅସୀମିତ ଆତ୍ମସନ୍ତୋଷ ମିଳିଥାଏ। ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ଆପଣଙ୍କ ପାଇଁ ସବୁଠାରୁ ବଡ଼ ପୁଞ୍ଜି ହେବ ବୋଲି ନବନିଯୁକ୍ତିଙ୍କୁ ସେ କହିଛନ୍ତି।

ଏହି ନିଯୁକ୍ତିମେଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨ ଜଣ, ଜଳ ସମ୍ପଦ ବିଭାଗରେ ୪୧୩ ଜଣ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ୩୪ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩ ଜଣ, ଅର୍ଥ ବିଭାଗରେ ୬୧ ଜଣ ଓ ଆଇନ୍ ବିଭାଗରେ ୩୭ ଜଣଙ୍କୁ ଏହିଭଳି ସମୁଦାୟ ୧,୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସାମ୍ପ୍ରତିକ ସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ରୋଜଗାର ବିଶେଷ ଭାବେ ନିଯୁକ୍ତି ବୋଲି କହିଛନ୍ତି। ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ଆମେ ଏବକକୁ ମିଶାଇ ସମୁଦାୟ ୩୦,୦୩୨ଟି ପଦବୀରେ ନିଯୁକ୍ତି ପ୍ରଦାନ କରିଛୁ। ସରକାର ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଜୁନ୍ ୨୦୨୬ ଶେଷସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ସରକାରୀ ପଦବୀ ପୂରଣ କରିବାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି, ପ୍ରତିଭା ଆଧାରରେ ଚୟନ କରାଯାଉଛି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ୧,୦୭,୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଖୁସି ବ୍ୟକ୍ତକରି କହିଛନ୍ତି, ଆମ ସରକାରରେ ଯେତେ ବି ପରୀକ୍ଷା ହେଉଛି କୌଣସିଠାରେ ଦୁର୍ନୀତି ବା ଅନିୟମିତତାର ଅଭିଯୋଗ ଆସିନାହିଁ। ଯେତେବେଳେ ବି ସାମାନ୍ୟତମ ସୁରାକ ଆସୁଛି, ତା' ଉପରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମ ସରକାରର ଲକ୍ଷ୍ୟ ହେଉଛି, ସବୁ ପରୀକ୍ଷାର୍ଥୀଙ୍କୁ ଲେଭଲ ପ୍ଲେଇଂ ଫିଲ୍ଡ(ଏଲ୍‌ପିଏଫ୍) ପ୍ରଦାନ କରିବା, ଯାହାଦ୍ୱାରା କେବଳ ଯୋଗ୍ୟ ପ୍ରାର୍ଥୀ ହିଁ ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

- **ଏକାଦଶ ନିଯୁକ୍ତି ମେଳାରେ ୧,୬୮୬ ଜଣଙ୍କୁ ନିଯୁକ୍ତି**
- **୧୫ ମାସରେ ୧,୦୭,୯୨୬ ଜଣଙ୍କୁ ମିଳିଛି ସରକାରୀ ଓ ବେସରକାରୀ ନିଯୁକ୍ତି**

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମ ସରକାର ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା ପୂରଣ କରିଥାନ୍ତି। ଆମର ଲକ୍ଷ୍ୟ ରହିଛି ୫ ବର୍ଷରେ ୧.୫୦ ଲକ୍ଷ ନିଯୁକ୍ତି ପ୍ରଦାନ। ଆଜି ସୁଦ୍ଧା ୩୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରାଗଲାଣି। ପାଞ୍ଚ ବର୍ଷ ଭିତରେ ଆମେ ଖାଲିଥିବା ସମସ୍ତ ପଦବୀ ପୂରଣ କରିବୁ।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଆମ ସରକାର ଆସିବା ପରେ ପ୍ରତିବଦ୍ଧତାର ସହ ଆମେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ନିଯୁକ୍ତି ମେଳା ମାଧ୍ୟମରେ ଉଦ୍ୟମ ଜାରି ରଖିଛୁ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ। କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ସାର ଅଭାବ ନେଇ ରାଜଭବନ ଆଗରେ ବିଜେଡିର ଗଣଧାରଣା

## ସାର ଯୋଗାଣ ବ୍ୟବସ୍ଥିତ କରିବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଦଳ


ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ବିଜେଡି ନେତୃବୃନ୍ଦ।

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)**

ରାଜ୍ୟରେ ସାରର ଅଭାବ ଯୋଗୁ ଚାଷୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗକରି ବିଜେଡି ସୋମବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣାକରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନରେ ରୋକ ଲଗାଇବା ପାଇଁ ସାର ଯୋଗାଣ ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ପକ୍ଷରୁ ସୋମବାର ରାଜଭବନ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ବହୁ ସଂଖ୍ୟାରେ ଚାଷୀଙ୍କ ସମେତ ଦଳର ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଦଳର ବରିଷ୍ଠ ନେତାମାନେ ଖରିଫ ଚାଷ ପାଇଁ ଚାଷୀମାନେ କିପରି ହନ୍ତସନ୍ତ ହେଉଛନ୍ତି ଓ ରାଜ୍ୟ ସରକାର ସାର ଯୋଗାଇବାରେ ସାରର କଳାବଜାର ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସାର ବ୍ୟାଗ୍ ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି। ଗତ ୨ ଦଶନ୍ଧିରେ ରାଜ୍ୟର କୃଷକମାନେ ସାରର ଅଭାବକୁ ନେଇ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ କେବେ ବି ସୃଷ୍ଟିହୋଇ ନ ଥିଲା। ସାରର ଅଭାବ ଦେଖାଦେବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ସାର ସ୍ଥିତିକୁ ମୁଖ୍ୟମନ୍ତ୍ରୀ ୨ ଥର ସମୀକ୍ଷା କଲେଣି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଛନ୍ତି, ହେଲେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ସାର ନ ପାଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ରାଜ୍ୟରେ ଖରିଫ ଧାନ ଉତ୍ପାଦନ ଅଧିକ ହେଲେ ରାଜ୍ୟ ସରକାରଙ୍କୁ ଅଧିକ ବୋନସ ଦେବାକୁ ପଡ଼ିବ ବୋଲି ରାଜ୍ୟ ସରକାର ଖରିଫ ଉତ୍ପାଦନକୁ କମ୍ କରିବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। ଏହାପରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜଭବନ ଭିତରକୁ ଯାଇ ସାରର ଅଭାବକୁ ନେଇ ଉପୁଜିଥିବା ସ୍ଥିତି ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଜୁ ଜନତା ଦଳର ବରିଷ୍ଠ ନେତା ତଥା କୃଷକ ସେଲ୍ ଆବାହକ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟପାଳଙ୍କୁ ସାର ଅଭାବ ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଅବଗତ କରାଇଛନ୍ତି। ସ୍ମାରକପତ୍ରରେ ରାଜ୍ୟରେ ସାର ଯୋଗାଣ କିପରି ବ୍ୟବସ୍ଥିତ ହୋଇପାରିବ ସେନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ବିଜେଡି ପକ୍ଷରୁ ଲୋଡ଼ାଯାଇଛି।

# ଦେବଦାସ ଛୋଟରାୟ ପାଇବେ 'ଶାରଳା ପୁରସ୍କାର'

**ଚିତ୍ରଶିଳ୍ପୀ ବଳଦେବ ମହାରଥା, ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**


କଥାକାର ଦେବଦାସ ଛୋଟରାୟ


**ଭୁବନେଶ୍ୱର, ୧୫।୯(ସୌମ୍ୟରଞ୍ଜନ ରାଉତ)**

ସାହିତ୍ୟରେ ଶ୍ରେଷ୍ଠ କୃତି ଲାଗି ଚଳିତବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ବିଶିଷ୍ଟ କବି ତଥା କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯିବ। ୨୦୨୩ ମସିହାରେ ଟାଇମପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ତାଙ୍କ ଗଳ୍ପ ସଙ୍କଳନ 'ମ୍ୟାଟିନି ଶୋ' ପାଇଁ ସେ ଏହି ପୁରସ୍କାର ପାଇବେ। ଆସନ୍ତା ଅକ୍ଟୋବର ୨୬ରେ ସ୍ୱତନ୍ତ୍ର ଉତ୍ସବରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ସୋମବାର ଘୋଷଣା କରାଯାଇଛି।

ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟରେ ସାମିଲ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ଦେବଦାସଙ୍କ ଗଳ୍ପ ସଙ୍କଳନ 'ମ୍ୟାଟିନି ଶୋ' ସମେତ ଅପର୍ଣ୍ଣା ମହାନ୍ତିଙ୍କ କବିତା ସଙ୍କଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଙ୍କଳନ 'ଭୂମି ସ୍ପର୍ଶ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା' ଓ ଗଳ୍ପ ସଙ୍କଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥ୍ୱୀ' ଓ ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା' ରହିଥିଲା। ପ୍ରାଥମିକ ପୁସ୍ତକ ଚୟନ ମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ରମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ବିଚାରକ ଥିଲାବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର।

ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ଘୋଷଣା ହୋଇଛି। ଚିତ୍ରଶିଳ୍ପୀ ବଳଦେବ ମହାରଥା ଏବଂ ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ ଚଳିତବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।



"ଗୋଟିଏ ମୁହୂର୍ତ୍ତ ଲାଗି ମଧ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ



# ଅନ୍ୟାୟ ବଣ୍ଟାହେଉଛି

ସମାଧାନ ନ ହୋଇ ପଡ଼ିରହିଥିବା ଅନେକ କୋଟି ମାମଲା ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥା ଭାରାକ୍ରାନ୍ତ ହୋଇଗଲାଣି। ଏହି ବିଷୟରେ ଅନେକ ଲେଖା ଓ ଆଲୋଚନା ଏବଂ ସମ୍ମିଳନୀ କରାଯାଉଥିବା ପରିଲକ୍ଷିତ ହେଉଛି। ଅନେକ ସମ୍ମିଳନୀରେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତିମାନେ ଯୋଗଦେଇ ସରକାରୀ ବ୍ୟବସ୍ଥାକୁ ଦୋଷ ଦେଉଛନ୍ତି। ଅନ୍ୟପଟେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସହିତ ଅନ୍ୟ ମନ୍ତ୍ରୀମାନେ ନ୍ୟାୟାଳୟ ଏବଂ ବିଚାରପତିମାନଙ୍କ ଉପରେ ଅପାରଗତାର ଦୋଷ ଲଦୁଛନ୍ତି। ମୂଳକଥା ହେଉଛି ଯେ, ଏହି ଦୁଇ ଶକ୍ତିଶାଳୀ ଗୋଷ୍ଠୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ କିମ୍ବା ଲଢ଼େଇ ଫଳରେ ସାଧାରଣ ନାଗରିକ ଦେଶର ଆଇନ ବ୍ୟବସ୍ଥା ଉପରେ ବିଶ୍ୱାସ ହରାଇ ସାରିଲେଣି। 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' ଢଗକୁ ସମସ୍ତେ ବିଶ୍ୱାସ କରିଗଲେଣି।

ନିକଟରେ ପ୍ରକାଶିତ ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ୍ (ଏନ୍‌ଜେଡିଜି) ତଥ୍ୟ ଅନୁଯାୟୀ, ୨୦୨୫ ଅଗଷ୍ଟ ଶେଷ ସୁଦ୍ଧା ଭାରତର ସୁପ୍ରିମକୋର୍ଟରେ ୮୮,୪୧୭ ମାମଲା ବିଚାର ନ ହୋଇ ପଡ଼ିରହିଛି। ଏହା ବ୍ୟତୀତ ଏନ୍‌ଜେଡିଜି ରିପୋର୍ଟରୁ ଜଣାପଡ଼େ ଯେ, ଦେଶର ବିଭିନ୍ନ ଜିଲା କୋର୍ଟ ଓ ହାଇକୋର୍ଟଗୁଡ଼ିକରେ ପାଖାପାଖି ୫ କୋଟି ୩୯ ଲକ୍ଷ ମାମଲାର ବିଚାର ହୋଇପାରି ନାହିଁ। ଏହିସବୁ ମାମଲାରେ ସବୁଠୁ ବଡ଼ ଲିଟିଗାଣ୍ଟ ବା ପକ୍ଷ ହେଉଛନ୍ତି ସରକାର ଏବଂ ପ୍ରାୟ ୫୦% ମାମଲା ସରକାରଙ୍କ ତରଫରୁ ହୋଇଛି। ସମ୍ପତ୍ତି ଓ ଜମିକୁ ନେଇ ସମୁଦାୟ ମାମଲାର ୨୦ ପ୍ରତିଶତ ରହିଥିବା ବେଳେ ବକେୟା ମାମଲାର ଏହା ହେଉଛି ପ୍ରାୟ ୬୬ ପ୍ରତିଶତ। ଉଲ୍ଲେଖନୀୟ ଯେ, ଦେଶର ସମସ୍ତ ଜିଲା କୋର୍ଟ ଓ ହାଇକୋର୍ଟରେ ୧,୮୦,୦୦୦ରୁ ଅଧିକ ମାମଲା ୩୦ ବର୍ଷରୁ ଅଧିକ ସମୟ ଧରି ବିଚାର ନ ହୋଇ ପଡ଼ିରହିଛି। ଏଭଳି ସ୍ଥିତିର କେତୋଟି କାରଣ ମଧ୍ୟରେ ରହିଛି ବିଚାରପତିଙ୍କ ଅଭାବ ଓ ଠିକ୍ ସମୟରେ ସେସବୁ ପଦବୀ ପୂରଣ ହେଉନାହିଁ। ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ହାଇକୋର୍ଟଗୁଡ଼ିକରେ ଏକତୃତୀୟାଂଶ ପଦବୀ ଖାଲି ରହିଥିଲାବେଳେ ଜିଲାକୋର୍ଟଗୁଡ଼ିକରେ ୪,୭୦୦ରୁ ଅଧିକ ବିଚାରପତି ନାହାନ୍ତି। ଏହାବ୍ୟତୀତ ଦେଶରେ ବିଚାରପତି ଓ ଜନସଂଖ୍ୟା ଅନୁପାତ କମ୍‌ରହୁଛି। ୧୦ ଲକ୍ଷ ଲୋକରେ ୫୦ ଜଣ ବିଚାରପତି ରହିବା ଜାଗାରେ ଏବେ ଅଛନ୍ତି ମାତ୍ର ୧୫ ଜଣ।

> **ସବୁ ଦୋଷ ନ୍ୟାୟପାଳିକା ଉପରେ ଲଦି ଦେଲେ ହେବ ନାହିଁ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ବିଭାଗ ତରଫରୁ ନ୍ୟାୟ ମିଳୁନି ଏବଂ ବିଶେଷକରି ଅପରାଧଜନିତ ମାମଲା ପୋଲିସ ଦ୍ୱାରା ଉଚିତ ଭାବେ ତଦନ୍ତ ହୋଇ ସମାଧାନ ହୋଇପାରୁ ନ ଥିବାରୁ ନ୍ୟାୟାଳୟ ଉପରେ ବୋଝ ବଢ଼ୁଛି। ଏହା ବ୍ୟତୀତ ରାଜସ୍ୱ ଅର୍ଥାତ୍ ଜମିଜମା, ପୈତୃକ ସମ୍ପତ୍ତି ଏବଂ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଦେଖାଯାଉଥିବା ଦ୍ୱନ୍ଦ୍ୱସବୁ ମୌଳିକ ସ୍ତରରେ ସମାଧାନ ହୋଇପାରନ୍ତା।**

ସେହିଭଳି ସୁପ୍ରିମ୍‌କୋର୍ଟର ଏବେ ସମସ୍ତ ୩୪ ବିଚାରପତି ପଦବୀ ପୂରଣ ହୋଇଥିଲେ ମଧ୍ୟ ମାମଲାର ତ୍ୱରିତ ସମାଧାନ ଆସିପାରୁ ନାହିଁ ବୋଲି କୁହାଯାଉଛି। ଏବର ବକେୟା ୮୮,୪୧୭ ମାମଲାକୁ ଦେଖିଲେ ପଦବୀ ସଂଖ୍ୟା କଦାପି ପର୍ଯ୍ୟାପ୍ତ ନୁହେଁ। ଉପରୋକ୍ତ ମାମଲାରୁ ଅଧିକାଂଶ ଦୀର୍ଘବର୍ଷ ଧରି ଗଡ଼ି ଆସିଥିବାରୁ ସହସା ସବୁର ସମାଧାନ ଅସମ୍ଭବ ଲାଗୁଛି। ସେଥିପାଇଁ ଶୀର୍ଷ ଅଦାଲତଙ୍କୁ ଅଭିନବ ଉପାୟ ବାହାର କରିବାକୁ ପଡ଼ିବ। ଏଭଳି ପରିପ୍ରେକ୍ଷୀରେ ବକେୟା ମାମଲା ହ୍ରାସ ଲାଗି ଏକ ସ୍ଥାୟୀ ବ୍ୟବସ୍ଥାର ଆବଶ୍ୟକତା ପଡ଼ିଲାଣି। ଆଇନ ସମ୍ବନ୍ଧୀୟ ନୂତନ ପ୍ରଯୁକ୍ତି ରଣନୀତିକୁ ଏ ଦିଗରେ ପ୍ରୟୋଗ କରାଗଲେ ହୁଏତ ସୁଫଳ ମିଳିପାରେ। ବିଭିନ୍ନ କୋର୍ଟରେ ୩୦ ବର୍ଷରୁ ଅଧିକ ସମୟ ବକେୟା ପଡ଼ିରହିଥିବା ମାମଲାର ଯଦିବା ସମାଧାନ ଆସିବ ତାହା 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ' ବୋଲି ଧରାଯିବ। ଏଥିସହିତ ସର୍ବୋଚ୍ଚ ଅଦାଲତ ଉପରେ କିଭଳି ଅଧିକ ବୋଝ ନ ପଡ଼ିବ, ସେଥିପାଇଁ ନିମ୍ନ କୋର୍ଟ (ସବ୍‌ଅର୍ଡିନେଟ ଜୁଡିସିଆରି)ରୁ ହାଇକୋର୍ଟ ଯାଏ ମାମଲାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି। କେବଳ ସବୁ ଦୋଷ ନ୍ୟାୟପାଳିକା ଉପରେ ଲଦି ଦେଲେ ହେବ ନାହିଁ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ବିଭାଗ ତରଫରୁ ନ୍ୟାୟ ମିଳୁନି ଏବଂ ବିଶେଷକରି ଅପରାଧଜନିତ ମାମଲା ପୋଲିସ ଦ୍ୱାରା ଉଚିତ ଭାବେ ତଦନ୍ତ ହୋଇ ସମାଧାନ ହୋଇପାରୁ ନ ଥିବାରୁ ନ୍ୟାୟାଳୟ ଉପରେ ବୋଝ ବଢ଼ୁଛି। ଏହା ବ୍ୟତୀତ ରାଜସ୍ୱ ଅର୍ଥାତ୍ ଜମିଜମା, ପୈତୃକ ସମ୍ପତ୍ତି ଏବଂ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଦେଖାଯାଉଥିବା ଦ୍ୱନ୍ଦ୍ୱସବୁ ମୌଳିକ ସ୍ତରରେ ସମାଧାନ ହୋଇପାରନ୍ତା। ଦୁର୍ନୀତି ହେଉ କିମ୍ବା ତଳକୋର୍ଟର ଅପାରଗତା ଯୋଗୁ ଦିଆଯାଉଥିବା ନ୍ୟାୟ ସମସ୍ତଙ୍କୁ ଲାଗୁଛି ଅନ୍ୟାୟ ବଣ୍ଟା ହେଉଛି। ଫଳରେ ଉପର କୋର୍ଟକୁ ଯିବା ପାଇଁ ଲୋକେ ବାଧ୍ୟ ହେଉଛନ୍ତି।


# ସେ ଯେଉଁ ସଙ୍ଗୀତ ସାନ୍ନିଧ୍ୟ



ବ୍ରଜମୋହନ ମିଶ୍ର

"ଅ ବନ୍ଧୁ ଜୀବନ ଅସୂର୍ଯ୍ୟ ମହୀ/ଦେହ ଧରି କିଏ ପାରିବ ରହି!"– ଖୁବ୍ ମର୍ମସ୍ପର୍ଶୀ ଏ କାବ୍ୟିକ ଉଚ୍ଚାରଣ ଜୀବନ ଓ ବଞ୍ଚିବା ସମ୍ପର୍କରେ କେଡ଼େବଡ଼ ସତ୍ୟଟିଏ ଉପସ୍ଥାପନ ନ କରେ! ସୂର୍ଯ୍ୟ ନ ଥିବେ ଅଥଚ ସଂସାର ଥିବ ପୁଣି ବଞ୍ଚିବା ଥିବ ଆଉ ବନ୍ଧୁ ନ ଥିବେ – ଏ ପ୍ରକାର ସ୍ଥିତି ବିକଳ ଏବଂ ଅସମ୍ଭବ ମଧ୍ୟ। ବ୍ୟକ୍ତିର ସମ୍ଭବ, ତା'ର ସଂସ୍ଥିତି ଆଉ ତା'ର ସକଳ ସମ୍ଭାବନାର ସୌନ୍ଦର୍ଯ୍ୟ ଏଇ ଦୁଇ ଶକ୍ତି ଉପରେ ନିର୍ଭର କରିଥାଏ। ସୂର୍ଯ୍ୟ ଓ ବନ୍ଧୁଦ୍ୱୟର ବୌଦ୍ଧିକ ବ୍ୟବଚ୍ଛେଦ କଲେ ଏହା ପ୍ରାଞ୍ଜଳ ହୋଇଉଠିବ ଯେ ସୂର୍ଯ୍ୟ ଏକ ସଙ୍ଗୀତ ପୁଣି ବନ୍ଧୁ ମଧ୍ୟ ଏକ ସଙ୍ଗୀତ। ସଙ୍ଗୀତର ଆତ୍ମା ହେଉଛି ଅର୍ଥାତ୍ ସମ୍ମେଳନ ବିଭିନ୍ନ ରାଗର ସମ୍ୟକ୍ ମିଳନ ନ ହେଲେ ସଙ୍ଗୀତ ସୃଷ୍ଟି ହୋଇପାରେନା। ଅର୍ଥାତ୍ ସାରେଗାମାପାଧାନିର ଆତ୍ମିକ ମିଳନ ଉପରେ ସଙ୍ଗୀତ ପରି ନାନ୍ଦନିକ କଳା ପ୍ରତିଷ୍ଠିତ। ଏହି ସପ୍ତସ୍ୱର (ଷଡ଼ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ) ପରସ୍ପରର ପରିପୂରକ ଏବଂ ଗୋଟିଏ ଅନ୍ୟଟିର ସତ୍‌ସଙ୍ଗ ଲାଭ କରିବାକୁ ସତୃଷ୍ଣ ଓ ସାଗ୍ରହୀ। ଏହା କେବଳ ସୂକ୍ଷ୍ମତତ୍ତ୍ୱର କଥା ନୁହଁ, ଏହା ପରୀକ୍ଷଣୀୟ ମଧ୍ୟ। ମନେହୁଏ ଆରମ୍ଭ 'ସା'ର ଅଗ୍ରଗତି ଅବା ଉତ୍‌ଥାନ ପାଇଁ ରେ, ଗା,.. ଇତ୍ୟାଦି ମଧ୍ୟ ରାଗଗୁଡ଼ିକର ଯେପରି ପ୍ରୟୋଜନ, ଠିକ୍ ସେହିପରି ମଧ୍ୟ ଆବଶ୍ୟକ ଶେଷ 'ନି'ର। ଏଣୁ ଏଠାରେ ଆରମ୍ଭ (ଆଦ୍ୟ), ଆପଣାରେ ଶ୍ରୀ ଓ ଶ୍ରେୟ ପାଇଁ ମଧ୍ୟକୁ ଲୋଡ଼େ ପୁଣି ଏ ଉଭୟ ପରିପୂର୍ଣ୍ଣତା ଲାଭ କରନ୍ତି ଶେଷ 'ନି'ରେ। ରାଗ/ସ୍ୱରମାନଙ୍କର ଏତାଦୃଶ ଆଚରଣକୁ ଆମେ 'ସଖାଭାବ' ବୋଲି ନାମିତ କରିପାରିବା, ଯେଉଁଭାବ ବିଭାବର ସମୃଦ୍ଧ ସତେଜ, ସହଗ, ସହଜ ସଶ୍ରଦ୍ଧ ଓ ସମର୍ପିତ ହୋଇ ସଙ୍ଗୀତର ଏଇ ଅବିଚ୍ଛେଦ୍ୟ ଅଙ୍ଗମାନ ପରସ୍ପରକୁ ଅଖଣ୍ଡ ଓ ଆଶ୍ଳିଷ୍ଟ କରିବା ସହ ସଙ୍ଗୀତକୁ ସଂସାରର ସ୍ୟମନ୍ତକ କରିଥାନ୍ତି।

ଫଳରେ ସଂସାରରେ ଭୂମିଷ୍ଠ ହୋଇ, ସଂସାର ସହ ବାଟଚାଲିବାର ଆସ୍ପୃହା ପୋଷଣ କରି, ବ୍ୟକ୍ତି କଦାଚ ଭୀରୁ କି ଭୋଗୀ ଅବା ଉପାୟକ ଭୈରବ ପାଲଟିଯାଏ ନାହିଁ। ପକ୍ଷାନ୍ତରେ ସେ ଅନୁକ୍ଷଣ ପାଲଟୁଥାଏ ଭାବରୂପ। ତା'ର ସମଗ୍ର ସଭା ସଙ୍ଗୀତମୟ ହୋଇଯାଇଥିବାରୁ ସେ ଗାଇ ଉଠେ–



"THE HILLS ARE ALIVE WITH THE SOUND OF MUSIC, / WITH SONGS THEY HAVE SUNG FOR A THOUSAND YEARS. / THE HILLS FILL MY HEART WITH THE SOUND OF MUSIC, / MY HEART WANTS TO SING EV'RY SONG IT HEARS" – (ଅସ୍କାର ହାମେରଷ୍ଟେନ (୨)। ୧୮୯୫–୧୯୬୦, ଦି ସାଉଣ୍ଡ ଅଫ ମ୍ୟୁଜିକ୍)। ଅର୍ଥାତ୍ ସଙ୍ଗୀତର ଧ୍ୱନିରେ ପାହାଡ଼ମାନ ଜୀବନ୍ତ; ହଜାର ହଜାର ବର୍ଷଧରି ସେମାନେ ଗୀତ ଗାଇ ଆସିଛନ୍ତି, ସଙ୍ଗୀତର ଧ୍ୱନିରେ ସେମାନେ ମୋର ହୃଦୟ ପୂର୍ଣ୍ଣ କରିଛନ୍ତି। ମୁଁ ଶୁଣିଥିବା ପ୍ରତ୍ୟେକ ଗୀତକୁ ମୋର ହୃଦୟ ଗାନ କରିବାକୁ ଚାହେଁ। ବିଂଶ ଶତାବ୍ଦୀର ଏ କବିଙ୍କର ଏହି ପ୍ରାଣୋଚ୍ଛଳ ଗାନ ମଧ୍ୟରେ ସଙ୍ଗୀତ ପ୍ରତି ଯେପରି ଶ୍ରଦ୍ଧା ଅନୁରଣିତ ସେହିପରି ମଧ୍ୟ ପ୍ରତୀକିତ ହୋଇଛି ତାଙ୍କର ଭିନ୍ନ ଏକ ବଞ୍ଚିବାର ଆସ୍ପୃହା। ପାହାଡ଼ର ଯେଉଁ ସଙ୍ଗୀତ ଶ୍ରବଣରେ କବିଙ୍କର ପ୍ରାଣ ପୁଲକିତ, ସେ ସେହି ସଙ୍ଗୀତଗୁଡ଼ିକୁ ଗାନ କରିବାକୁ ଉତ୍କୁଳ। ଏହା ଏକ ଭାବୋଦୀପ୍ତତାକୁ ଇଙ୍ଗିତ କରିଥାଏ। ସଙ୍ଗୀତ, ଭାବ ସଂଚାର କରେ ପାହାଡ଼ରେ ପୁଣି ମଣିଷଠାରେ। ଫଳରେ ଏହାର ଲାଳିତ୍ୟରେ ମୁଗ୍ଧ ଶ୍ରୋତା ସାମାନ୍ୟ, ସ୍ୱାଭାବିକ, ସ୍ୱାର୍ଥୀ ଜୀବନ ଯାପନ କରିବା ପରିବର୍ତ୍ତେ ଏକ ସମ୍ୟକ ଜୀବନ ଯାପନ କରେ ଯେଉଁଥିରେ ଭରି ରହିଥାଏ ସମସ୍ତଙ୍କ ସହ ମିଶିଯିବାର ମହାଭାବ– 'ଓଁ ସହନାବବତୁ, ସହନୌଭୁନକ୍ତୁ, ସହ ବୀର୍ଯ୍ୟ କରବାବହୈ / ତେଜସ୍ୱୀନା ବଧିତ ମସ୍ତୁ, ମା ବିଦ୍ୱିଷା ବହି''। ସମସ୍ତଙ୍କ ସହ ମିଶିବି, ସମସ୍ତଙ୍କ ସହ ମିଳିବି, ସମସ୍ତଙ୍କର ହେବି (ତେଣୁ ସମସ୍ତେ ମଧ୍ୟ ମୋର ହେବେ) ଏବଂ ଏହିପରି ହୋଇ ହୋଇ ପରିଶେଷରେ ମୁଁ ''ସମସ୍ତ'' ହୋଇଯିବି ଯାହାର ଅନ୍ୟ ନାମ ମୋକ୍ଷ ବା ନିର୍ବାଣ ଯାହା ଯେ କୌଣସି ବ୍ୟକ୍ତିର ସର୍ବଶ୍ରେଷ୍ଠ ପରିଣତି, ସର୍ବଶ୍ରେଷ୍ଠ ସୌଭାଗ୍ୟ, ସର୍ବଶ୍ରେଷ୍ଠ ସିଦ୍ଧି, ସର୍ବଶ୍ରେଷ୍ଠ ସଂକଳ୍ପର ସର୍ବୋତ୍ତମ ଶ୍ରେୟ।

ସଙ୍ଗୀତ ସହ ଏକ ସାତ୍ତ୍ୱିକ ସାନ୍ନିଧ୍ୟ କେତେ ପାଖର, କେତେ ନିଜର ପୁଣି କେତେ ଗଭୀର! ଆମ୍ଭେମାନେ ସଙ୍ଗୀତ ଶୁଣୁଛୁ କିନ୍ତୁ ତା'ର ସାନ୍ନିଧ୍ୟକୁ ମନ କରୁନାହୁଁ। ଯେଉଁ ସଙ୍ଗୀତ ଗାନକାରୀ ତାଙ୍କର ଅନ୍ୟ ପରିବେଷଣରେ ଆମକୁ ଅପାର୍ଥିବ ଜଗତକୁ ନେଇ ଯାଆନ୍ତି ତାଙ୍କର ସେହି ଭାବ ମୁଦ୍ରାଟିକୁ କଦାଚ ଗୁଣି ହେଉନାହୁଁ। ସେ ଭାବ ଆଉ କିଛି ନୁହଁ, ତାହା ହେଉଛି ସଙ୍ଗୀତ ସହ ଅନନ୍ୟ ହେବାର ସାନ୍ଦ୍ରତା। ତା' ନ ହେଲେ କୌଣସି ସଙ୍ଗୀତ ଗାନକାରୀ ଶ୍ରୋତୃମଣ୍ଡଳୀର ଚିତ୍ତ ହରଣ କରି ପାରିବେ ନାହିଁ। ସେ ସଙ୍ଗୀତର ଐକ୍ୟତାନରେ ବିମୁଗ୍ଧ, ବିଗଳିତ ଓ ବିହରିତ ହେବା ଫଳରେ ସକଳ ସଂକୋଚନକାରୀ ଅହଂଠାରୁ ମୁକ୍ତିଲାଭ କରିପାରନ୍ତି। ଫଳରେ ସେ ଅନାବଦ୍ଧ ହୋଇ ପ୍ରସାରିତ ହେବାରେ ଲାଗିଥାନ୍ତି ଠିକ୍ ସଙ୍ଗୀତ ଯେପରି 'ସା' ରାଗଠାରୁ ପ୍ରସାରିତ ହୋଇ ନି ପର୍ଯ୍ୟନ୍ତ ଲମ୍ବିଯାଏ। ସଙ୍ଗୀତଗାନକାରୀଙ୍କ ଏହି ସମାଧି ଅବସ୍ଥା ଆମ ସମସ୍ତଙ୍କ ପାଇଁ କେତେ ଦରକାରୀ! ଏହି ସତ୍ୟଟିକୁ ଉପଲବ୍ଧି କରି ତାକୁ ଆପଣା ଜୀବନରେ ଗଅଣ୍ଠେଇ ଦେବାପାଇଁ ଆମେ କାହିଁକି ଉଦାସୀନ ଓ ଅନିଚ୍ଛୁକ? ଥରେ ସଙ୍ଗୀତର ଏତାଦୃଶ ସତ୍‌ସଙ୍ଗରେ ଯୋଗଦେଲେ ଆମେ କେବେ ବି ସଂସାରର ଅଭିଶାପ ପାଲଟି ଯାଆନ୍ତେ ନାହିଁ କି ନିଜକୁ ଅଭିଶପ୍ତ କରନ୍ତେ ନାହିଁ। ଯଦି ସମସ୍ତଙ୍କ ମେଳରେ ରହିବା ପାଇଁ ମୁଁ ନାମକ ବ୍ୟକ୍ତିଟି ସଂସାରରେ ଅବତୀର୍ଣ୍ଣ ତା' ହେଲେ ସେ କିପରି ଓ କାହିଁକି ସେହି 'ମେଳ'ର ଅମର୍ଯ୍ୟାଦା କରିବ ଗୁଡ଼ାଏ ଅଯଥା 'ମେଳି' କରି। ମେଳ ହିଁ ଜୀବନ, ମେଳି ହିଁ ମୃତ୍ୟୁ। ମେଳ ମିଶାଏ, ମେଳି ଫେଡ଼ାଏ, ମେଳ ମିଳନ ମେଳି ବିଚ୍ଛେଦ, ମେଳ ଓଁକାର, ମେଳି ହୁଁକାର। ପ୍ରଥମଟି ଜୀବନକୁ ଆ, ଆ କହିବା ବେଳେ, ଦ୍ୱିତୀୟଟି ଜୀବନକୁ ଯା, ଯା କହୁଥାଏ। ଗୋଟିଏ ଆତ୍ମଶୃଙ୍ଗାରର ବିହାୟସରେ ଉଡ଼ନ୍ତା ବିହଙ୍ଗଟିଏ ହୋଇଥିବା ବେଳେ ଦ୍ୱିତୀୟ ଅହଂ ଶ୍ମଶାନର ଖାଁ ଖାଁରେ ଏକ ଅତୃପ୍ତ, ଅଶୁଦ୍ଧ, ଅଶାଳୀନ ଅହିରାଜ।

ମେଳ ଅବା ମିଳନର ଜୀବନ୍ତ ପ୍ରତିଭୂ ସଙ୍ଗୀତ, ଆମେ ଏପର୍ଯ୍ୟନ୍ତ ଚାଲି ନ ଥିବା ''ବାଟ''କୁ ଆମକୁ ଫେରାଇଆଣି ପାରିବ ଏପର୍ଯ୍ୟନ୍ତ ଦେଖି ନ ଥିବା ସ୍ୱପ୍ନକୁ ଦେଖାଇ ପାରିବ, ଏ ପର୍ଯ୍ୟନ୍ତ କରି ନ ଥିବା ସଂକଳ୍ପ ପ୍ରତି ଆମକୁ ସମ୍ମତ କରାଇ ପାରିବ, ଏପର୍ଯ୍ୟନ୍ତ ଆରମ୍ଭ କରି ନ ଥିବା ସାଧନାର ବୋଧିଦ୍ରୁମ ନିକଟକୁ ଟାଣିନେଇ ପାରିବ। କାରଣ ସଙ୍ଗୀତ ଜୀବନର ସଙ୍ଗାତ, ଜଗତର ସୁଷୁମ୍ନା। ସଙ୍ଗୀତର ସଙ୍ଗୀ ହୋଇ ଆମେ ଆତ୍ମବିନାଶରୁ ରକ୍ଷା ପାଇ ଜଗତର ଯଜ୍ଞକୁଣ୍ଡରେ ଆତ୍ମାହୁତି ପାଇଁ ଘରୁ ଗୋଡ଼ କାଢ଼ିବା କି?

ଭଦ୍ରକ, ମୋ : ୮୦୧୮୦୮୭୩୧

# ଏମାନେ ବି ଥିଲେ ମେଧାବୀ



ରବିନାରାୟଣ ସାମଲ

ଦେଶ ଶାସନରେ ଯେଉଁ ଦଳ ଥାଉ ନା କାହିଁକି ଦେଶ ଚଳାନ୍ତି ଅମଲାମାନେ। ଏମାନେ ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରନ୍ତି ଏବଂ ନିର୍ଦ୍ଧାରିତ ନୀତିକୁ କାର୍ଯ୍ୟକାରୀ କରନ୍ତି। ଏହି ନିର୍ଦ୍ଧାରିତ ନୀତି କାହିଁରେ କେତେ ସୋପାନ ଦେଇ ଉପରୁ ତଳଯାଏଁ ଗଡ଼ି ଗଡ଼ି ଆସେ। ବର୍ତ୍ତମାନ ବହୁଳ ପ୍ରଚାରିତ ଜିଏସ୍‌ଟି ସଂସ୍କାର ନିଷ୍ପତ୍ତି ହେଲା କେନ୍ଦ୍ର ସ୍ତରରେ ସରକାରଙ୍କ ଦ୍ୱାରା ଅନୁସୃତ ଏକ ନୀତି। ବୁଦ୍ଧି ଦେଉଛନ୍ତି ଅମଲା, କାର୍ଯ୍ୟକାରୀ କରୁଛନ୍ତି ଅମଲା। ସାଧାରଣ ଲୋକଟିଏ ତା' ପେଟପାଟଣାରୁ କାଟି ଟିକସ ଦେଉଛି, ଟିକସ ଗଚ୍ଛିତ ହେଉଛି ରାଜକୋଷରେ। ରାଜକୋଷରୁ ପୁଣି ବିଭିନ୍ନ ସୋପାନ ଦେଇ ଆସୁଛି ସାଧାରଣ ଲୋକଙ୍କ ପାଖକୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଭଳି ସେବା କ୍ଷେତ୍ରରେ। ଏହି ଉପରୁ ତଳ ଓ ତଳୁ ଉପର ଉଠାପକାରେ ଟଙ୍କାଟିଏ ପରିଣତ ହୁଏ ଦଶ ପଇସାରେ। ଅବଶିଷ୍ଟ ନବେ ପଇସା ଯାଏ ବାଟମାରଣାରେ!

ସରକାରୀ ଅର୍ଥର ବାଟମାରଣା ରୋକିବାକୁ ବିଭିନ୍ନ ସ୍ତରରେ ଅଧିକାରୀ ଓ କର୍ମଚାରୀମାନେ ବି ନିଯୁକ୍ତ ହୋଇଛନ୍ତି। ସିଭିସି, ଏସିବିସି, ଇଡି, ଆଇଟି, ସିଆଇଡି, ସିବିଆଇ, ଭିଜିଲାନ୍ସ, ଏନ୍‌ସିଆଇବି, ଇଓଡବ୍ଲ୍ୟୁ, କ୍ରାଇମ୍ ବ୍ରାଞ୍ଚ, ଜିଏସ୍‌ଟି କମିଶନର, ପୋଲିସ, ଲୋକପାଳ, ଲୋକାୟୁକ୍ତ, ସିଏଜି ଏବଂ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍‌ସନ ଭଳି ଏନ୍‌ଜିଓ। କଳାଧନ ରୋକିବାକୁ ସରକାର ଏସ୍‌ଆଇଟି ଗଠନ କରିଛନ୍ତି। ଏସବୁ ସତ୍ତ୍ୱେ ପିଅନଠାରୁ ଅଫିସରଙ୍କ ପର୍ଯ୍ୟନ୍ତ, ଯନ୍ତ୍ରୀଙ୍କଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ, ଚୌକିଦାରଙ୍କଠାରୁ ଠିକାଦାରଙ୍କ ପର୍ଯ୍ୟନ୍ତ ଅଧିକାଂଶ ଆର୍ଥିକ ଦୁର୍ନୀତି ଓ ଅନିୟମିତତାରେ ଜଡ଼ିତ। ଲୁଚାଛପାରେ ନୁହେଁ ତ ସବୁ ଡକାପିଟାରେ। ଆମେ କେବଳ ନିରୀହ ମେଣ୍ଢା ଛୁଆଟିଏ ପରି ଜଳ ଜଳ କରି ଚାହିଁ ରହିଛନ୍ତି।

ଦୁର୍ନୀତି କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ମୁଖ୍ୟତଃ ବିରୋଧୀ ଦଳର ନେତାମାନଙ୍କୁ ଇଡି କେମିତି ମାଡ଼ି ବସୁଛି ତାହା ଆମେ ଦେଖି ଆସୁଛନ୍ତି। ଅଥଚ ଶାସକ ଦଳର ନେତାମାନେ ଗୋଟା ତୁଳସୀ ପାଲଟିଯାଉଛନ୍ତି! ମଜାର କଥା, ଯେଉଁ ଇଡି ଦୁର୍ନୀତିଗ୍ରସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଧରୁଛି ସେହି ଇଡିର ଜଣେ ସହକାରୀ ନିର୍ଦ୍ଦେଶକ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିଲା ବେଳେ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି। ପୁଣି ନର୍ସିଂହୋମ୍ ଦୁର୍ନୀତିରେ ମଧ୍ୟପ୍ରଦେଶରେ ୨ଜଣ ସିବିଆଇ ଅଫିସର ଗିରଫହେବା ପ୍ରାୟ ସମସ୍ତଙ୍କୁ ଜଣାଥିବ। ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲା ବେଳେ ଆୟକର କମିଶନର ଧରାପଡ଼ି ଗିରଫ ହେବା, କେତେକ କମ୍ପାନୀଙ୍କୁ ଅନୁକମ୍ପା ଦେଖାଇ କୋଟିଏ ଟଙ୍କା ଲାଞ୍ଚ ନେଉଥିଲା ବେଳେ କାନପୁରର ଜିଏସ୍‌ଟି କମିଶନର ଗିରଫ ହେବା ଆଦି ଘଟଣା ଏଠାରେ ଅଳ୍ପ କେତୋଟି ନମୁନା ମାତ୍ର। ଇଡି ଧରୁଛି ଆଇଟିକୁ, ଆଇଟି ଧରୁଛି ଇଡିକୁ, ସିବିଆଇ ଧରୁଛି ଜିଏସ୍‌ଟିକୁ, ଜିଏସ୍‌ଟି ଧରୁଛି ଆଇଟିକୁ। ଏମିତି ଛକାପଞ୍ଝା



ଧରାଧରିରେ ସାଧାରଣ ଲୋକେ ଆବାକାବା ହୋଇଯାଉଛନ୍ତି। ଆମ ରାଜ୍ୟରେ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, କମିଶନର, ଡାଇରେକ୍ଟର, କଲେକ୍ଟର, ସବ୍ କଲେକ୍ଟର, ସେକ୍ରେଟାରି, ରେଞ୍ଜର, ବିଡିଓ, ତହସିଲଦାର, କିରାଣି ଏବଂ ଏପରିକି ପିଅନ ପର୍ଯ୍ୟନ୍ତ ଭିଜିଲାନ୍ସ ଜାଲରେ ପଡ଼ୁଥିବା ଦେଖିବାକୁ ମିଳୁଛି। ଆଇଏଏସ୍ ଅଫିସର ବିନୋଦ କୁମାର, ରାକେଶ କୁମାର, ଅଶୋକ ସିଂହଭି ବର୍ତ୍ତମାନ ଜେଲରେ। କଲିକତା ହାଇକୋର୍ଟର ବିଚାରପତି ସୌମିତ୍ର ସେନ୍ ଏବଂ ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୋବନ୍ତ ବର୍ମାଙ୍କ ଅର୍ଥ ଆତ୍ମସାତ୍ ଓ ସମ୍ପତ୍ତି ଠୁଳ ଦେଶର ବିଚାରବିଭାଗକୁ କାଠଗଡ଼ାରେ ଛିଡ଼ାକରାଇଛି। ଏଠାରେ କହିବା ନିଷ୍ପ୍ରୟୋଜନ ଯେ ଦୁର୍ନୀତି ଅଭିଯୋଗରେ ଯେଉଁମାନେ ଜଡ଼ିତ ଥିବା ଜଣାପଡ଼ୁଛି ସେମାନେ ପ୍ରାୟ ସମସ୍ତେ ଏକଦା ଜଣେ ଜଣେ ମେଧାବୀ ଥିଲେ। ପରୀକ୍ଷାର ଫଳ ପ୍ରକାଶ ପାଇବା ବେଳେ ସେମାନଙ୍କ ପାଇଁ ଆମେ ଗର୍ବିତ, ଉତ୍‌ଫୁଲ୍ଲିତ ହେଉଥିଲେ ଏବଂ ଦେଶସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବେ ବୋଲି ସେମାନଙ୍କ ଘୋଷଣା ଆମକୁ କୃତକୃତ୍ୟ କରିପକାଉଥିଲା। କିନ୍ତୁ ଆଜି? କୁଆଡ଼େ ଗଲା ସେମାନଙ୍କ ମେଧାବୀ ପରାକାଷ୍ଠା, କୁଆଡ଼େ ଗଲା ସେମାନଙ୍କ ପ୍ରତିଶ୍ରୁତି, କୁଆଡ଼େ ଗଲା ସେମାନଙ୍କ ପ୍ରତିବଦ୍ଧତା?

ଅଟାକଳରେ ଯାହା ପେଷିଲେ ବି ତାହା ଗୁଣ୍ଡହୋଇ ବାହାରିପଡ଼େ। ସମ୍ଭବତଃ ଏହି ନିୟମ ଆମ ଶାସନ କଳରେ କାର୍ଯ୍ୟକାରୀ ହେଉଛି! ଯିଏ ଯେତେ ମେଧାବୀ ହେଲେ ହେଁ ସେମାନେ କଳରେ ପେଷିହୋଇ ଗୁଣ୍ଡ ଆକାରରେ ବାହାରି ପଡ଼ୁଛନ୍ତି। ଏନ୍‌ସିବିଆଇର ସଦ୍ୟ ରିପୋର୍ଟ ଦେଖିଲେ ଆମ ଦେଶର ବିଭିନ୍ନ ବିଭାଗ ଦୁର୍ନୀତିରେ କେତେ ଜଡ଼ିତ ତାହା ସ୍ପଷ୍ଟ ହୁଏ। ତଦନୁଯାୟୀ ପୋଲିସ ବିଭାଗ ସବୁଠାରୁ ବେଶି ଦୁର୍ନୀତିଗ୍ରସ୍ତ। ତା' ତଳକୁ କ୍ରମାନ୍ୱୟରେ ରାଜସ୍ୱ, ମ୍ୟୁନିସିପାଲ କର୍ପୋରେଶନ, ବ୍ଲକ୍ ଓ ତହସିଲ, ବିଦ୍ୟୁତ୍, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ସହରାଞ୍ଚଳ ବିକାଶ ବିଭାଗ ଓ ଆୟକର ତଥା ଜିଏସ୍‌ଟି ଅଛନ୍ତି।

ଆଉ ଗୋଟିଏ ବଡ଼ ଧରଣର ଘୋଟାଲା ହୁଏ ଖଣି ଓ ଠିକାଦାରିରେ। ତଳୁ ଉପର ଯାଏଁ ପିସି। ସିଏଜି ତାଙ୍କ ରିପୋର୍ଟରେ ଏକଥା ବି ଦର୍ଶାଇଛନ୍ତି। ଉଭୟ କ୍ଷେତ୍ରରେ ମନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାର ଜଡ଼ିତଥିବା ଦର୍ଶାଯାଇଛି। ତଦନ୍ତ ପାଇଁ ଶାହା କମିଶନ ବସିଛି। ଅନ୍ୟ ପକ୍ଷରେ ମାସେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିବା, ବର୍ଷେ ନ ପୂରୁଣୁ ଛାତରୁ ପାଣି ଗଳିବା ଏବଂ ବହୁ କୋଟି ଟଙ୍କାର ପୋଲ ଓ ଓଭରବ୍ରିଜ୍ ନିମିଷକେ ଭୁଶୁଡ଼ି ପଡ଼ିବା ଭଳି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ତଦନ୍ତ କମିଶନ (ଦନ୍ତହୀନ) ବସୁଛି, ସରକାରୀ ତହବିଲରୁ ଅର୍ଥ ବରବାଦ ହେଉଛି, ଅଥଚ ସେଥିରେ କିଛି ସୁଧାର ଆସୁ ନାହିଁ। ବରଂ ବିପୁଳ ପରିମାଣର ଅର୍ଥ କଳାଧନ ଆକାରରେ ବିଦେଶୀ ବ୍ୟାଙ୍କରେ ଯାଇ ଗଚ୍ଛିତ ହେଉଛି।

କହିବା ବାହୁଲ୍ୟ, ଗଣତନ୍ତ୍ରର ଚାରୋଟିଯାକ ସ୍ତମ୍ଭ ବର୍ତ୍ତମାନ ରୁଗ୍‌ଣ ଆଉ ଦୁର୍ବଳ। ସେଗୁଡ଼ିକ ଏକମୁହାଁ ରାସ୍ତାରେ ଗୋଟିଏ ହୋ'ରେ ଛୁଟିଛନ୍ତି। ସାଧାରଣ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଅଥଚ ଶୁଣିବାକୁ କେହି ନାହିଁ। ଏଠାରେ ଦୃଢ଼ତାର ସହ କହିହେବ ଯେ ସାଧାରଣ ଲୋକେ ହିଁ ଇତିହାସର ଶେଷକଥା ଲେଖନ୍ତି। ଯେ ପର୍ଯ୍ୟନ୍ତ ଏମାନେ ପ୍ରତିବାଦ ପ୍ରତିରୋଧ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଦୁର୍ନୀତିର ମୂଳୋତ୍ପାଟନ କରିହେବ ନାହିଁ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ପରିଣତ ବୟସରେ ପାଦ ଥାପିସାରିଥିଲେ ହେଁ ଏହି ଦମ୍ପତି ବୟସର ଛାପ ନିଜ ଉପରେ ପଡ଼ିବାକୁ ଦେଇ ନାହାନ୍ତି କି ହାର୍ ମାନି ନାହାନ୍ତି। ଡାକ୍ତର ନ ହୋଇ ମଧ୍ୟ ସେମାନେ ପଶ୍ଚିମବଙ୍ଗ ସୁନ୍ଦରବନର ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୪୪ ବର୍ଷ ହେଲା କରି ଆସୁଛନ୍ତି। ମହମ୍ମଦ ଅବଦୁଲ ଓ୍ୱାହାବ ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ପାଲ ୧୯୮୦ରେ ସଦର୍ନ ହେଲ୍‌ଥ ଇମ୍ପ୍ରୁଭମେଣ୍ଟ ସମିତି (ଏସ୍‌ଏଚ୍‌ଆଇଏସ୍) ସଂସ୍ଥା ଗଠନ କରି ଏହା ସାହାଯ୍ୟରେ ସେବା ଅଭିଯାନ ଜାରି ରଖିଛନ୍ତି। ମହମ୍ମଦ ଜଣେ ଆଇନଜୀବୀ ଓ ସାବିତ୍ରୀ ଜଣେ ଶିକ୍ଷକ ଥିଲେ। ସେମାନେ ଏହାକୁ ଛାଡ଼ି ଏହି କାର୍ଯ୍ୟରେ ଲାଗିଛନ୍ତି। ସୁନ୍ଦରବନରେ ଥିବା ଛୋଟବଡ଼ ୩୦ଟି ଟାପୁରେ ବୋଟ କ୍ଲିନିକ ଦ୍ୱାରା ଏହା କରୁଛନ୍ତି। ପ୍ରତ୍ୟେକ କ୍ଲିନିକରେ ଡାକ୍ତର, ନର୍ସ, ଜଣେ ଏକ୍ସ–ରେ ଟେକ୍‌ନିସିଆନ, ଜଣେ ଲାବୋରେଟୋରି ଟେକ୍‌ନିସିଆନ ଓ ଜଣେ ଫାର୍ମାସିଷ୍ଟ ରହିଛନ୍ତି। ଏଡି କ୍ଲିନିକରେ ଦୁଇଟି ମେଡିକାଲ ବେଡ୍, ମୋବାଇଲ ଏକ୍ସ–ରେ, ପାଥୋଲୋଜିକାଲ ୟୁନିଟ, ମେଡିକାଲ ଷ୍ଟୋର୍ ରୁମ୍ ଏବଂ ଏକ ଅକ୍ସିଜେନ ସିଲିଣ୍ଡର ରଖାଯାଇଛି। ଏହିଭଳି ୪ଟି ବୋଟ କ୍ଲିନିକ ରହିଛି। ମୁଖ୍ୟତଃ ଯକ୍ଷ୍ମା ରୋଗ ଚିହ୍ନଟ ଲାଗି ଏହା ଅଧିକ ଗୁରୁତ୍ୱ ଦେଉଛି। ଏଥିରେ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଏହି ଦମ୍ପତି ଦରମା ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୭ ସେପ୍ଟେମ୍ବର ୧୯୭୬

- ଆସାମ ସରକାର ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ କେନ୍ଦ୍ର ବ୍ୟବସ୍ଥା ଅନୁଯାୟୀ ପରିବାର ନିୟନ୍ତ୍ରଣ ଯୋଜନାକୁ ବାଧ୍ୟତାମୂଳକ କରିଛନ୍ତି।
- ଗଙ୍ଗା ନଦୀର ଜଳ ବିବାଦ ଘେନି ଉପୁଜିଥିବା ଅଞ୍ଚଳ ଅବସ୍ଥା ତୁଟାଇବା ନିମନ୍ତେ ବାଂଲାଦେଶର ୩ ଦଫା ସମ୍ବଳିତ ପ୍ରସ୍ତାବ।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | | | | | 6 | | | 9 |
| | | | 3 | | | 5 | | |
| | | | 2 | | | | 4 | 1 |
| 7 | 1 | | | | | 6 | | |
| | 8 | 3 | | | 1 | | | |
| | | | 6 | | 2 | 1 | | 7 |
| 3 | 6 | | | | | | | |
| 4 | 9 | | | 7 | | | 8 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 6 | 8 | 1 | 7 | 4 | 2 |
| 7 | 4 | 6 | 2 | 3 | 5 | 9 | 1 | 8 |
| 1 | 2 | 8 | 4 | 7 | 9 | 5 | 3 | 6 |
| 6 | 7 | 5 | 8 | 1 | 3 | 2 | 9 | 4 |
| 2 | 8 | 4 | 9 | 6 | 7 | 3 | 5 | 1 |
| 9 | 3 | 1 | 5 | 2 | 4 | 8 | 6 | 7 |
| 5 | 6 | 3 | 7 | 4 | 2 | 1 | 8 | 9 |
| 4 | 9 | 7 | 1 | 5 | 8 | 6 | 2 | 3 |
| 8 | 1 | 2 | 3 | 9 | 6 | 4 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧ ବିଚାରର ପରିଣତି

ମହାଶୟ,

ପ୍ରାୟ ପ୍ରତିଦିନ ଦୁର୍ନୀତିଗ୍ରସ୍ତ ଅଫିସର ଇଞ୍ଜିନିୟର, ପୋଲିସ, କିରାଣି ଓ ଡିଏଫ୍‌ଓମାନଙ୍କର କଳାକାରନାମା ଖବରକାଗଜ ଓ ଟିଭି ପରଦାରେ ଦେଖିବାକୁ ମିଳୁଛି। ସେମାନେ ଧରା ହୋଇ ମୁହଁରେ ରୁମାଲ, ଗାମୁଛା ଓ କପଡ଼ା ପକାଇ ଜେଲକୁ ଯାଉଛନ୍ତି। କୋର୍ଟ କଚେରିରେ ତାଙ୍କର ବିଚାର ହେଉଛି। ହେଲେ ବିଚାର ପରେ ତାଙ୍କର କି ଫଇସଲା ହେଉଛି ଟିଭି କିମ୍ବା ଖବରକାଗଜ ଲୋକଲୋଚନକୁ ଆଣୁନାହାନ୍ତି। ଲୋକେ ଭାବୁଛନ୍ତି ଏଇ ବଡ଼ଘର ବଡ଼ ଗୁମର କଥା। ବିଚାରରେ କ'ଣ ଫଇସଲା ହେଲା ଲୋକେ ଜାଣିବାକୁ ଚାହିଁଲେ ବି ଜାଣିପାରନ୍ତି ନାହିଁ। ତେଣୁ ଟିଭି ଓ ଖବରକାଗଜର ମାଲିକମାନେ ସେମାନଙ୍କର କଳାକାରନାମାକୁ ଯେମିତି ପ୍ରଦର୍ଶନ କରୁଛନ୍ତି ସେମିତି ବିଚାରର ପରିଣତକୁ ମଧ୍ୟ ପ୍ରଦର୍ଶନ କଲେ ଲୋକେ ବହୁତ ଖୁସି ହୁଅନ୍ତେ। ଅନେକ ସମୟରେ ଦେଖାଯାଏ ଲୋକଙ୍କ ଚାପରେ ପଡ଼ି ଅନେକ ଅପରାଧୀ ଅଫିସର ଓ କର୍ମଚାରୀଙ୍କୁ ନିଲମ୍ବନ କରାଯାଏ। କିନ୍ତୁ ସେମାନେ ଯେଉଁ ଅପରାଧ କରିଥାନ୍ତି କେବଳ କିଛି ଦିନ ପାଇଁ ନିଲମ୍ବନ କରି ପୁଣି ନିଲମ୍ବନ ଉଠାଇ ଦେଲେ ସେମାନଙ୍କ ଉପରେ ବିଶେଷ କିଛି ପ୍ରଭାବ ପଡ଼ିନଥାଏ। ଦୁର୍ନୀତି ଓ ଲାଞ୍ଚ ଇତ୍ୟାଦି କାରବାରରେ ଯଦି ସେମାନଙ୍କୁ ବହିଷ୍କାର କରାଯାଉଥାନ୍ତା ତେବେ ସମସ୍ତେ ଲାଞ୍ଚ ନେବାକୁ ଡରନ୍ତେ ଓ ଠିକ୍ ସମୟରେ ଠିକ୍ କାମ କରନ୍ତେ।

–ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁହେଁ ଚାହାଁ ଚାହିଁ ହୋଇ ରହନ୍ତି ଅଚଳ
ହାୟ କି ବିକଳ !
ଭରସି ନ ପାରେ କିନ୍ତୁ କେହି
ଯିବ ଉଡ଼ି ଆର ପାରେ, ନିଶାର ବିଦାୟ
ମାଗି ନେଇ !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**କୁଚିଣ୍ଡା ତହସିଲଦାର ନିଲମ୍ବିତ**

ଭୁବନେଶ୍ୱର(ସୁନିତ୍ ମିଶ୍ର): ଜମିଜମା ମାମଲାରେ ପକ୍ଷପାତିତା ଅଭିଯୋଗରେ କୁଚିଣ୍ଡା ତହସିଲଦାର ତଥା ଓଏଏସ୍ ଅଫିସର ମିତାଲି ମଧୁସ୍ମିତାଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ସେ ନିଲମ୍ବିତ ସମୟରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ରହିବେ। ଜିଲାପାଳଙ୍କ ବିନା ଅନୁମତିରେ ସେ ଜିଲା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

# ହାତୀ ସୁରକ୍ଷା ପାଇଁ ସଂକଳ୍ପ ନେଲେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ରମାନେ ହାତୀ ସୁରକ୍ଷା ପାଇଁ ଶପଥପାଠ କରୁଛନ୍ତି।

## ଭୀଷ୍ମଗିରି କଲେଜରେ ହାତୀସଭା

ଦିଗପହଣ୍ଡି/ପାଟପୁର,୧୫।୯ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ପ୍ରକୃତି ଆମର ଜୀବନ। ହାତୀ ହେଉଛି ପ୍ରକୃତିର ମହତ୍ତ୍ୱପୂର୍ଣ୍ଣ ଅଂଶ। ହାତୀକୁ ସୁରକ୍ଷା ଦେବା, ଜଙ୍ଗଲକୁ ରକ୍ଷା କରିବା। ପରିବେଶକୁ ସନ୍ତୁଳିତ ରଖିବା ମୋର କର୍ତ୍ତବ୍ୟ। ମୁଁ କେବେ ହାତୀର ହାନି କରିବି ନାହିଁ। କେବେ ଅବୈଧ ଶିକାର କିମ୍ବା ଜଙ୍ଗଲ ଧ୍ୱଂସରେ ସହଭାଗୀ ହେବିନାହିଁ। ହାତୀ ବଞ୍ଚିଲେ ପ୍ରକୃତି ବଞ୍ଚିବ। ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା। ହାତୀଙ୍କ ସୁରକ୍ଷା ପାଇଁ ସୋମବାର ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ କଲେଜରେ ଧରିତ୍ରୀ, ଓଡ଼ିଶାପୋଷ୍ଟ, ତ୍ରି ଫାଉଣ୍ଡେଶନ, ଶେରଗଡ଼ ଓ ବିକାଶ ସାଥୀ ସଙ୍ଗଠନର ସହଭାଗିତାରେ ଅନୁଷ୍ଠିତ 'ହାତୀ ସଭା'ରେ ଛାତ୍ରୀଛାତ୍ର ଏଭଳି ସଂକଳ୍ପ ନେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ରାମ୍‌ଜୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଓ ପରିବେଶ ପାଇଁ ହାତୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଖବରଦାତା ଅଶେଷନାଥ ମିଶ୍ର ସ୍ଥାନୀୟ ଅଞ୍ଚଳରେ ହାତୀର ପ୍ରଭାବ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ। ଅଧ୍ୟାପକ କାହ୍ନୁଚରଣ ପାଢ଼ୀ, ଅଧ୍ୟାପିକା ଇତିପ୍ରଭା, ପ୍ରିୟଦର୍ଶିନୀ ପ୍ରଧାନ, ରଶ୍ମିତା କୁମାରୀ ମେକାପ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରି ଫାଉଣ୍ଡେଶନର ସମ୍ପାଦକ ନିରାକାର ବିଷୋୟୀ ହାତୀର ସୁରକ୍ଷା ଉପରେ ଆଲୋକପାତ କରି ହାତୀ ବନକୁ ବଞ୍ଚାଏ, ବନ ଜଳକୁ ବଞ୍ଚାଏ, ଜଳ ମାଟିକୁ ବଞ୍ଚାଏ ଏବଂ ଏହି ସବୁ ମିଶି ମଣିଷକୁ ବଞ୍ଚାଏ ବୋଲି ମତବ୍ୟକ୍ତ କରିଥିଲେ। କଲେଜର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରି ହାତୀର ସୁରକ୍ଷା ପାଇଁ ଶପଥ ନେଇଥିଲେ। ଅଧ୍ୟାପକ ଦେବବ୍ରତ ପଣ୍ଡା ସଭା କାର୍ଯ୍ୟ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ସାଥୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତୁଷାର ବେହେରା, ଅଚ୍ୟୁତ ବିଷୋୟୀ ଓ ଚନ୍ଦ୍ରଶେଖର ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।




ରାମ୍‌ଜୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର ଉଦ୍‌ବୋଧନ ଦେଉଛନ୍ତି।

# ୫ ବ୍ୟକ୍ତିତ୍ୱଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଟ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

ଭୁବନେଶ୍ୱର,୧୫।୯(ଅନୁରାଧା ମହାରଣା)

କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ପୂଜ୍ୟପୂଜ୍ୟ ସମାରୋହ-୨୦୨୫' ଟାଙ୍ଗୀସ୍ଥିତ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର, ଅଭିନେତା କୁନା ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତେଜସ୍ୱିନୀ ବେହେରା, ଅଲିମ୍ପିଆନ୍ ଲିଲିମା ମିଞ୍ଜଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ପ୍ରତ୍ୟେକଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ, ଉପଢୌକନ ସହ ୨୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସନ୍ଥ ତଥା ଚିନ୍ମୟ ବିଦ୍ୟାଳୟ ଦେବଗଡ଼ର ଅଧ୍ୟକ୍ଷ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ କହିଲେ, ଉପନିଷଦରେ ପିତୃମାତୃ ଓ ଆଚାର୍ଯ୍ୟ ପୂଜନର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ମହାନ୍ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଜୀବନର ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ସାଧନା ଜାରି ରଖିବା ଓ ନିଜ ସ୍ୱାତନ୍ତ୍ରତା ପ୍ରତିପାଦନ ସହ ସମାଜ ପାଇଁ ନିଜକୁ ଯୋଗ୍ୟ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ ଅଧ୍ୟକ୍ଷ ଇଂ. ଲଳିତ ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ 'ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ' ଗାନ କରିଥିଲେ ଓ ଛାତ୍ରୀ ରୋଜାଲିନ୍ ସାହୁ ଓ ବିଜୟା ନାୟକ ଓଡିଶୀ ନୃତ୍ୟ ଏବଂ ସ୍ମୃତି ଶୁଭାଙ୍ଗନା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ବାବା ସତ୍ୟାନନ୍ଦ ଦାସ, ବାବାଜୀ ବିଶ୍ୱନାଥ ଦାସ, ବିଧାୟକ ପ୍ରଶାନ୍ତ କୁମାର ବେହେରା, ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଡ. ବିଜୟାନନ୍ଦ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ରଥ, ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ. ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଲୋକନାଥ ବେହେରା, ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଫାଉଣ୍ଡେଶନର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଇନଜୀବୀଙ୍କ ଲାଇସେନ୍ସ ୨ ବର୍ଷ ପାଇଁ ରଦ୍ଦ

## ବିଚାର ବିଭାଗୀୟ ଅଫିସର ଓ ନ୍ୟାୟପାଳିକା ବିରୋଧରେ ଫେସ୍‌ବୁକ୍‌ରେ ଲେଖିବା ଅଭିଯୋଗ

କଟକ,୧୫।୯(କାର୍ତ୍ତିକ ସାହୁ)

ବିଚାରବିଭାଗୀୟ ଅଫିସର, ନ୍ୟାୟପାଳିକା ଏବଂ ରାଜ୍ୟ ବାର୍ କାଉନସିଲ ବିରୋଧରେ ଫେସ୍‌ବୁକରେ ନିଜ ନାମକୁ ସାମାନ୍ୟ ବଦଳାଇ କ୍ରମାଗତ ଭାବେ ଲେଖିଆସୁଥିବା ଭଦ୍ରକର ଆଇନଜୀବୀ ହେମନ୍ତ କୁମାର ନାୟକଙ୍କ ଲାଇସେନ୍ସକୁ ରାଜ୍ୟ ବାର୍ କାଉନସିଲର ଶୃଙ୍ଖଳାଗତ କମିଟି ୨ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ଏହି ୨ ବର୍ଷ ମଧ୍ୟରେ ସମ୍ପୃକ୍ତ ଆଇନଜୀବୀଙ୍କୁ ମଧ୍ୟ ଏଭଳି ଆଚରଣରୁ ନିବୃତ୍ତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ବାର୍ କାଉନସିଲର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଓକିଲ ନାୟକ ନିଜେ ଗ୍ରାଣ୍ଟ କୁମାର ନାୟକ (କାଣକ୍ୟ) ନାମରେ ଫେସ୍‌ବୁକ ଆକାଉଣ୍ଟ ଖୋଲି ଗତ କିଛି ବର୍ଷ ହେବ ବିଚାର ବିଭାଗୀୟ ଅଫିସରଙ୍କ ନାମରେ ଅରୁଚିକର, ଅସଭ୍ୟ ମନ୍ତବ୍ୟ ଲେଖି ଆସୁଥିଲେ। ବିଚାରବିଭାଗୀୟ ଅଫିସରଙ୍କ ଦୈନନ୍ଦିନ କୋର୍ଟରେ ହେଉଥିବା ମାମଲାର ବିଚାରକୁ ମଧ୍ୟ ତାଚ୍ଛଲ୍ୟ କରି ଲେଖିବାକୁ ବାର୍ କାଉନସିଲ ଗୁରୁତର ସହ ଗ୍ରହଣ କରି ରାଜ୍ୟ ପରିଷଦ ଅଧିବେଶନରେ ଗତ ଏପ୍ରିଲରେ ନିଜ ଆଡୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲେ।

# ଓଡ଼ିଶା ପାଳିବ 'ଧନ୍ୟବାଦ ମୋଦି' ଉତ୍ସବ

ଭୁବନେଶ୍ୱର,୧୫।୯(ସୁଚିସ୍ମିତା ସାହୁ)

ସୁଭଦ୍ରା ଯୋଜନାର ସଫଳ ଏକ ବର୍ଷ ପୂର୍ତ୍ତି ଆସନ୍ତା ୧୭ ତାରିଖରେ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ୩୩୮ଟି ସିଡିପିଓ ୟୁନିଟ୍‌ରେ 'ଧନ୍ୟବାଦ ମୋଦି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରା ଓ ସଫଳତା କାହାଣୀ ଉପସ୍ଥାପନା କରିବେ। ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ୧୭ ତାରିଖଠାରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରା ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ମିଳିତ ଭାବେ ପାଳନ କରାଯିବ। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ 'ସୁସ୍ଥ ନାରୀ, ସଶକ୍ତ ପରିବାର' କାର୍ଯ୍ୟକ୍ରମରେ ସୁଭଦ୍ରା ଷ୍ଟଲ ମାଧ୍ୟମରେ ସୁଭଦ୍ରା ହେଲ୍ପ ଡେସ୍କ କର୍ମୀମାନେ ସୁଭଦ୍ରା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବେ। ସଚେତନତା ସୃଷ୍ଟି ପାଇଁ ସୁଭଦ୍ରା ସମ୍ପର୍କୀୟ ପ୍ରଚାରପତ୍ର ବଣ୍ଟନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

# ମୋଦିଙ୍କ ଜନ୍ମଦିନରେ ବ୍ୟାପକ କାର୍ଯ୍ୟକ୍ରମ କରିବ ଓବିସି ମୋର୍ଚ୍ଚା

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ଗରିବ, ପଛୁଆ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଉତ୍‌ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ତାଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ପାଇଁ ବ୍ୟାପକ ଯୋଜନା କରାଯାଇଛି। ଭାଜପା ଓବିସି ମୋର୍ଚ୍ଚା ତରଫରୁ ସୋମବାର ଏକ ପ୍ରସ୍ତୁତି ବୈଠକ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏହି ଅବସରରେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ବୃକ୍ଷ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ଓବିସି ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୋଦିଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନା କରି ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଓବିସି ମୋର୍ଚ୍ଚା ପକ୍ଷରୁ ନିଷ୍ପତି ନିଆଯାଇଛି। ସେବା ପକ୍ଷରେ ମଣ୍ଡଳ ଓ ଜିଲାସ୍ତରରେ ବ୍ୟାପକ ବୃକ୍ଷରୋପଣ ସହ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବର, ସ୍ୱଚ୍ଛତା କାର୍ଯ୍ୟକ୍ରମ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ହାତକୁ ନେବେ। ଏହାସହ ଦିବ୍ୟାଙ୍ଗମାନଙ୍କୁ ସମ୍ମାନିତ କରାଯିବ ବୋଲି ସେ କହିଛନ୍ତି।

# ୫ କୋଟି ଦସ୍ତଖତ ଅଭିଯାନରେ ଓଡ଼ିଶାର ବଡ଼ ଭୂମିକା ରହିବ: ଭକ୍ତ

## 'ଭୋଟ୍ ଚୋର, ଗାଦି ଛାଡ଼' ପ୍ରସଙ୍ଗ

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି)ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଅଗଷ୍ଟରେ 'ଭୋଟ୍ ଚୋର, ଗାଦି ଛାଡ଼' ସ୍ଲୋଗାନ ଦେଇ ମଶାଲ ଶୋଭାଯାତ୍ରା ଓ ରାଲି କାର୍ଯ୍ୟକ୍ରମ ସବୁ ଜିଲାରେ ସଫଳ ହୋଇଛି। ସଂପ୍ରତି ସାରା ଦେଶରେ ଏହି କାର୍ଯ୍ୟକ୍ରମ କରାଯିବାକୁ ଏଆଇସିସିର ଆହ୍ୱାନ ରହିଛି। ଏହି କାର୍ଯ୍ୟକ୍ରମ ଅବସରରେ ଦେଶର ୫କୋଟି ଲୋକଙ୍କ ଦସ୍ତଖତ ସମ୍ବଳିତ ନଥି ରାଷ୍ଟ୍ରପତି ଓ ଭାରତର ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ। ଏଥିରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ କହିଛନ୍ତି, ଏହି ଭୋଟ ଚୋରି ପ୍ରସଙ୍ଗକୁ ଏକ ଅର୍ଥପୂର୍ଣ୍ଣ ଉପସଂହାରରେ ପହଞ୍ଚାଇବା ପାଇଁ ଏଆଇସିସି ପକ୍ଷରୁ ୧୫ ସେପ୍ଟେମ୍ବରଠାରୁ ୧୫ ଅକ୍ଟୋବର ଏକମାସ ବ୍ୟାପୀ ଆଉ ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମଗ୍ର ଦେଶରେ ଭୋଟ୍ ଚୋରି ବିରୋଧରେ ୫ କୋଟି ଦସ୍ତଖତ ସଂଗ୍ରହ କରାଯିବ। ଦସ୍ତଖତ ସମ୍ବଳିତ ନଥିପତ୍ରକୁ ଭାରତର ନିର୍ବାଚନ ଆୟୋଗ ଓ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରାଯିବ।

# ସମସ୍ତେ ଗଛ ଲଗାଇ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରନ୍ତୁ: ମୁଖ୍ୟମନ୍ତ୍ରୀ

## ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମ ସଫଳ କରିବାକୁ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ ସ୍ମରଣୀୟ କରିବା ପାଇଁ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଯାଉଛି। ଜନପ୍ରତିନିଧିମାନଙ୍କ ଠାରୁ ଆରମ୍ଭକରି ବେସରକାରୀ ଅନୁଷ୍ଠାନ, ଛାତ୍ରୀଛାତ୍ର, ମହିଳା ଓ ଯୁବବର୍ଗ ସମସ୍ତେ ଏଥିରେ ସାମିଲ ହୁଅନ୍ତୁ। ସାଧାରଣ ଜନତାଙ୍କ ସମ୍ପୂର୍ଣ୍ଣ ଭାଗୀଦାରିରେ ଏହି ବୃହତ୍ ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନଠାରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଜିଲାପାଳମାନଙ୍କ ସହ ୭୫ ଲକ୍ଷ ଗଛ ଲଗାଯିବା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲାପାଳମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହ ଯୋଗାଯୋଗ କରିବା ସହିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ମନିଟରିଂ କରିବେ। ସମସ୍ତେ ଗଛ ଲଗାଇ ସେଲ୍ଫି ଉଠାନ୍ତୁ ଏବଂ ମେରି ଲାଇଫ ପୋର୍ଟାଲ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ଅପ୍‌ଲୋଡ୍ କରନ୍ତୁ। ଏକ ସଶକ୍ତ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ। ବିକାଶ ସହିତ ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଗତ ବର୍ଷଠାରୁ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଆରମ୍ଭ କରିଛନ୍ତି। ଗତ ବର୍ଷ ଓଡ଼ିଶା ଏହି କାର୍ଯ୍ୟକ୍ରମରେ ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତ ବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଓଡିଶାରେ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି।

# ସବୁ ବିଭାଗଠାରୁ ସରକାର ଲୋଡ଼ିଲେ ବାସ୍ତବ ଚିତ୍ର

## ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୫।୯(ରବିନାରାୟଣ ଜେନା)

ରାଜ୍ୟରେ ଅର୍ଥନୈତିକ ବିକାଶ କେତେଦୂର ଅଗ୍ରଗତି ହୋଇଛି ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ସରକାରଙ୍କ ପକ୍ଷରୁ କେବଳ ଯେ ବିକାଶର ଚିତ୍ର ପ୍ରତିଫଳିତ ହେବ ତାହା ନୁହେଁ, କେଉଁ କ୍ଷେତ୍ରରେ ରାଜ୍ୟ କେତେ ପ୍ରଗତି କରିଛି ଏବଂ କେଉଁସବୁ ଆହ୍ୱାନ ରହିଛି ତାହା ଜଣାପଡ଼ିବ। ଏହାସହିତ ରାଜ୍ୟରେ କେତେ ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, କେତେ ନୂତନ ଯୋଜନା କାର୍ଯ୍ୟକାରୀ ହେବା ସହିତ ଏହାର ସୁଫଳ କେତେ ମିଳିଛି ସେସବୁ ଲୋକଲୋଚନକୁ ଆସିବ। ଏନେଇ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିଭାଗୀୟ ମୁଖ୍ୟମାନେ ତାଙ୍କର ବିକାଶର ବାସ୍ତବ ସ୍ଥିତି ସମ୍ପର୍କରେ ତୁରନ୍ତ ଜଣାଇବା ଲାଗି ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଉନ୍ନୟନ ଆୟୁକ୍ତ ଚଳିତମାସ ୨ ତାରିଖରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟର ଅର୍ଥନୈତିକ ବିକାଶ ଚିତ୍ର ହିଁ ଅଥନୈତିକ ସର୍ଭେ ରିପୋର୍ଟରେ ପ୍ରତିଫଳିତ ହୋଇଥାଏ। ଏହାବାଦ୍ କେଉଁସବୁ କ୍ଷେତ୍ରରେ ରାଜ୍ୟର ବିକାଶ ହୋଇଛି ତଥା ସୁଯୋଗ ରହିଛି ଏବଂ କେଉଁସବୁ କ୍ଷେତ୍ରରେ ଏବେ ବି ଆହ୍ୱାନ ରହିଛି ତାହା ମଧ୍ୟ ଦର୍ଶାଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନୂତନ ନୀତି ସମ୍ପନ୍ନ ହୋଇଥାଏ; ଯାହାଦ୍ୱାରା ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇପାରିବ।

ଅନୁ ଗର୍ଗ ଦର୍ଶାଇଛନ୍ତି, ଏହି ସର୍ଭେ ପାଇଁ ପ୍ରତ୍ୟେକ ବିଭାଗରେ ଜଣେ ଲେଖାଏ କ୍ଷେତ୍ରୀୟ ଅଧିକାରୀ (ନୋଡାଲ ଅଫିସର) ମନୋନୀତ ହେବା ଆବଶ୍ୟକ; ଯଦ୍ୱାରା ସେମାନଙ୍କଠାରୁ ବିଭାଗର ସମସ୍ତ ତଥ୍ୟ ତୁରନ୍ତ ମିଳିପାରିବ। ତେବେ ଅର୍ଥନୈତିକ ସର୍ଭେ ରିପୋର୍ଟ ହେଉଛି ସବୁ ବିଭାଗର ସାମୂହିକ ପ୍ରୟାସ। ଏହାକୁ ଦୃଷ୍ଟିରେ ରଖି ବିଭାଗର ସଫଳତା, ଲୋକାଭିମୁଖୀ ଯୋଜନା ଓ ଏହାର କାର୍ଯ୍ୟକାରିତା ଏବଂ ନୂତନ ନୀତି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବାକୁ ହେବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେଭଳି ତଥ୍ୟ ସରକାରଙ୍କୁ ମିଳିବ ସେନେଇ ଉନ୍ନୟନ ଆୟୁକ୍ତ ପତ୍ରରେ ଦର୍ଶାଇଛନ୍ତି।

# ଜିଏସ୍‌ଟି ସଂସ୍କାର ଯୋଗୁ ଓଡ଼ିଶାର ଇକୋସିଷ୍ଟମ ସୁଦୃଢ଼ ହେବ: ଅରୁଣ ସିଂହ

ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)

ଜିଏସ୍‌ଟି ସଂସ୍କାର ୨.୦ ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି। ଆସନ୍ତା ୨୨ରୁ ଲାଗୁ ହେବା ପାଇଁ ଯାଉଥିବା ନୂତନ ଜିଏସ୍‌ଟି ସ୍ଲାବ୍ ସମସ୍ତ ବର୍ଗଙ୍କ ମନରେ ଖୁସି ଆଣିଦେଇଛି। ଏହି ଜିଏସ୍‌ଟି ସଂସ୍କାର ଦ୍ୱାରା ଓଡ଼ିଶା ଭଳି ରାଜ୍ୟର ଇକୋସିଷ୍ଟମ ସୁଦୃଢ ହେବ ହେବ ବୋଲି ରାଜ୍ୟ ସଭା ଏମ୍‌ପି ତଥା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କେନ୍ଦୁପତ୍ର ଉପରେ ଜିଏସ୍‌ଟି ସ୍ଲାବ୍ ୧୮ ରୁ ୫ ପ୍ରତିଶତକୁ ହ୍ରାସ ପାଇବା କାରଣରୁ ଓଡ଼ିଶାର କେନ୍ଦୁପତ୍ର ତୋଳାଳିମାନେ ଉପକୃତ ହେବେ। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

# ବୈତରଣୀ ଅବବାହିକାରେ ୭ ପ୍ରାଚୀନ ଦେବୀପୀଠର ସନ୍ଧାନ

ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)

ପୁରାଣ ବର୍ଣ୍ଣିତ ପୁଣ୍ୟତୋୟା ବୈତରଣୀ ନଦୀର ସଂଲଗ୍ନ ଉପତ୍ୟକା ଅନେକ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ଗନ୍ତାଘର। ଓଡ଼ିଶାର ଭୌମକର ତଥା ସୋମବଂଶୀ ରାଜବଂଶ ରାଜୁତି ସମୟରେ ଏହି ନଦୀ କୂଳରେ ରାଜଧାନୀ ଗୁହେଶ୍ୱରପାଟକ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ଯାଜନଗର ହୋଇଥିଲା, ଯାହା ବର୍ତ୍ତମାନ ଯାଜପୁର ରୂପେ ପରିଚିତ। ଯାଜପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ବୈତରଣୀ ନଦୀ ଉପତ୍ୟକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିପୀଠ। ବୈତରଣୀ ନଦୀର ଧାରେ ଧାରେ ଅଗଣିତ ପ୍ରାଚୀନ ଦେବୀମାନେ ଅଲୋଡ଼ା ହୋଇ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ପଡିରହିଛନ୍ତି। ରି-ଡିସ୍କଭର ଲଷ୍ଟ୍ ହେରିଟେଜ ଗ୍ରୁପ୍ ପକ୍ଷରୁ ବୈତରଣୀ ନଦୀ ଉପତ୍ୟକାର ଏହି ପୁରାତନ ଦେବୀପୀଠଗୁଡ଼ିକର ସନ୍ଧାନ କରି ସେଗୁଡ଼ିକର ତଥ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୪ ରବିବାର ଗ୍ରୁପ୍‌ର ସଦସ୍ୟମାନେ ବୈତରଣୀ ନଦୀ ଉପତ୍ୟକାରେ ଐତିହ୍ୟ ଅନୁସନ୍ଧାନବେଳେ ଏସବୁର ସନ୍ଧାନ ପାଇଛନ୍ତି। ଯାଜପୁରର ଐତିହ୍ୟ ଗବେଷକ ନୃପତି ନିହାର ଶିଅଳଙ୍କ ନେତୃତ୍ୱ ସନ୍ଧାନ ମିଳିଥିବା ପୁରାତନ ଦେବୀପୀଠଗୁଡ଼ିକର ଦସ୍ତାବେଜୀକରଣ ପ୍ରକ୍ରିୟାରେ ଗ୍ରୁପ୍‌ର ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ନାୟକ, ସୁମନ ପ୍ରକାଶ ସ୍ୱାଇଁ, ବିକ୍ରମ କୁମାର ନାୟକ, ମାଧବାନନ୍ଦ ଭୋଇ, ବରଦା ପ୍ରସାଦ ଜେନା ପ୍ରମୁଖ ସାମିଲ ହୋଇଥିଲେ।



ବୈତରଣୀ ନଦୀ କୂଳରେ ରହିଥିବା ପୁରାତନ ଦେବୀପୀଠ।

ଏ ସମ୍ପର୍କରେ ନୃପତି କହିଛନ୍ତି, ଐତିହ୍ୟ ଅନୁସନ୍ଧାନକାରୀ ଦଳ ସମୁଦାୟ ୭ଟି ପ୍ରାଚୀନ ଦେବୀପୀଠର ସନ୍ଧାନ କରିଛି। ଲୋକମୁଖରେ ଏହି ଗ୍ରାମଦେବତୀମାନେ ବିଚିତ୍ର ନାମରେ ଉପାସିତ ହେଉଥିଲେ ମଧ୍ୟ ପ୍ରକୃତରେ ସେମାନେ ବୈତରଣୀ ନଦୀ ଉପତ୍ୟକାରେ ବିସ୍ତାର ଲାଭ କରୁଥିବା ଜୈନ, ବୌଦ୍ଧ ତଥା ବ୍ରାହ୍ମଣ ସଂସ୍କୃତି ଓ ଧର୍ମ ବିଶ୍ୱାସର ପ୍ରତୀକ। ଏହି ଦସ୍ତାବେଜୀକରଣରେ ଭଦ୍ରକ ଜିଲା ନେରଦାର ସୁବର୍ଣ୍ଣମୁଖୀ ପୀଠ, କେଉଁଝର ଜିଲା ହାବଲେଶ୍ୱରର ସାତଭଉଣୀ ଠାକୁରାଣୀ, ଯାଜପୁର ଜିଲା ମୁକୁନ୍ଦପୁରର ପଞ୍ଚରତ୍ନ ମନ୍ଦିର, ସୁନାମୁହିଁ ଓ ଜାଗୁଳେଇ ଠାକୁରାଣୀ, ରଣପୁରର ସଅଁଳ ଠାକୁରାଣୀ ତଥା ନୂଆଗଡ଼ର ବ୍ରାହ୍ମଣୀ ଦେବୀ ଠାକୁରାଣୀ ପୀଠ ରହିଛି। ଏସବୁ ସ୍ଥାନରୁ ହିନ୍ଦୁ, ବୌଦ୍ଧ ତଥା ଜୈନଧର୍ମ ସହ ସମ୍ପୃକ୍ତ ଅନେକ ପ୍ରାଚୀନ ମୂର୍ତ୍ତି, ମନ୍ଦିରର ଧ୍ୱଂସାବଶେଷ, ଉପାସନା ସ୍ତୂପ, ବୀରଶିଳା ତଥା ଅଭିଲେଖଯୁକ୍ତ ପ୍ରସ୍ତର ଆଦିର ସନ୍ଧାନ ମିଳିଛି। ଏହି ସନ୍ଧାନ ସମ୍ପର୍କରେ ଖୁବ୍‌ଶୀଘ୍ର ସବିଶେଷ ରିପୋର୍ଟ ପ୍ରକାଶ କରିଯିବ ବୋଲି ନିହାର କହିଛନ୍ତି।

# ଡମ୍ବସରାକୁ ବ୍ଲକ୍ ମାନ୍ୟତା ଦାବି


ଡମ୍ବସରା ବ୍ଲକ ଗଠନ ଦାବିରେ ଗୁଣପୁର ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ଗୁଣପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

■ ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀଙ୍କ ଦାବିପତ୍ର

ଗୁଣପୁର,୧୫।୯ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଆରକ୍ଷୀ ଅଧୀକ୍ଷକ ସ୍ୱାଥି ଏସ୍ କୁମାର, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୭୫ଟି ଅଭିଯୋଗର ଶୁଣାଣି ହୋଇଥିଲା।



ଦାବିପତ୍ର ଦେବାକୁ ଆସିଥିବା ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ।

ସେଥିରୁ ୪୮ଟି ବ୍ୟକ୍ତିଗତ,୧୯ଟି ସାମୂହିକ ଓ ୮ଟି ସ୍ୱାସ୍ଥ୍ୟଗତ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସମସ୍ତ ଅଭିଯୋଗପତ୍ର ଅତିରିକ୍ତ ଜିଲାପାଳ ଗ୍ରହଣ କରିବା ପରେ ଅଭିଯୋଗଗୁଡ଼ିକୁ ତଦନ୍ତକରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ପ୍ରଦାନକରି କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ଶୁଣାଣି ବେଳେ ଗୁଣପୁର ବ୍ଲକ୍‌ର ଡମ୍ବସରା ଗ୍ରାମପଞ୍ଚାୟତକୁ ବ୍ଲକ୍ ମାନ୍ୟତା ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗୁଣପୁର ବ୍ଲକ୍‌ର ୬ଟି ପଞ୍ଚାୟତର ଗ୍ରାମବାସୀ ଗୁଣପୁର ଓଭରବ୍ରିଜ୍ ନିକଟରୁ ଏକ ବାଇକ୍ ଶୋଭାଯାତ୍ରାକରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ୬ଟି ପଞ୍ଚାୟତ ଯଥା ଡମ୍ବସରା, ବାଗଶଳା, ଘନାନ୍ତି, ଭୀମପୁର, ଟିଂମିରି, ଓ ଚାଲକମା ପଞ୍ଚାୟତକୁ ନେଇ ଡମ୍ବସରା ବ୍ଲକ୍ ଗଠନ ପାଇଁ ସେମାନେ ଦାବି କରିଥିଲେ । ଭୌଗୋଳିକ ଦୃଷ୍ଟିକୋଣରୁ ଡମ୍ବସରା ବ୍ଲକ୍ ନିମନ୍ତେ ଯାହା ମାନଦଣ୍ଡ ଆବଶ୍ୟକ ରହିଛି ତାହା ରହିଛି । ତେଣୁ ସେମାନଙ୍କର ଦାବି ପୂରଣ କରାଯାଉ ବୋଲି ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଦାବି କରିଥିଲେ।

ସେହିପରି ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀମାନେ ଏକ ଦାବିପତ୍ର ଦେଇ ସେମାନଙ୍କ ବିଭିନ୍ନ ଅଭିଯୋଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ଗ୍ରେଡ୍ ପେ ବୃଦ୍ଧି, ଅର୍ଥ ବିଭାଗର ପେ ମାଟ୍ରିକ୍ସ ଲେଭଲ ୧୨ରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇବା ପାଇଁ ଯୋଗ୍ୟ ବିବେଚିତ ଥିବା ବେଳେ ଜିଲା ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନ ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାବିପତ୍ର ଗ୍ରହଣ କରବା ସହ ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଶିବିରରେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ରାୟଗଡ଼ା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆର୍.ଏନ୍. ପାତ୍ର , ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଜିଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁର, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ଝୁମୁରି ଦଳେଇ, କ୍ଷୁଦ୍ର ଜଳସେଚନ ଅନୁଜ ଯନ୍ତ୍ରୀ ଚିନ୍ମୟୀ ମଲ୍ଲିକ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ରାଉତ, ଗୁଣପୁର ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଗୁଣପୁର ଅତିରିକ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ୍ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ତତ୍ତ୍ୱାବଧାନରେ ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ, ସସ୍ମିତା ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତ ଲିମା ଶିବିର ପରିଚାଳନା କରିଥିଲେ ।

# ବାଳସୁଧାର ଗୃହ ଗଲେ ନାବାଳକ

## ଅଟୋ ଚାଳକଙ୍କ ଗଳାକାଟି ହତ୍ୟା ମାମଲା

ଟିକିରି,୧୫।୯ (ପ୍ରଫୁଲ୍ଲ କୁମାର ବେହେରା)

ଗୁଣି ସନ୍ଦେହ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାୟଗଡା ଜିଲା କାଶୀପୁର ବ୍ଲକ ଦୋରାଗୁଡା ଥାନା ଅଧୀନ ଏକାଡେଲି କରଳ ଗାଁ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଅଟୋ ଚାଳକଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ପଡୋଶୀ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ କାଳାଆମ୍ବ ଗ୍ରାମର ଖଗେଶ୍ୱର ମାଣ୍ଡାଙ୍ଗିଙ୍କ ହତ୍ୟା ଅଭିଯୋଗରେ ସୋମବାର ରାୟଗଡା ପୋଲିସ ଜଣେ ନାବାଳକଙ୍କୁ ଧରି କଳାହାଣ୍ଡି ଜିଲା ଭବାନୀପାଟଣା ବାଳସୁଧାର ଗୃହକୁ ପଠାଇଦେଇଛି। ନାବାଳକଙ୍କଠାରୁ ହତ୍ୟାରେ ବ୍ୟବହୃତ ଛୁରୀ ଏବଂ ରକ୍ତଭିଜା ପୋଷାକକୁ ଦୋରାଗୁଡା ପୋଲିସ ଜବତ କରିଛି। ହତ୍ୟାକାରୀ ନାବାଳକ ଜଣକ ମୃତକଙ୍କ ସମ୍ପର୍କୀୟ ଭାଇ ବୋଲି ରାୟଗଡା ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, କୋରାପୁଟ ଜିଲା ଦମନ୍ତପୁର ବ୍ଲକ୍ କାଳାଆମ୍ବ ଗ୍ରାମର ଖଗେଶ୍ୱର ମାଣ୍ଡାଙ୍ଗି ଓ ରମାକାନ୍ତ ମାଣ୍ଡାଙ୍ଗି ଅଟୋ ଯୋଗେ ଟିକିରି ବାଲିଯାତ୍ରା ଦେଖିବାକୁ ଯାଇଥିଲେ। ସେମାନେ ଯାତ୍ରା ଦେଖି ଅଟୋ ଯୋଗେ ଫେରୁଥିବା ସମୟରେ କରଳ ଗାଁ ଛକ ନିକଟରେ ଅଭିଯୁକ୍ତ ନାବାଳକ ଖଗେଶ୍ୱରଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ରାୟଗଡା ଏସଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ଦୋରାଗୁଡା ଆଇଆଇସି କିରଣ ବାଲା ସାମଲ, ଟିକିରି ଆଇଆଇସି ବିଶ୍ୱବନ୍ଦିନି ବାଗ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ ଗଠନ କରି ତନାଘନା କରି ଗୋଟିଏ ଦିନ ମଧ୍ୟରେ ହତ୍ୟାକାରୀଙ୍କୁ ଧରି ଜୁଭେନାଇଲ ବୋର୍ଡରେ ଦାଖଲ କରିଛନ୍ତି। ଏ ନେଇ ଦୋରାଗୁଡା ଥାନାରେ କେଶ ନଂ ୧୨୦ /୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ରାସ୍ତାରୁ ପାଇଥିବା ମୋବାଇଲ ଫେରାଇଲେ

ଟିକିରି,୧୫।୯
(ପ୍ରଫୁଲ୍ଲ କୁମାର ବେହେରା)


ଯୁବକ ପାଇଥିବା ମୋବାଇଲ ଫେରାଉଛନ୍ତି।

ରାୟଗଡା ଜିଲା ଟିକିରି ଜଗନ୍ନାଥ ମନ୍ଦିର ନିକଟରେ ପଡ଼ିଥିବା ଏକ ମୋବାଇଲ ଫୋନକୁ ଜଣେ ଯୁବକ ପାଇ ପୋଲିସ ଉପସ୍ଥିତିରେ ହଜାଇଥିବା ଲୋକଙ୍କୁ ଫେରାଇଛନ୍ତି। ପ୍ରକାଶ ଥାଉକି, ନୟାଗଡ଼ ଜିଲା ବେଗୁନିଆପାଟଣା ଗ୍ରାମର ସନ୍ତୋଷ କୁମାର ରାଉତ ଅଗ୍ନିଭୈରବଙ୍କ ଯାତ୍ରା ବୁଲିବାକୁ ଯାଇଥିବାବେଳେ ଟିକିରି ଜଗନ୍ନାଥ ମନ୍ଦିର ନିକଟରୁ ଏକ ମୋବାଇଲ ପାଇଥିଲେ। ଏହି ସମୟରେ ଉଷାପଡା ଗ୍ରାମର ଶ୍ରୀକାନ୍ତ ବିଡିକା ତାଙ୍କ ମୋବାଇଲ ହଜି ଯାଇଥିବା ନେଇ ଟିକିରି ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସନ୍ତୋଷ ଖବରପାଇ ଥାନାକୁ ଯାଇ ପୋଲିସ ଉପସ୍ଥିତିରେ ଶ୍ରୀକାନ୍ତଙ୍କୁ ତାଙ୍କ ହଜିଯାଇଥିବା ମୋବାଇଲ ଫେରାଇଥିଲେ। ନୟାଗଡ଼ ଜିଲାର ସନ୍ତୋଷ ସ୍ଥାନୀୟ ଏକ କମ୍ପାନୀରେ ଚାକିରି କରନ୍ତି। ସେ ପୂର୍ବରୁ ମଧ୍ୟ ବହୁବାର ମୋବାଇଲ, ପର୍ସ ପାଇ ଲୋକଙ୍କୁ ଫେରାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

# ଓଲଟିଲା ବସ୍: ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ


ଦୁର୍ଘଟଣାଗ୍ରସ୍ତ ବସ୍।

ରାୟଗଡ଼ା,୧୫।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ୩୨୬ ନମ୍ବର ଜାତୀୟ ରାଜପଥର କୁମ୍ଭିକୋଟା ଗାଁ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୁଣପୁରଠାରୁ ଜୟପୁର ଅଭିମୁଖେ ଯାଉଥିବା 'ଗୋଲ୍‌ଡେନ ରକ' ନାମକ ଘରୋଇ ବସ୍ ଓଲଟି ପଡ଼ିବାରୁ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି।

ସୂଚନାରୁ ଜଣାପଡ଼ିଛି, ରବିବାର ରାତିରେ ପ୍ରବଳ ବର୍ଷା ହେଉଥିଲା। ଜାତୀୟ ରାଜପଥରେ ବସ୍‌ଟି ଦ୍ରୁତଗତିରେ ଯାଉଥିବା ବେଳେ ଗୋଟିଏ ଚକା ଗାତରେ ପଡିଯିବାରୁ ନିୟନ୍ତ୍ରଣ ହରାଇ ବସ୍ ଗୋଟିଏ ପାର୍ଶ୍ୱକୁ ଢଳିଯାଇଥିଲା। ତେବେ ଏକ ବଡ ଦୁର୍ଘଟଣାରେ ବସ୍‌ରେ ଥିବା ୩୦ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା କୁହାଯାଉଛି। ଦୁର୍ଘଟଣାରେ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। କୁମ୍ଭିକୋଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସମସ୍ତେ ବିପଦମୁକ୍ତ ଥିବା ମେଡିକାଲ ସୂତ୍ରରୁ ଜଣାପଡିଛି। ଜାତୀୟ ରାଜପଥ ୩୨୬ର ଦୁରାବସ୍ଥା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେଉ ନ ଥିବା ଅଞ୍ଚଳବାସୀ କହିଛନ୍ତି।

# ମିଟ୍‌ସରେ ଇଞ୍ଜିନିୟର୍ସ ଦିବସ, ବୈଷୟିକ କାର୍ଯ୍ୟକ୍ରମ

ରାୟଗଡ଼ା,୧୫।୯
(ଆଶିଷ ରଞ୍ଜନ ପଣ୍ଡା)



ଅତିଥି କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ରାୟଗଡାସ୍ଥିତ ମଝିଘରିଆଣି ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍‌ସ)ରେ ଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟର୍ସ (ଇଣ୍ଡିଆ) ସୁନାବେଡା ଲୋକାଲ ଚାପ୍ଟର ସହଯୋଗରେ ସୋମବାର ୫୮ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନାବେଡା ଏଏଚଏଏଲର ଡେପୁଟି ଜେନେରାଲ ମ୍ୟାନେଜର ଏ.ଆର୍. ଆଲୋକ ନାରାୟଣ, ସମ୍ମାନିତ ଅତିଥି ଭାବେ ମହିନ୍ଦ୍ରା ପ୍ରାଇଡ କ୍ଲାସରୁମ, ନାନ୍ଦି ଫାଉଣ୍ଡେସନ, ରାଜ୍ୟ ତାଲିମ ସଂଯୋଜକ, ମୁନମୁନ ସିଂହ ଏବଂ ଏ.ଆର୍. ସଞ୍ଜୟ କୁମାର ବିସୋଇ, ସମ୍ମାନୀୟ ସଚିବ, ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟର୍ସ (ଇଣ୍ଡିଆ), ସୁନାବେଡା ଲୋକାଲ ଚାପ୍ଟର ପ୍ରମୁଖ ଯୋଗଦେଇଥିଲେ। ନବସୃଜନ, ସୃଜନଶୀଳତା ଏବଂ ସାମାଜିକ ପ୍ରଗତିକୁ ପ୍ରୋତ୍ସାହିତ କରିବାରେ ଇଞ୍ଜିନିୟର ଦିବସର ଗୁରୁତ୍ୱ ଉପରେ ମିଟ୍ସ ନିର୍ଦ୍ଦେଶକ ଡ. ସି.ଭି. ଗୋପୀନାଥ ଆଲୋକପାତ କରିଥିଲେ। ମିଟ୍ସର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦକ୍ଷତା ବିକାଶ ଏବଂ କ୍ୟାରିଅର ପ୍ରସ୍ତୁତିକୁ ବୃଦ୍ଧି କରିବା ପାଇଁ ଏହି ଅବସରରେ ମିଟ୍ସ ଏବଂ ମହିନ୍ଦ୍ରା ପ୍ରାଇଡ କ୍ଲାସରୁମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଅନିମେଶ ଘୋଷ ଏମ. ବିଶ୍ୱେଶ୍ୱରାୟଙ୍କ ଜୀବନ ଏବଂ ଅବଦାନ ଉପରେ ଉପସ୍ଥାପନା କରିଥିଲେ। ଉପସ୍ଥାପନ ଅଧିବେଶନ ପରେ, ସମ୍ମାନିତ ବ୍ୟକ୍ତିମାନେ ବୈଷୟିକ ଆଲୋଚନା, ପୋଷ୍ଟର ଉପସ୍ଥାପନା ଏବଂ ଏକ ବୈଷୟିକ ଫଟୋଗ୍ରାଫି ପ୍ରତିଯୋଗିତା ସମେତ ବିଭିନ୍ନ ବୈଷୟିକ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ସେହିପରି ପ୍ରତିଯୋଗିତାର ବିଜେତାଙ୍କୁ ନଗଦ ପୁରସ୍କାର ଏବଂ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ସଙ୍ଖାନ ସ୍ୱାଇଁ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଇଞ୍ଜିନିୟର ଦିବସ ପାଳନ କେବଳ ସାର୍ ଏମ. ବିଶ୍ୱେଶ୍ୱରାୟଙ୍କ ଐତିହ୍ୟକୁ ଶ୍ରଦ୍ଧାଞ୍ଜଳି ଜଣାଇ ନ ଥିଲା ବରଂ ବୈଷୟିକ ଶିକ୍ଷାରେ ନବସୃଜନ ଏବଂ ଉତ୍କର୍ଷତାକୁ ପୋଷଣ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଥିଲା ବୋଲି ମିଟ୍ସର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା କହିଥିଲେ।

# ୨୭ କେ.ଜି. ଗଞ୍ଜେଇ ଜବତ, ୨ ଗିରଫ

ଗୁଣପୁର,୧୫।୯
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ପୋଲିସ ରବିବାର ସନ୍ଧ୍ୟାରେ ରେଳ ଷ୍ଟେଶନ ନିକଟରୁ ୨୭ କେଜି ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ଗଜପତି ଜିଲା ଅଡବା ନିକଟ ଖାରିଗୁଡ଼ା ଗ୍ରାମର ସୁଦାମ ନାୟକ ଓ ଆର୍. ଉଦୟଗିରି ଗ୍ରାମର ମହିଳା ନାନୁମା ବେବର୍ତ୍ତା। ଗୁଣପୁର ଥାନାରେ କେସ୍ ନଂ. ୨୦୭/୨୫ ରେ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ଗିରଫଦ୍ୱୟଙ୍କୁ ବିଚାର ପାଇଁ ସୋମବାର କୋର୍ଟକୁ ପଠାଇ ଦିଆଯାଇଥିବା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।

# ଆର୍‌ଆଇ ଅଫିସ୍‌ରୁ ଇନ୍‌ଭର୍ଟର ଚୋରି, ୩ ଗିରଫ

ଗୁଣପୁର,୧୫।୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅନ୍ତର୍ଗତ ଚାଲକମ୍ବା ରାଜସ୍ୱ ନିରୀକ୍ଷକଙ୍କ ଅଫିସ୍‌ରୁ ଗତ ୧ ତାରିଖରେ ଚୋରି ହୋଇଥିବା ଇନ୍‌ଭର୍ଟର ଓ ବ୍ୟାଟେରିକୁ ଗୁଣପୁର ପୋଲିସ ଉଦ୍ଧାର କରିଛି। ଚୋରିରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ସେହି ଗ୍ରାମର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁଦାମ ଶବର, ଗଣପତି ଶବର ଓ କାଞ୍ଚିଆ ଶବର ବୋଲି ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି। ଏ ନେଇ ଥାନାରେ କେସ୍ ନଂ. ୨୦୬/୨୫ ରେ ଏକ ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ ଗୁଣପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି ।

# ବାଇକ୍ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାୟଗଡ଼ା,୧୫।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ଡିଜେଏମ୍ ବର୍ଷା ଦାସ ସୋମବାର ଏକ ବାଇକ୍ ଚୋରି ମାମଲାର ବିଚାରକରି ୪ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ ମାସ ଦଣ୍ଡାଦେଶ ଶୁଣାଇଛନ୍ତି। ମୋଟ ୧୧ ଜଣଙ୍କ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତିକରି ଏସ୍‌ଡିଜେଏମ୍ ଦାସ ଏହି ରାୟ ଦେଇଛନ୍ତି।

ସୂଚନା ମୁତାବକ, ଜାନୁଆରୀ ୧୮ରେ ଚାନ୍ଦିଲି ଥାନା ଅନ୍ତର୍ଗତ ନାଗାବଳୀ ନଦୀ ନିକଟରୁ ଅଡ଼ପତିଗୁଡ଼ା ଗ୍ରାମର ତୋଇକା ରମେଶଙ୍କ ବାଇକ୍ ଚୋରି ହୋଇଥିଲା । ଏ ନେଇ ରମେଶ ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଚାନ୍ଦିଲି ଥାନାରେ କେସ୍ ନଂ. ୯୦/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଚାନ୍ଦିଲି ଥାନା ଏସ୍‌ଆଇ ପ୍ରଜ୍ଞାଶ୍ରୀ ନାୟକ ତଦନ୍ତକରି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅରଜୁ ପିଡିକା, ସହଦେବ ମାଣ୍ଡାଙ୍ଗି, ବିଜୟ କୁମାର ମାଣ୍ଡାଙ୍ଗି ଏବଂ ହରେଶ ଖମାରୀଙ୍କୁ ଗିରଫ କରିବା ସହ ଚୋରି ଗାଡି ଜବତ କରିଥିଲେ। ଏଥିସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡାଙ୍ଗା ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଉକ୍ତ ୪ ଅଭିଯୁକ୍ତ ଅନ୍ୟ ଦୁଇଟି ଚୋରି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗୁଛନ୍ତି।

# କଣ୍ଟାଦୋଳିରେ ଝୁଲିଲେ, ନିଆଁରେ ଚାଲିଲେ ପୂଜକ

## ମା' ମାଣିକେଶ୍ୱରୀଙ୍କ ଝାମୁଯାତ୍ରା ଉଦ୍‌ଯାପିତ

ଚନ୍ଦ୍ରପୁର,୧୫।୯
(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ଗ୍ରାମରେ ମା' ମାଣିକେଶ୍ୱରୀଙ୍କ ଝାମୁଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ମାଣିକେଶ୍ୱରୀଙ୍କ ମୁଖ୍ୟ ପୂଜକ ଗଙ୍ଗାଧର ପାତ୍ର ସନ୍ଧ୍ୟା ୮ଟାରେ ମା'ଙ୍କ ବେଶରେ ସଜ୍ଜିତ ହୋଇ ନିକଟସ୍ଥ ବାଲିଘର ସମ୍ମୁଖରେ ବନ୍ଧାଯାଇଥିବା ଲୁହାର କଣ୍ଟା ଦୋଳିରେ ବସି ଝୁଲିଥିଲେ। ଦୀର୍ଘ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ସେ ଶ୍ରଦ୍ଧାଳୁଙ୍କ ଗୁହାରି ଶୁଣିଥିଲେ। ପରେ ସହଯୋଗୀ ପୂଜକମାନଙ୍କ ସହ ଝାମୁନିଆଁରେ ଖାଲିପାଦରେ ଚାଲି ଚାଲି ଯାଇଥିଲେ। ମା'ଙ୍କ ଏହି ଯାତ୍ରା ଦେଖିବା ପାଇ ଗୁଣପୁର, ଗୁଡ଼ାରି, ଚନ୍ଦ୍ରପୁର, ମୁନିଗୁଡ଼ା, ରାୟଗଡ଼ା, ହନୁମନ୍ତପୁର ଏବଂ ଆଖପାଖ ଅଞ୍ଚଳରୁ ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଫାଣ୍ଡିର ଭାରପ୍ରାପ୍ତ ପୋଲିସ ଅଧିକାରୀ ନରେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ବହୁ କର୍ମଚାରୀଙ୍କ ସହ ସ୍ଥାନୀୟ ସିଆର୍‌ପିଏଫ୍, ଓଏସ୍‌ଏପି ବାଟାଲିୟନ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏଥିସହ ଯାତ୍ରା କମିଟିର ସଭାପତି ସୁନା ମାଝି ଦିବାକା, ଉପସଭାପତି ବିଜୟ ଉଲାକା, କମିଟି ସଦସ୍ୟ କବିରାଜ ପାତ୍ର, ଦୟାନିଧି ପାତ୍ର, ପ୍ରଭାକର ପାତ୍ର, ସୁବ୍ରତ ମଣ୍ଡଳ, ବିନୋଦ ଦଣ୍ଡସେନାଙ୍କ ସମେତ ଗ୍ରାମର ବହୁ ଯୁବକ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ସକାଶେ ଶ୍ରୀରାମ ନାଟକ, ସୀତା ଚୋରି, ନାଟକ ପରିବେଷଣ କରାଯାଇଥିଲା। ଏଥିସହ ମିନାବଜାର, ରାମଦୋଳି ଏବଂ ବିଭିନ୍ନ ଖେଳନା ସାମଗ୍ରୀ ଦୋକାନୀ ପସରା ମେଲାଇଥିଲେ। ମଙ୍ଗଳବାର ଏଠାରେ ମେଲୋଡି କାର୍ଯ୍ୟକ୍ରମ ହେବ ବୋଲି ଗ୍ରାମର ମୁଖିଆ କବିରାଜ ପାତ୍ର ସୂଚନା ଦେଇଛନ୍ତି।


ମାଣିକେଶ୍ୱରୀଙ୍କ ମୁଖ୍ୟ ପୂଜକ କଣ୍ଟାଦୋଳିରେ ଝୁଲୁଛନ୍ତି।

# ସରିଲା ବାଲିଭୈରବୀ ବାଲିଯାତ୍ରା


ମନ୍ଦିର ମୁଖ୍ୟ ପୂଜକ ନିଆଁ ରଡ଼ରେ ଚାଲୁଛନ୍ତି।

କଲ୍ୟାଣସିଂହପୁର,୧୫।୯
(ଦୀପକ କୁମାର ପରିଡ଼ା )

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ବାଲି ଭୈରବୀ ମନ୍ଦିର ପାଖରେ ସୋମବାର ବାଲିଯାତ୍ରା ଉଦ୍‌ଯାପିତ ହୋଇଯାଇଛି। କଲ୍ୟାଣସିଂହପୁରର ପ୍ରସିଦ୍ଧ ବାଲି ଭୈରବୀଙ୍କ ବାଲିଯାତ୍ରା ପାଇଁ ଜଗନ୍ନାଥ କଲୋନୀ ନିକଟସ୍ଥ କଲ୍ୟାଣୀ ନଦୀରେ ପୂଜାର୍ଚ୍ଚନା ପରେ ବାଲି ଉଠାଇ ଆଣି ସ୍ଥାନୀୟ ମନ୍ଦିରଠାରେ ସ୍ଥାପନା କରିଥିଲେ। ପୀଠ ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟା ୭ ଟାରେ ନିଆଁମଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ ଏବଂ ସହଯୋଗୀମାନେ ନିଆଁ ରଡ଼ରେ ଚାଲିଥିଲେ। ପରେ ବାଲି ଭୈରବୀଙ୍କୁ ବଳି ଦେଇ ଶାନ୍ତ କରାଯାଇଥିଲା। ମା'ଙ୍କ ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଗତ ବର୍ଷ କୌଣସି କାରଣବଶତଃ ଏହି ଭୈରବୀ ବାଲିଯାତ୍ରା ଆୟୋଜନ ହୋଇପାରି ନ ଥିଲା। ଚଳିତ ବର୍ଷ ପୁନର୍ବାର ଏହାର ଆୟୋଜନ ମହାଆଡମ୍ବରରେ ହୋଇଥିବା ଦେଖିବାକୁ ମିଳିଛି ।

# ୫ ବର୍ଷରେ ୭,୫୫୮ ନାବାଳିକା ଗର୍ଭବତୀ

ନବରଙ୍ଗପୁର,୧୫।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ବାଲ୍ୟବିବାହ ଓ ନାବାଳିକା ଗର୍ଭବତୀ ଘଟଣା ଉଦ୍‌ବେଗଜନକ। ସଚେତନତାର ଅଭାବ ଏହାର ମୁଖ୍ୟ କାରଣ। ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ନବରଙ୍ଗପୁର ଜିଲାରେ ୨୦୨୦ରୁ ୨୦୨୫ ଅଗଷ୍ଟ ମଧ୍ୟରେ ୧୬୦୨ ବାଲ୍ୟବିବାହ ରୋକାଯାଇ ପାରିଛି। ସେହିଭଳି ୨୦୨୦-୨୧ରୁ ୨୦୨୫ ଏପ୍ରିଲ ମଧ୍ୟରେ ୭,୫୫୮ ନାବାଳିକା ଗର୍ଭବତୀ ହୋଇଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସଚେତନତା ପରେ ମଧ୍ୟ ସାମ୍ନାକୁ ଆସିଥିବା ସଂଖ୍ୟା ଚିନ୍ତା ବଢ଼ାଇଛି। ବାଲ୍ୟବିବାହ କଲେ ମଧ୍ୟସ୍ଥି, ପୁରୋହିତ, ପରିବାରର ମା' ଓ ବାପାଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ନିୟମ ରହିଛି। ତଥାପି ମଧ୍ୟ ଏହାକୁ ଅଣଦେଖା କରି ଅନେକ ପରିବାର ବାଲ୍ୟବିବାହ କରାଉଛନ୍ତି। ପ୍ରଶାସନ କୌଣସି ସୂତ୍ରରୁ ଖବର ପାଇଲେ ତାହାକୁ ରୋକିବା ଉଦ୍ୟମ କରୁଛନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରୁ ହିଁ ଏଥିପାଇଁ ସଚେତନତା କରାଯାଏ। କିନ୍ତୁ ପରିବାର ଲୋକ ସଚେତନ ହେଲେହିଁ ଏଭଳି ସମସ୍ୟାର ବାଟ ଫିଟିବ ବୋଲି ମତ ପ୍ରକାଶ ପାଉଛି।

ସମାଜ କଲ୍ୟାଣ ବିଭାଗ ତଥ୍ୟ ଅନୁଯାୟୀ, ଜିଲାରେ ୨୦୨୦-୨୧ରେ ୧୫୫୨, ୨୦୨୧-୨୨ରେ ୧୫୬୯, ୨୦୨୨-୨୩ରେ ୧୩୦୧, ୨୦୨୩-୨୪ରେ ୧୭୯୭ ଓ ୨୦୨୪-୨୫ ଏପ୍ରିଲ ସୁଦ୍ଧା ୧୩୩୯ ଜଣ ନାବାଳିକା ଗର୍ଭବତୀ ହୋଇଥିବା ସୂଚନା ମିଳିଛି। ଜିଲାରେ ୨୦୨୦ରେ ୭୮, ୨୦୨୧ରେ ୧୪୪, ୨୦୨୨ରେ ୨୯୭, ୨୦୨୩ରେ ୪୪୦, ୨୦୨୪ରେ ୩୩୭ ଓ ୨୫ ଅଗଷ୍ଟ ସୁଦ୍ଧା ୩୦୬ ବାଲ୍ୟବିବାହ ରୋକାଯାଇ ପାରିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୨-୨୩ରୁ ୨୦୨୫ ଅଗଷ୍ଟ ସୁଦ୍ଧା ୧୫୫୭ ଜଣ ଗର୍ଭବତୀ ଥିବା ରିପୋର୍ଟ ମିଳିଛି। ସ୍ୱାସ୍ଥ୍ୟ ବିଭାଗର ତିନି ବର୍ଷର ସୂଚନା ଅନୁଯାୟୀ ୨୦୨୨-୨୩ରେ ୪୭୩, ୨୦୨୩-୨୪ରେ ୫୯୯ ଓ ୨୦୨୪-୨୫ରେ ୪୮୫ ଜଣ ନାବାଳିକା ଗର୍ଭବତୀ ହୋଇଥିବା ସୂଚନା ମିଳିଛି। ତେବେ ସମାଜ କଲ୍ୟାଣ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ସୂଚନାକୁ ଆଧାର କଲେ ସେଥିରେ ତାଳମେଳ ରହୁନାହିଁ।

**ଜିଲା ସମାଜ କଲ୍ୟାଣ ବିଭାଗ ଦେଇଥିବା ତଥ୍ୟ ଉଦ୍‌ବେଗଜନକ**

- ବିବାହ ପରେ ନାବାଳିକା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି
- ଡ୍ରପ୍‌ଆଉଟ ବଢ଼ିବାର ଏକ ପ୍ରମୁଖ କାରଣ



ଆଧୁନିକ ସମାଜରେ ନାବାଳିକା ବିବାହ ଓ ଗର୍ଭବତୀ ଏକ ଗଭୀର ଚିନ୍ତାର ବିଷୟ ହୋଇପଡ଼ିଛି। ୧୮ ବର୍ଷରୁ କମ୍ ବୟସର ଝିଅମାନେ ବିବାହ କଲେ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିପଦରେ ପଡ଼ିଥାଏ। ଏହା ସୁସ୍ଥ ସମାଜର ଉନ୍ନତିକୁ ମଧ୍ୟ ବାଧା ଦେଉଛି। ଦାରିଦ୍ର୍ୟ ଚାପରେ ପଡ଼ି ପରିବାର ଅର୍ଥନୈତିକ ଭାର କମାଇବାକୁ ଛୋଟ ବୟସରେ ଝିଅମାନଙ୍କୁ ଅନେକେ ବିବାହ କରି ଦେଇଥାନ୍ତି, ଯାହାକି ନାବାଳିକାମାନଙ୍କ ପାଇଁ ବିପଜ୍ଜନକ। ସଚେତନତା ଓ ଶିକ୍ଷା ଅଭାବରୁ ଅଭିଭାବକମାନେ ନାବାଳିକା ବିବାହର କୁଫଳ ବୁଝିପାରୁନାହାନ୍ତି। ଯାହାକି ଜିଲା ପାଇଁ ଚିନ୍ତାର କାରଣ ସାଜିଛି। ସେହିଭଳି ପରମ୍ପରା ଓ ସାମାଜିକ ଚାପରେ କିଛି ଅଞ୍ଚଳରେ ଏହାକୁ ଏବେ ମଧ୍ୟ ସାଧାରଣ ପ୍ରଥା ବୋଲି ଗ୍ରହଣ କରାଯାଏ। ଶାରୀରିକ ସମସ୍ୟା, ଅପ୍ରାପ୍ତ ବୟସ୍କ ମାତୃତ୍ୱରେ ମା' ଓ ଶିଶୁର ଜୀବନ ବିପଦ ଆଡ଼କୁ ଗତି କରୁଛି। ବିବାହ ପରେ ନାବାଳିକା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି, ଯାହାକି ନବରଙ୍ଗପୁର ଜିଲାରେ ଡ୍ରପ୍‌ଆଉଟ୍ ବଢ଼ିବାର ଏକ ପ୍ରମୁଖ କାରଣ ବୋଲି ବୁଦ୍ଧିଜୀବୀ ଆଶଙ୍କା କରୁଛନ୍ତି। ଛୋଟ ବୟସରେ ବିବାହ କରିଥିବା ଝିଅମାନେ ପାରିବାରିକ ହିଂସା ଓ ସାମାଜିକ ଅବହେଳା ଆଶଙ୍କାରେ ରୁହନ୍ତି। ଅଭିଭାବକ ଓ ସମାଜକୁ ନାବାଳିକା ବିବାହର କୁଫଳ ସମ୍ପର୍କରେ ସଚେତନ କରିବା ଏକମାତ୍ର ବାଟ ହେଉଛି ନାବାଳିକା ବିବାହ ବିରୋଧୀ ଆଇନକୁ କଡ଼ାକଡ଼ିଭାବେ ଲାଗୁ କରିବା। ନାବାଳିକା ବିବାହ କେବଳ ବ୍ୟକ୍ତିଗତ ଜୀବନକୁ ଅନ୍ଧକାରମୟ କରୁନାହିଁ, ସମଗ୍ର ସମାଜର ଉନ୍ନତିକୁ ଅଟକାଇ ଦେଉଛି। ତେଣୁ ସମସ୍ତଙ୍କ ମଧ୍ୟରେ ସଚେତନତା ଓ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଉଛି।

## ଫାୟାରିଂରେ ରୌପ୍ୟ ପଦକ ହାସଲ କଲେ ଇନ୍ଦିରା

ନବରଙ୍ଗପୁର,୧୫।୯ (ସଦାଶିବ ପ୍ରହରାଜ)

**ଅଲ୍ ଇଣ୍ଡିଆ ଥାଲ ସୈନିକ କ୍ୟାମ୍ପରେ ସଫଳତା**



ଇନ୍ଦିରା ନାୟକ।

ନବରଙ୍ଗପୁର ଜିଲା ଡାବୁଗାଁର ଜୁନିଅର ଅଣ୍ଡର ଅଫିସର ଇନ୍ଦିରା ନାୟକ ନୂଆଦିଲ୍ଲୀରେ ଆୟୋଜିତ ଏନ୍‌ସିସି ଡିଜି କ୍ୟାମ୍‌ରେ ଅଲ୍ ଇଣ୍ଡିଆ ଥାଲ ସୈନିକ କ୍ୟାମ୍ପରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ଜିଲା ପାଇଁ ଗୌରବର ବିଷୟ ବୋଲି ଜିଲାବାସୀ କହିଛନ୍ତି।

ଡାବୁଗାଁ ବ୍ଲକ ଡଙ୍ଗରିଗୁଡ଼ା ଗାଁର ରତ୍ନୁଲା ଓ ଦିଲୀପ ନାୟକ ଝିଅ ଇନ୍ଦିରା ନାୟକ ଡାବୁଗାଁ ଭୈରବ ମହାବିଦ୍ୟାଳୟର ଯୁକ୍ତ ତିନି କଳା ଛାତ୍ରୀ। ଏନ୍‌ସିସି କ୍ୟାଡେଟ୍ ହିସାବରେ ନିଜର ଦକ୍ଷତା, ସମର୍ପଣ ଓ ପରିଶ୍ରମର ଫଳରେ ଗର୍ବ ଓ ପ୍ରେରଣା ଆଣିଛନ୍ତି। ନୂଆଦିଲ୍ଲୀରେ ଗତ ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏନ୍‌ସିସି ଡିଜି କ୍ୟାମ୍‌ରେ ଇନ୍ଦିରା ଅଲ୍ ଇଣ୍ଡିଆ ଥାଲ ସୈନିକ କ୍ୟାମ୍ପରେ ଫାୟାରିଂରେ ରୌପ୍ୟ ପଦକ ହାସଲ କରିଛନ୍ତି। ରାଜ୍ୟରୁ ୪୦ଜଣ ଭାଗ ନେଇଥିବା ବେଳେ ଭୁବନେଶ୍ୱରର ପୁଷ୍ପାଞ୍ଜଳି ମହାପାତ୍ର ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଇନ୍ଦିରାଙ୍କୁ ରୌପ୍ୟ ପଦକ ମିଳିଛି। ନବରଙ୍ଗପୁରସ୍ଥିତ ଏନ୍‌ସିସି ୧୩ ବାଟାଲିୟନ(ଓଡ଼ିଶା) ଇନ୍ଦିରା ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦୁଇ ବର୍ଷ ହେବ ଏନସିସି ୧୩ ବାଟାଲିୟନ(ଓଡ଼ିଶା) ପକ୍ଷରୁ ପୋଲିସ ଫାୟାରିଂ ରେଞ୍ଜରେ ତାଲିମ ନେଇଥିଲେ। ଆୟୁଶୀ ଓ ଆଇଜି କ୍ୟାମ୍ପରେ ଭାଗ ନେବା ପରେ ଚଳିତ ମାସ ଦିଲ୍ଲୀରେ ଅନୁଷ୍ଠିତ ଡିଜି କ୍ୟାମ୍ପରେ ସେ ଭାଗ ନେଇଥିଲେ। ସେ ନିଜ ସଫଳତାର ଶ୍ରେୟ ମାଆ, ବାପା କଲେଜ ପ୍ରିନ୍ସିପାଲ ଓ ଅଧ୍ୟାପିକା ଓ ଏନ୍‌ସିସି ୧୩ ବାଟାଲିୟନ(ଓଡ଼ିଶା) କମାଣ୍ଡୋ ଅଫିସର କର୍ଣ୍ଣଲ ସୁନୀଲ କୁମାର, ହାବିଲଦାର ଧନଞ୍ଜୟ ପ୍ରଧାନ, ସତିଶ ବି, ସୁବେଦାର ବିନୟ କୁମାର ସିଂ, କେଦାରନାଥ ପ୍ରଧାନ, କୋଚିଂ ଶିକ୍ଷକ ବଳଭଦ୍ର ଦାସଙ୍କୁ ଦେଇଛନ୍ତି।

## ନବରଙ୍ଗପୁରରେ ଦ୍ୱି ଭାଷୀ ଚଳଚ୍ଚିତ୍ର ସୁଟିଂ

ନବରଙ୍ଗପୁର,୧୫।୯(ସଦାଶିବ ପ୍ରହରାଜ)

ଦୀପ୍‌ଶାନ୍ ଫିଲ୍ମ ପ୍ରଯୋଜିତ ଏବଂ ସାଇ ଫିଲ୍ମ ନିବେଦିତ ଏସ୍‌ଏଫ୍-୦୦୮ ନାମକ ଫିଲ୍ମର ସୁଟିଂ ନବରଙ୍ଗପୁର ସାମନ୍ତରାୟ ସାହିସ୍ଥିତ ସାମନ୍ତରାୟ ବଙ୍ଗଳାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅବିଭକ୍ତ କୋରାପୁଟ ଜିଲା ଚଳଚ୍ଚିତ୍ର ବିକାଶ ନିଗମର ସହ ସମ୍ପାଦକ ତଥା ନବରଙ୍ଗପୁର ଜିଲାର ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଫିଲ୍ମର ରଚନା, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରିଚିତ ନିର୍ଦ୍ଦେଶକ ଅମର ମିଶ୍ର ଦେଉଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଅଭୟ ମିଶ୍ର ଏବଂ ସୁଶୀଲ ଦଳେଇ ଦେଇଛନ୍ତି । ଏହି ଚଳଚ୍ଚିତ୍ରରେ ଅବିଭକ୍ତ କୋରାପୁଟ ଜିଲାର ଅନେକ ପ୍ରତିଷ୍ଠିତ କଳାକାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଏକକାଳୀନ ଓଡ଼ିଆ ଏବଂ ତେଲୁଗୁ ଭାଷାରେ ନିର୍ମାଣ କରାଯାଉଛି। ଏହା ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ମୁକ୍ତିଲାଭ କରିବ। ଚଳଚ୍ଚିତ୍ରର ଶୁଟିଂ ଅବିଭକ୍ତ କୋରାପୁଟର ବିଭିନ୍ନ ସ୍ଥାନ ଏବଂ ଓଡ଼ିଶା ବାହାରେ ହେବ। ୨୦୨୬ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ସିନେମାଟି ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ନବରଙ୍ଗପୁର ତ୍ରିଶକ୍ତି ସିନେ କମ୍ବାଇନ୍ସ ପକ୍ଷରୁ ଚଳଚ୍ଚିତ୍ରର ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

## ବିକଶିତ ଗାଁ ଓ ବିକଶିତ ଓଡ଼ିଶା କାର୍ଯ୍ୟକୁ ନେଇ ବିଧାୟକଙ୍କ ସହ ହୋହଲ୍ଲା



କାମକୁ ନେଇ ବିଧାୟକଙ୍କ ସହ ସରପଞ୍ଚ, ସମିତି ସଭ୍ୟ ପାଟିତୁଣ୍ଡ କରୁଛନ୍ତି।

ଝରିଗାଁ,୧୫।୯(କିଶୋର ଚନ୍ଦ୍ର ମଣ୍ଡଳ)

**ପଞ୍ଚାୟତ ସମିତି ସାଧାରଣ ବୈଠକ**

- ସମାଧାନ ନ ହେଲେ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ଚେତାବନୀ

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ନରସିଂହ ଭତ୍ରା ମୁଖ୍ୟ ଅତିଥି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଡିଓ ମଧୁସୂଦନ ମାଝୀ, ଜିଲା ପରିଷଦ ସଭ୍ୟ ଯମୁନା ଗଣ୍ଡ, ତ୍ରିମିଳା ପୂଜାରୀ, ଶ୍ୟାମସୁନ୍ଦର ନାୟକ, ଉପାଧ୍ୟକ୍ଷା ମନଦେଇ ଭତ୍ରା , ଏଇଇ ବିନିତ୍ କୁମାର ମିଶ୍ର, ଜିପିଇଓ ରମେଶ ହରିଜନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଜିପିଇଓ ପୂର୍ବ ବୈଠକର ଆଲୋଚନା ହୋଇଥିବା ବିଷୟ ପାଠ କରିଥିଲେ। ଏହାପରେ ପାନୀୟ ଜଳ ଯୋଗାଣ, ଶିକ୍ଷା, ଖାଦ୍ୟ ଓ ଯୋଗାଣ, କୃଷି ଏବଂ ଉଦ୍ୟାନ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନାର ଅଧିକାରୀମାନେ ଝରିଗାଁ ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନ ପ୍ରତିନିଧିମାନଙ୍କୁ ଜଣାଇଥିଲେ। ଏହାପରେ ଉନ୍ନୟନମୂଳକ ଯୋଜନାରେ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ଏଇଇ ଉପସ୍ଥାପନ ରଖିଥିଲେ।

ବୈଠକରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଉନ୍ନୟନ କାର୍ଯ୍ୟର କାର୍ଯ୍ୟାଦେଶରେ ବିଧାୟକଙ୍କ ଶତପ୍ରତିଶତ ହସ୍ତକ୍ଷେପକୁ ନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ, ସମିତି ସଭ୍ୟ ଏବଂ ସରପଞ୍ଚମାନେ ବିରୋଧ କରିଥିଲେ। ପ୍ରଥମେ ଗାଇଡ୍‌ଲାଇନ୍ କ'ଣ ଲେଖାହୋଇଛି ତାହା ବୁଝିବାକୁ ଚେଷ୍ଟାକର ବୋଲି ବିଧାୟକ ବୈଠକରେ କହିଥିଲେ। ଏ ସମ୍ପର୍କରେ ସମିତି ବୈଠକରେ ଆଲୋଚନା ନ କରି ଅନ୍ୟ କୌଣସି ସ୍ଥାନରେ ବସି କଥା ହେବାକୁ ବିଧାୟକ ପ୍ରସ୍ତାବ ରଖିଥିଲେ। କିନ୍ତୁ ସମିତି ସଭ୍ୟ ଏବଂ ସରପଞ୍ଚମାନେ ବିଧାୟକଙ୍କ କଥାରେ ଏକମତ ହୋଇନଥିଲେ। ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଉନ୍ନୟନ କାର୍ଯ୍ୟରେ ସମିତି ସଭ୍ୟ, ସରପଞ୍ଚ କେଉଁ କେଉଁ କାର୍ଯ୍ୟ କରିବେ ତାହା ନେଇ ରିଜୋଲୁଶନ କରାଯାଉ ବୋଲି ସମିତି ସଭ୍ୟ ଏବଂ ସରପଞ୍ଚମାନେ ପ୍ରସ୍ତାବ ଦେଇଥିଲେ। ଏଥିରେ ବିଧାୟକ ଏକମତ ନ ହେବାରୁ ଉନ୍ନୟନ କାର୍ଯ୍ୟକୁ ନେଇ ବିଧାୟକଙ୍କ ସହ ସମିତି ସଭ୍ୟ ଏବଂ ସରପଞ୍ଚମାନେ ହୋହଲ୍ଲା କରିଥିଲେ। ମଙ୍ଗଳବାରଠାରୁ ସରପଞ୍ଚମାନେ ନିଜ ପଞ୍ଚାୟତରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଉନ୍ନୟନ କାର୍ଯ୍ୟ କରାଇବେ। ଏଥିରେ ବାଧା ଦେଲେ କିମ୍ବା ଗାଇଡ୍‌ଲାଇନ୍ ଖିଲାପ କରି କାମ କରାଇଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡ଼ିବ ବୋଲି ସରପଞ୍ଚ ଏବଂ ସମିତି ସଭ୍ୟମାନେ ଚେତାବନୀ ଦେଇଛନ୍ତି। ସୂଚନାନୁଯାୟୀ, ଝରିଗାଁରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ହେଉଥିବା ପ୍ରକଳ୍ପର କାର୍ଯ୍ୟାଦେଶଗୁଡ଼ିକୁ ଝରିଗାଁ ବିଧାୟକ ଦଳୀୟ କର୍ମକର୍ତ୍ତାଙ୍କୁ ବଣ୍ଟନ କରିଥିବା ନେଇ ସରପଞ୍ଚ ଓ ସମିତି ସଭ୍ୟମାନେ ପୂର୍ବରୁ ଅଭିଯୋଗ କରିଥିଲେ, ଯାହାକୁ ନେଇ ବୈଠକରେ ଏଭଳି ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା।

## ଛୁଆ ଚୋରି ଅଭିଯୋଗ ଆଣିଲେ ଦମ୍ପତି

ଉମରକୋଟ, ୧୫।୯(ସନ୍ତୋଷ ଶତପଥୀ)

ସୋନଗ୍ରାଫିରେ ଯାଆଁଳା ଛୁଆ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ଡାକ୍ତରଖାନାରେ ପ୍ରସବ ପରେ ଗୋଟିଏ ଛୁଆ ଦିଆଗଲା। ଡାକ୍ତରଖାନାରୁ ଛୁଆ ଚୋରି କିମ୍ବା ପିଲାକୁ ବିକ୍ରି କରାଯାଇଥିବା ନେଇ ସୋମବାର ଉମରକୋଟ ଥାନାରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ କୋଷକୋଙ୍ଗା ପଞ୍ଚାୟତ ଆଦିପାରା ଗ୍ରାମର ରାକେଶ ଗଣ୍ଡ ଓ ତାଙ୍କ ସ୍ତ୍ରୀ କୁନ୍ତୀ ଅଭିଯୋଗ କରିଛନ୍ତି। ଏବେଯାଏ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇନାହିଁ।

କୁନ୍ତୀ ଗର୍ଭବତୀ ହେବାପରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସାଗରିକା ସ୍ୱାଇଁଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ୫ ଜୁନ୍ ୨୦୨୫ରେ ହୋଇଥିବା ସୋନଗ୍ରାଫିରେ କୁନ୍ତୀଙ୍କ ଗର୍ଭରେ ଜାଆଁଳା ଛୁଆ ଥିବା ଜଣାପଡ଼ିଥିଲା। ଏହାପରେ ଚିକିତ୍ସାଳୟ ପକ୍ଷରୁ କୁନ୍ତୀଙ୍କୁ ରେଡ୍‌କାର୍ଡ ସହ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଚଳିତ ମାସ ୩ ତାରିଖରେ ଗର୍ଭ ଯନ୍ତ୍ରଣା ହେବାରୁ କୁନ୍ତୀଙ୍କୁ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରେଡ୍‌କାର୍ଡ ଓ ଜାଆଁଳା ଛୁଆ ଥିବା ଯୋଗୁ ତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ କୁନ୍ତୀଙ୍କ ପ୍ରସବ କରାଯାଇଥିଲା। ପ୍ରସବ କରାଇଥିବା ଡାକ୍ତର ଏବଂ ମେଡିକାଲ କର୍ତ୍ତୃପକ୍ଷ କୁନ୍ତୀଙ୍କର ଗୋଟିଏ ସନ୍ତାନ ହୋଇଥିବା ସୂଚନା ଦେଇଥିଲେ। ପରିବାର ଲୋକ ଏହା ଶୁଣିବା ପରେ ଆଉ ଏକ ଛୁଆ ଗୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ହୋ ହାଲ୍ଲା କରିଥିଲେ। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ କୁନ୍ତୀ ଓ ତାଙ୍କ ପରିବାରକୁ ବୁଝାଇବା ସହ ଗୋଟିଏ ଛୁଆ ଦେଇ ଘରକୁ ପଠାଇ ଦେଇଥିଲେ। ସୋନଗ୍ରାଫି ରିପୋର୍ଟରେ ଦୁଇଟି ଛୁଆ ଥିବାବେଳେ ପ୍ରସବ ସମୟରେ କିପରି ଗୋଟିଏ ଛୁଆ ଜନ୍ମ ହେଲା, ଅନ୍ୟ ଛୁଆକୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଚୋରି କରି ନେଇଛନ୍ତି କିମ୍ବା କାହାକୁ ବିକ୍ରି କରି ଦେଇଛନ୍ତି ବୋଲି ସନ୍ଦେହ କରିଥିଲେ। ସୋମବାର ଏ ନେଇ ସେମାନେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସନ୍ତୋଷ ପଣ୍ଡାଙ୍କୁ ପଚାରିବାରୁ ଏଭଳି କୌଣସି ବର୍ତ୍ତମାନ ସୁଦ୍ଧା ତାଙ୍କ ନିକଟକୁ ଆସି ନ ଥିବା କହିଛନ୍ତି। ଘଟଣାକୁ ନେଇ ଡାକ୍ତର ସାଗରିକା ସ୍ୱାଇଁଙ୍କୁ ପଚାରିବାରୁ ଅଲ୍‌ଟ୍ରାସାଉଣ୍ଡ ରିପୋର୍ଟରେ ପ୍ରଥମେ ଜାଆଁଳ ଥିବା ଜଣାପଡ଼ିଥିଲା। କିନ୍ତୁ ସେଥିରେ ତ୍ରୁଟି ଥିଲା। ପରବର୍ତ୍ତୀ ରିପୋର୍ଟରେ ଗୋଟିଏ ଛୁଆ ଥିବା ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ କୁନ୍ତୀ ଓ ତାଙ୍କ ପରିବାରକୁ ପୂର୍ବରୁ ଜଣାଯାଇଥିବା ନେଇ ସେ କହିଛନ୍ତି। ଛୁଆ ଚୋରି କଥା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ମତ ଦେଇଛନ୍ତି। ଅଭିଯୋଗକୁ ମେଡିକାଲ ଇନଚାର୍ଜ ତଦନ୍ତ କରିବେ ବୋଲି କହିଛନ୍ତି।



କୁନ୍ତୀ, ତାଙ୍କ ସ୍ୱାମୀ ଓ ପରିବାର ଲୋକେ ଥାନାରେ ଅଭିଯୋଗ କରୁଛନ୍ତି।

## ରାଇଘର ଲେଡି ମାଟ୍ରନ ସଂଘର କଳାବ୍ୟାଜ୍ ପରିଧାନ

ରାଇଘର, ୧୫।୯(କିରଣ ପଟ୍ଟନାୟକ)

ରାଜ୍ୟ ନିଖିଳ ଓଡ଼ିଶା ଲେଡି ମାଟ୍ରନ ମହାସଂଘ ନିର୍ଦ୍ଦେଶ କ୍ରମେ ସୋମବାରରୁ ସାରା ରାଜ୍ୟରେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରାଯାଉଛି। ଏହି କ୍ରମରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ମାଟ୍ରନ ସଂଘ ସାମିଲ ହୋଇ କଳାବ୍ୟାଚ ପିନ୍ଧି କାର୍ଯ୍ୟ କରୁଛି। ମହିଳା ମାଟ୍ରନଙ୍କୁ ୨୪ ଘଣ୍ଟିଆ କାର୍ଯ୍ୟ ଦିଆଯାଉଛି। ରାଜ୍ୟ ସରକାର ଆଦିବାସୀ ଛାତ୍ରୀମାନଙ୍କୁ ହଷ୍ଟେଲରେ ରଖି ଉନ୍ନତମାନର ଶିକ୍ଷା ପ୍ରଦାନ କରୁଛନ୍ତି। ୨୦୧୪ରୁ ସେମାନଙ୍କ ଦାୟିତ୍ୱ ଏବଂ ହଷ୍ଟେଲ୍ ପରିଚାଳନା ପାଇଁ ଠିକା ଭାବେ ମହିଳା ମାଟ୍ରନମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ନିୟମିତ କରିବା ନିମନ୍ତେ ବାରମ୍ବାର ଅନୁରୋଧ ସତ୍ତ୍ୱେ ତାହା ପୂରଣ ହେଉନାହିଁ। ତେଣୁ ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି ବୋଲି ରାଇଘର ଶାଖା ସଦସ୍ୟମାନେ କହିଛନ୍ତି। ଜିଲା ମାଟ୍ରନ ସଂଘ ସଭାପତି ମିତ୍ରା ପାଢ଼ୀ ନିର୍ଦ୍ଦେଶରେ ରାଇଘର ବ୍ଲକରେ ଜିଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ନାୟକ, ବ୍ଲକ ସଭାପତି ନର୍ମଦା ପରିଡ଼ା, ସମ୍ପାଦକ ରଞ୍ଜନା ବିଶ୍ୱାସ, କୋଷାଧ୍ୟକ୍ଷ ଶୁଭଶ୍ରୀ ସ୍ୱାଇଁ, ବନଜିନି ମହାରଥୀ, ପ୍ରଜ୍ଞା ପାରମିତା ସାହୁ, ବନ୍ଦିତା ସାହୁ, ଝୁନି କର୍କରା, ସୁନନ୍ଦା ଦାସ, ଜୟନ୍ତୀ ବିଶ୍ୱାସ, ଅର୍ଚ୍ଚନା ପାଲ, ସୌଭାଗ୍ୟବତି ନାୟକ, ନନ୍ଦିନୀ ସାହୁ, ରାଧାରାଣୀ ସାହୁ, ବାସନ୍ତୀ ସାହୁ, ସୋନାଲି ବିଶ୍ୱାସ, ଆରତୀ ସିକଦାର, ମମତା ଦାସ, ନିବେଦିତା ମହାନ୍ତି, ପାର୍ବତୀ ବିଶ୍ୱାଳ, ମିନତି ଜେନା, ପୁଷ୍ପଲତା ରାଉତ ପ୍ରମୁଖ କଳା ବ୍ୟାଚ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏହା ଏକ ସପ୍ତାହ ଧରି ଚାଲିବ ବୋଲି ଜଣାପଡ଼ିଛି।

## ପରବର୍ତ୍ତୀ ପିଢ଼ିକୁ ସବୁଜ ପରିବେଶ, ସୁସ୍ଥ ଭବିଷ୍ୟତ ଦେବା ଲକ୍ଷ୍ୟ

ନବରଙ୍ଗପୁର,୧୫।୯ (ସଦାଶିବ ପ୍ରହରାଜ)

**ନବରଙ୍ଗପୁରରେ ସ୍ୱଚ୍ଛୋତ୍ସବ କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରସ୍ତୁତି ବୈଠକ**

ନବରଙ୍ଗପୁରସ୍ଥିତ ଜିଲା ପରିଷଦ ସମ୍ମିଳନୀ ଗୃହରେ ସୋମବାର ଏମ୍‌ପି ବଳଭଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର (ଗାନ୍ଧୀ ଜୟନ୍ତୀ)ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛୋତ୍ସବ (ସେବା ପକ୍ଷ) ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା, ଜିଲାପାଳ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଓ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ପିଢ଼ିକୁ ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଭବିଷ୍ୟତ ଦେବା ପାଇଁ ଏହି କାର୍ଯ୍ୟକ୍ରମକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ହେବ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସମସ୍ତ ପଞ୍ଚାୟତ, ବ୍ଲକ, ସରକାରୀ କାର୍ଯ୍ୟାଳୟ, ହାଟ, ଡାକ୍ତରଖାନା, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ସମସ୍ତଙ୍କୁ ସାମିଲ କରି ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯିବ। ସ୍କୁଲ୍ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା, କୃଷି, କଳା, ଉଦ୍ୟୋଗୀ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ପାଇଁ ଏମ୍‌ପି ବୈଠକରେ କହିଥିଲେ। ସେପ୍ଟେମ୍ବର ୨୫ରେ ଏକ ଦିନ,ଏକ ଘଣ୍ଟା,ଏକ ସାଥ କାର୍ଯ୍ୟକ୍ରମ, ସେପ୍ଟେମ୍ବର ୨୭ରେ ପର୍ଯ୍ୟଟନ ସ୍ଥଳରେ ସ୍ୱଚ୍ଛତା ଓ ସଫେଇକୁ ଗୁରୁତ୍ୱ, ପ୍ରତ୍ୟେକ ଗାଁ, ପଞ୍ଚାୟତ, ବ୍ଲକରେ ଏସ୍‌ଏଚ୍‌ଜି, ସ୍ୱଚ୍ଛ ସାଥୀ, ଜନ ପ୍ରତିନିଧି,ଜନ ସାଧାରଣ ସାମିଲ ହେବା, ଖୋଲା ମଳତ୍ୟାଗ ମୁକ୍ତ ଗାଁ ଘୋଷଣା, ସଫେଇ ମିତ୍ର ଶିବିର, ଅକ୍ଟୋବର ୩ରେ ଦୁର୍ଗା ପୂଜା ସଫେଇ ଅଭିଯାନ, ଏକକ ଉପଯୋଗ ପ୍ଲାଷ୍ଟିକ ମୁକ୍ତ ବଜାର ଉପରେ ଆଲୋଚନା ହୋଇଥିଲା। ବିଡିଓମାନଙ୍କୁ ନିଜ ବ୍ଲକରେ ସଫେଇ ଓ ପରିମଳ ଅଭିଯାନକୁ ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ପୌରପାଳିକା ନିର୍ବାହୀ ଅଧିକାରୀ ଓ ସମସ୍ତ ବିଡିଓ ଉପସ୍ଥିତ ଥିଲେ। ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ସହ ଅନ୍ୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯୩୭୮ ପରିବାରକୁ ମିଳିଛି କାର୍ଯ୍ୟ

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

ଡାବୁଗାଁ, ୧୫।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷର ୧ ଅକ୍ଟୋବର ୨୦୨୪ରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସର୍ବଶିକ୍ଷା ଅଭିଯାନ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକଉପରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବ୍ଲକ ଅଧ୍ୟକ୍ଷ ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ପ୍ରକଳ୍ପଗୁଡ଼ିକ ଉପରେ ଆଲୋଚନା ହୋଇଥିଲା।

ଏହି ଯୋଜନାରେ ଜବକାର୍ଡଧାରୀ ଶ୍ରମିକମାନେ କେତେଦିନ କାର୍ଯ୍ୟ କରିଛନ୍ତି, ମଜୁରି ପାଇଛନ୍ତି କି ନାହିଁ, ହିତାଧିକାରୀ ସମ୍ପୂର୍ଣ୍ଣ ଅର୍ଥ ପାଇଛି କି ନାହିଁ ତାହାର ସମୀକ୍ଷା କରାଯାଇଥିଲା। ଏହି ଯୋଜନାରେ ୧ ଅକ୍ଟୋବର ୨୦୨୪ରୁ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୨ କୋଟି ୩ ଲକ୍ଷ ୭୨ ହଜାର ଟଙ୍କା ବ୍ୟୟ କରିବା ନେଇ ଟାର୍ଗେଟ ଥିଲା। ସେଥିରୁ ସମ୍ପୂର୍ଣ୍ଣ ଅର୍ଥ ବ୍ୟୟ କରାଯାଇଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ୬ ଲକ୍ଷ ୨୫ ହଜାର ୩୪୩ଟି କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିଲା। ଏଥିରେ ୧୪ ହଜାର ୭୮୩ ପରିବାରକୁ ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ୯୩୭୮ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ମୋଟ ୧୬୪୬ ପରିବାର ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି। ଏଥିରେ ମୋଟ ପ୍ରକଳ୍ପ ୧୨୪୬ରୁ ୧୦୧୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଥିବା ଏହି ଜନଶୁଣାଣିରେ ଉପସ୍ଥାପିତ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟବେଳେ ସାଇନ ବୋର୍ଡ ନଥିବା ନେଇ ଅଭିଯୋଗ ହୋଇଥିଲା। ସାମାଜିକ ସମୀକ୍ଷା ସମୟରେ ଉକ୍ତ ପଞ୍ଚାୟତଗୁଡ଼ିକର ଏସିଡିଓ ଓ ଜିଆର୍‌ଏସ୍‌ମାନେ ପଞ୍ଚାୟତର ୭ଟି ରେଜିଷ୍ଟର ସମୀକ୍ଷକଙ୍କ ନିକଟରେ ଦାଖଲ କରିପାରିନଥିଲେ। ପ୍ରକଳ୍ପ କାର୍ଯ୍ୟର ରେଜିଷ୍ଟରରେ କାର୍ଯ୍ୟର ଫଟୋ, ଶ୍ରମିକମାନଙ୍କ ଆବେଦନ ପତ୍ର ନଥିବା ଭଳି ତ୍ରୁଟି ଦେଖାଦେଇଥିବା ଉପସ୍ଥାପନ ହୋଇଥିଲା। ଏହି ଜନଶୁଣାଣି ଶିବିରରେ ବିଭିନ୍ନ ପଞ୍ଚାୟତରୁ ମୋଟ ୩୩ ତ୍ରୁଟି ଦେଖାଦେଇଥିବା ବେଳେ ଏଥିରୁ ୧୮ଟିର ସମାଧାନ କରାଯାଇଛି। ବଳକା ୧୫ ତ୍ରୁଟିର ସମାଧାନ ୭ ଦିନ ମଧ୍ୟରେ କରି ବ୍ଲକ ସାମାଜିକ ସମୀକ୍ଷକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଓ ବିଡିଓଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତ୍ରୁଟିଗୁଡ଼ିକର ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ, ଜିଲା ସାମାଜିକ ସମୀକ୍ଷକ ବୈବସ୍ୱତ ଚାଲାଣ ଏସିଡିଓ ଓ ଜିଆର୍‌ଏସ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବିଡିଓ ଶରତ ମାଝି, ଜୋନ-୨ ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା, ଗୁପ୍ତ ବିଷୋୟୀ, ଜନ ଶୁଣାଣୀ କମିଟି ସଭ୍ୟ ସୁରେନ୍ଦ୍ର ମିଶ୍ର, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ବ୍ଲକ ସାମାଜିକ ସମୀକ୍ଷକ ଶାରଦା ତ୍ରିପାଠୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ଅର୍ଜୁନ ଭତ୍ରା, ରୂପାଲୀ ମଣ୍ଡଳ ଓ କାମିନୀ ହରିଜନ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ବନପାଳ ଉମାକାନ୍ତ ପଟ୍ଟନାୟକ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଏସିଡିଓ ଏବଂ ଜିଆର୍‌ଏସ୍ ଏବଂ ଜବକାର୍ଡଧାରି ଶ୍ରମିକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ବିଦ୍ୟାଧର ବିଶୋଇ ପରିଚାଳନା କରିଥିଲେ।



ଜନଶୁଣାଣି ଶିବିରରେ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ଡାବୁଗାଁ, ୧୫।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସାଦଚରଣ ହୋଇଥିବା ନେଇ ରବିବାର ରାତିରେ ଏକ ମାମଲା ରୁଜୁ କରାଯାଇଛି । ଡାବୁଗାଁ ଥାନା ଅଞ୍ଚଳର ଜଣେ ନାବାଳିକା ୧୧ ତାରିଖ ଅପରାହ୍ନରେ ଶୌଚ ପାଇଁ ଗ୍ରାମ ପାଖ ନଦୀକୁ ଯାଇଥିଲେ। ସେହି ସମୟରେ ଗାଁର ଜଣେ ଯୁବକ ତାଙ୍କୁ ସହ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ଅସଦାଚରଣ କରିଥିଲେ। ଏନେଇ ରବିବାର ରାତିରେ ନାବାଳିକାଙ୍କ ସମ୍ପର୍କୀୟ ଭାଇ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି ଥାନା କେସ୍ ନଂ ୧୯୩/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଏସ୍ଆଇ ବିକ୍ରମ କିଶୋର ସାହୁ ଉକ୍ତ ମାମଲା ତଦନ୍ତ କରୁଛନ୍ତି।

### ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି

ନବରଙ୍ଗପୁର,୧୫।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଉମରକୋଟ ପୌରପାଳିକା ସମ୍ମିଳନୀ ଗୃହରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୫ ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା।


### ରେଳଲାଇନ ନିକଟରୁ ମୃତଦେହ ଜବତ

ସୁନାବେଡା,୧୫।୯ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଢ଼ା ଥାନା ଅଧୀନ ମୋହନପଡ଼ା ରେଳ ଲାଇନ ନିକଟରୁ ଏକ ମୃତଦେହ ସ୍ଥାନୀୟ ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ମୋହନପଡା ଗ୍ରାମର ଗଙ୍ଗାଧର ମାଝୀ। ଗଙ୍ଗାଧର ରବିବାର ଶୌଚ ହେବାକୁ ସକାଳୁ ଘରୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ପତ୍ତା ମିଳି ନଥିଲା। ସୋମବାର ସକାଳୁ କେତେଜଣ ଲୋକ ଟ୍ରେନ ଲାଇନ ନିକଟରେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ମୃତଦେହ ଚିହ୍ନଟ କରିବା ପରେ ଡୁମୁରିପୁଟ ଓ ସୁନାବେଡା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ୧୩ ବ୍ୟକ୍ତିଗତ, ୨୯ ସାମୂହିକ ଅଭିଯୋଗର ଶୁଣାଣି

କୋରୁକୋଣ୍ଡା, ୧୫।୯(ଶିବଦତ୍ତ ସାହୁ)


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ମାଲକାନଗିରି ଜିଲା କୋରକୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୋମେଶ ଉପାଧ୍ୟାୟ ଓ ଏସ୍‌ପି ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଶିବିରରେ ମୋଟ ୪୨ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୩ ବ୍ୟକ୍ତିଗତ ଓ ୨୯ ସାମୂହିକ ଅଭିଯୋଗ ରହିଥିଲା। ସେହିପରି ୪ଟି ରାଶନ୍ କାର୍ଡ, ଗୋଟିଏ ବିଜୁଳି ସଂଯୋଗୀକରଣ, ୫ଟି ଜମିଜମା, ଗୋଟିଏ ଚାକିରି ସମ୍ବନ୍ଧୀୟ, ଗୋଟିଏ ପାନୀୟ ଜଳ, ଗୋଟିଏ ସାମାଜିକ ସୁରକ୍ଷା ପେନ୍‌ସନ ଏବଂ ୨୭ଟି ରାସ୍ତା ଓ କୋଠାବାଡ଼ି, ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି ହୋଇଥିଲା।

ଏହି ଶୁଣାଣିରେ ରାଶନ୍ କାର୍ଡ, ଶ୍ରମ କାର୍ଡ, ଆଧାରକାର୍ଡ ଅପ୍‌ଡେଟ, ସ୍ୱାସ୍ଥ୍ୟ କାର୍ଡ, ସାମାଜିକ ସୁରକ୍ଷା ପେନ୍‌ସନ ଓ ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟା ସମାଧାନ ନିମନ୍ତେ କ୍ୟାମ୍ପ କରାଯାଇ ଅନ୍‌ଲାଇନ୍ ସେବା ଯୋଗାଇ ଦିଆଯାଇଥିଲା। ଶିବିରରେ ୬୮ ଶ୍ରମିକଙ୍କୁ ଶ୍ରମକାର୍ଡ ପ୍ରଦାନ ସହ ୨୬ ଶ୍ରମିକଙ୍କର ନୂତନଭାବେ ନାମ ପଞ୍ଜୀକରଣ କରାଯାଇଛି। ସେହିପରି ୫୭ଜଣ ଶ୍ରମିକଙ୍କର କାର୍ଡ ନବୀକରଣ କରାଯାଇଛି। ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନାରେ ହିତାଧିକାରୀ ରାଶନ୍ କାର୍ଡ ନିମନ୍ତେ ନାମ ପଞ୍ଜୀକରଣ କରିଛନ୍ତି। ୨୩ ଜଣ ରାଶନ୍ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଅପଡେଟ୍ କରାଯାଇଛି। ୧୫ ଜଣଙ୍କ ଆଧାରକାର୍ଡ ଅପଡେଟ୍ ହୋଇଥିବାବେଳେ ୫୭ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଜିଲାପାଳଙ୍କ ଏହି ଅଭିନବ ପ୍ରୟାସ ଯୋଗୁ ଅନେକ ଗ୍ରାମାଞ୍ଚଳ ହିତାଧିକାରୀ ତୁରନ୍ତ ଅନ୍‌ଲାଇନ୍ ସେବା ପାଇ ଉପକୃତ ହୋଇ ପାରୁଛନ୍ତି।

ଅଭିଯୋଗ ଶୁଣାଣି ପରେ ଜିଲାପାଳ କୋରକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନଭୋଜନର ମାନ ପରଖିଛନ୍ତି। ଏହା ସହ ବିଦ୍ୟାଳୟରେ ପାଠପଢ଼ା କିପରି ଚାଲିଛି ପିଲାମାନଙ୍କୁ ପଚାରିବା ସହ ଭିତିଭୂମି ବୁଲି ଦେଖିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନ ମାନ ପରଖିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ, କୋରକୁଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁ, ସହାୟକ ଜିଲାପାଳ (ନିର୍ବାଚନ) ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୯୭୬ ଡ୍ରପ୍‌ଆଉଟ ଛାତ୍ରୀଛାତ୍ର ପୁଣି ବିଦ୍ୟାଳୟ ଗଲେ

ମାଲକାନଗିରି, ୧୫।୯ (ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲାରେ ଅଧାରୁ ପାଠ ଛାଡିଥିବା ଓ ବିଦ୍ୟାଳୟ ଯାଉ ନ ଥିବା ମୋଟ ୮୧୧୧ ପିଲା ରହିଥିବା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଡ୍ରପ୍‌ଆଉଟ ସର୍ଭେରୁ ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୬୦୭୫ ଜଣ ଡ୍ରପ୍‌ଆଉଟ ଥିବାବେଳେ ୨୦୩୬ଜଣ ପିଲା ଆଦୌ ସ୍କୁଲକୁ ଯାଇନାହାନ୍ତି। ମୋଟ ୯୭୬ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଯାଇଥିବା ଜିଲା ସର୍ବ ଶିକ୍ଷା ଅଭିଯାନ ବିଭାଗ ସୂତ୍ରରୁ ଜଣା ପଡିଛି।

ଜିଲା ଶିକ୍ଷା ଅଧିକାରୀ ତଥା ସର୍ବ ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାଯାଇଛି, ୭ରୁ ୧୪ ବର୍ଷ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟରେ ୨୫୨୬ଜଣ, ୧୫ରୁ ୧୬ ବର୍ଷ ମଧ୍ୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୧୪୧ଜଣ, ୧୭ରୁ ୧୮ ବର୍ଷ ମଧ୍ୟରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୧୪୦୮ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବ୍ଲକରୁ ୮୨୦ଜଣ, କାଲିମେଳା ବ୍ଲକରୁ

### ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରୟାସ

୫୮୭ ଜଣ, ଖଇରପୁଟ ବ୍ଲକର ୮୨୭ଜଣ, କୋରୁକୁଣ୍ଡା ବ୍ଲକର ୭୩୩ ଜଣ, ମାଲକାନଗିରି ବ୍ଲକର ୧୬୭୪ ଜଣ, ମାଥିଲି ବ୍ଲକର ୯୧୭ ଜଣ, ପଡିଆ ବ୍ଲକର ୪୪୭ ଜଣ ମୋଟ ୬୦୭୫ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡିଛନ୍ତି। ଇତିମଧ୍ୟରେ ଡ୍ରପ୍‌ଆଉଟ ପିଲାଙ୍କ ପରିବାର ଏବଂ ଛାତ୍ରୀଛାତ୍ରଙ୍କୁ କାଉନସେଲିଂ କରାଯାଇଛି। ସ୍କୁଲର ଦୂରତା, ପରିବାରର ଦାରିଦ୍ର୍ୟତା, ଭଲ ପାଠ ନ ପଢ଼ିବା, କାମରେ ପରିବାରକୁ ସାହାଯ୍ୟ କରିବା ଭଳି ବିଭିନ୍ନ କାରଣ ଯୋଗୁ ସେମାନେ ଅଧାରୁ ପାଠପଢ଼ା ଛାଡିଥିବା ଜଣାପଡିଛି। ୬୦୭୫ ଡ୍ରପଆଉଟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଇତିମଧ୍ୟରେ ୯୭୬ ଛାତ୍ରୀଛାତ୍ରଙ୍କୁ ପୁନଃ ପାଠ ପଢିବା ପାଇଁ ବିଭିନ୍ନ ସ୍କୁଲରେ ନାମ ଲେଖା ଯାଇଥିବାବେଳେ ଆଗକୁ ଜିଲାରେ ଡ୍ରପଆଉଟ ସଂଖ୍ୟାକୁ କମେଇବା ଓ ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରଶାସନ ତତ୍ପର ଥିବା କୁହାଯାଇଛି।

# ଆଧୁନିକତା ଆଡ଼କୁ ଅଗ୍ରସର ହେଉଛନ୍ତି ବଣ୍ଡା ମହିଳା

ଖଇରପୁଟ, ୧୫।୯ (ଜଗନ୍ନାଥ ମାଝୀ)

ମାଲକାନଗିରି ଜିଲାର ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟର ମହିଳାମାନେ ଧୀରେ ଧୀରେ ଆଧୁନିକତା ଆଡ଼କୁ ଅଗ୍ରସର ହେଉଛନ୍ତି। ପୂର୍ବରୁ ସେମାନେ ବାହ୍ୟଜଗତରୁ ବିଚ୍ଛିନ୍ନ ରହି ଜଙ୍ଗଲ, ପାହାଡ଼ ଘେରା ପରିବେଶ ମଧ୍ୟରେ ନିଜ ଜୀବନ କାଟୁଥିଲେ। ସରକାରୀ ଯୋଜନା କ'ଣ, ବ୍ୟାଙ୍କ ସେବା ବିଷୟରେ କିଛି ଜାଣି ନ ଥିଲେ। ହେଲେ ବଣ୍ଡା ସମ୍ପ୍ରଦାୟର ମହିଳାମାନେ ଏବେ ବ୍ୟାଙ୍କରେ ଟଙ୍କା ସଞ୍ଚୟ କରିବା ନେଇ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ସ୍ୱଳ୍ପ ଟଙ୍କାରେ ନିଜର ପରିବାର ପ୍ରତିପୋଷଣ କରୁଥିବା ଏହି ଜନଜାତି ଏବେ ବ୍ୟାଙ୍କରେ ଟଙ୍କା ସଞ୍ଚୟ କରିବା ଏବଂ ଟଙ୍କା ଉଠାଇବା ମଧ୍ୟ ଶିଖିଗଲେଣି। ଅଧିକ ରୋଜଗାର କରିବା ପରେ ଏହାକୁ କିପରି ବ୍ୟାଙ୍କରେ ରଖିବେ ଏବଂ ଅଧିକ ଟଙ୍କା ପାଇବେ ସେ ନେଇ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇଛି। ମହିଳାମାନେ ବଣ୍ଡାଘାଟିରୁ ତଳକୁ ଓହ୍ଲାଇ ଖଇରପୁଟଠାରେ ରହିଥିବା ଏସ୍‌ବିଆଇ ଶାଖାରେ ନିଜର ରୋଜାଗରର ବଳକା ଟଙ୍କାକୁ ଜମା କରୁଥିବା ଦେଖିବାକୁ ମିଳୁଛି। ଏଥିସହ ସେମାନେ ବ୍ୟାଙ୍କକୁ ଯାଇ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସହଯୋଗ ରାଶି ଉଠାଣ କରୁଛନ୍ତି।

ସୂଚନାଥାଉକି, ବଣ୍ଡା ସମ୍ପ୍ରଦାୟର ମହିଳାମାନେ ଜଙ୍ଗଲଜାତ ଦ୍ରବ୍ୟ କିମ୍ବା ଧାନ, ମାଣ୍ଡିଆ ଧରି ମାଇଲ ମାଇଲ ବାଟ ଚାଲି ସହର, ବଜାର ହାଟରେ ବିକ୍ରି କରିଥାନ୍ତି। ଏବେ ମହିଳାମାନେ ବ୍ୟାଙ୍କ କାର୍ଯ୍ୟ ଶିଖିବା ପରେ ଜିଲାର ସମସ୍ତ କାର୍ଯ୍ୟାଳୟରେ ମଧ୍ୟ ପହଞ୍ଚି ନିଜର ହକ୍ ଦାବି କରିବେ ବୋଲି ସାମାଜିକ କର୍ମୀ ଜଗନ୍ନାଥ ମାଝି କୁହନ୍ତି।


ଖଇରପୁଟରେ ଥିବା ଏସ୍‌ବିଆଇ ଶାଖାରେ ବଣ୍ଡା ମହିଳା ।

# ପୂର୍ବତନ ଏମ୍‌ପି, ଭାଜପା ରାଜ୍ୟ ସମ୍ପାଦକଙ୍କ ଚନ୍ଦାହାଣ୍ଡି ଗସ୍ତ

ଚନ୍ଦାହାଣ୍ଡି, ୧୫।୯(ଦିଲୀପ ଦାସ)

ନବରଙ୍ଗପୁର ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ ଓ ଭାଜପା ରାଜ୍ୟ ସମ୍ପାଦକ ରମେଶ ସାହୁ ସୋମବାର ଚନ୍ଦାହାଣ୍ଡି ଗସ୍ତ କରିଥିଲେ। ଅନକାବେଡାରେ ଆର୍‌ଏସ୍‌ଏସ୍ ପକ୍ଷରୁ ଅନୁଷ୍ଠିତ ୩ ଦିନିଆ ପ୍ରାଥମିକ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱର୍ଗତ ମୋତିଲାଲ ହଂସଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ସେହିଭଳି ଜିଲା ଯୁବ ଭାଜପା ଉପସଭାପତି ପ୍ରଭାତ ସୁନାଙ୍କ ମା'ଙ୍କ କିଛି ଦିନ ତଳେ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏହି ଗସ୍ତ ସମୟରେ ବରିଷ୍ଠ ଭାଜପା ନେତା ଗୋବିନ୍ଦ ଜୈନ, ପ୍ରତାପଚନ୍ଦ୍ର ବାଘ, ମହେନ୍ଦ୍ର ନାୟକ, ଖେମସିଙ୍ଗ ନାୟକ, ଲକ୍ଷ୍ମଣ ମାଝୀ, ମଧୁସୂଦନ ନାଗେଶ, ଶୁକ୍ରୁ ନାୟକ, ଉମାକାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାରୁ ଶାଗୁଆନ କାଠ ଜବତ

ଚନ୍ଦାହାଣ୍ଡି, ୧୫।୯(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅଧୀନ ରାଜକୋଟ ଗାଁ ରାସ୍ତାରୁ ବନ ବିଭାଗ ପକ୍ଷରୁ ଶାଗୁଆନ କାଠ ଜବତ କରାଯାଇଛି। ଏହି କାଠ ସବୁ କେଉଁ ଗାଡ଼ିରେ, କେଉଁଠିକି ଚାଲାଣ ହେଉଥିଲା ତାହାର ତଦନ୍ତ ଚାଲିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ସ୍ଥାନୀୟ ନର୍ସରିରୁ ଶାଗୁଆନ ଗଛ କାଟି ଏକ ଟ୍ରାକ୍ଟର ଯୋଗେ ଚାଲାଣ କରୁଥିଲେ। ତେବେ ରାଜକୋଟରୁ ଗୌରଝରିଆ ରାସ୍ତାରେ ବର୍ଷା ଯୋଗୁ ଜମି ରହିଥିବା କାଦୁଅରେ ଟ୍ରାକ୍ଟରଟି ଫଶି ଯାଇଥିଲା। ଚେଷ୍ଟା ସତ୍ତ୍ୱେ ଟ୍ରାକ୍ଟରଟି ସେଠାରୁ ନ ବାହାରିବାରୁ ଦୁର୍ବୃତ୍ତମାନେ ଗାଡ଼ିରୁ ଶାଗୁଆନ ଗଛକୁ କାଢି ସେଠାରେ ଛାଡି ପଳାଇଥିଲେ। ଘଟଣାଟି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ସୋମବାର ବନ କର୍ମଚାରୀ ଖବରପାଇ ରାଜକୋଟ ଗାଁକୁ ଯାଇ ଶାଗୁଆନ ଗଛ ଜବତ କରିଥିଲେ। ଏ ସମ୍ପର୍କରେ ଝରିଗାଁ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ବଲା ସମାନର କିଛି ଶାଗୁଆନ ଗଛ ସୋମବାର ଜବତ ହୋଇଛି। କେଉଁ ଗାଡ଼ିରେ ଏହା ଚାଲାଣ ହେଉଥିଲା ସେ ସମ୍ପର୍କରେ ଅଧିକ ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି। ତେବେ ଏଭଳି ଚୋରା ଚାଲାଣ ପାଇଁ ସ୍ଥାନୀୟ ଲୋକେ ବନ ବିଭାଗକୁ ଦାୟୀ କରିଛନ୍ତି।

# ସ୍ୱଚ୍ଛ ନାରୀ, ସଶକ୍ତ ପରିବାର ଅଭିଯାନ ନେଇ ପ୍ରସ୍ତୁତି

ମାଲକାନଗିର,୧୫।୯ (ଦୁର୍ଯ୍ୟୋଧନ ପାତ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରେ ସ୍ୱଚ୍ଛ ନାରୀ, ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ଜାତୀୟସ୍ତରୀୟ ଅଭିଯାନ, ଯାହା ଓଡିଶା ସମେତ ସମସ୍ତ ରାଜ୍ୟରେ ଏକ ସୁସ୍ଥ ଭବିଷ୍ୟତ ପୀଢି ଗଠନ ପାଇଁ ଶିବିର ପଦ୍ଧତି ମାଧ୍ୟମରେ ସମସ୍ତ ବୟସର ମହିଳା ଏବଂ ଝିଅଙ୍କୁ ପ୍ରାଥମିକତା ଭିତ୍ତିରେ ବ୍ୟାପକ ସ୍ୱାସ୍ଥ୍ୟ ପରୀ କ୍ଷା ଓ ସେବା ପ୍ରଦାନ କରିବା ପାଇଁ ଯୋଜନା କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚାଇବା ତଥା ଜିଲାକୁ ରାଜ୍ୟସ୍ତରରେ ଏକ ଉତ୍ତମ ସ୍ଥାନରେ ପହଞ୍ଚାଇବା ଉପରେ ଜିଲାପାଳ ଗୁରୁତ୍ୱ ଦେବା ସହିତ ଉପସ୍ଥିତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅନ୍ୟ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନ ଜିଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସନ୍ତା ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଅଭିଯାନରେ ନାରୀ ଓ ପ୍ରତ୍ୟେକ ବୟସର ଝିଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ରକ୍ତଦାନ ଶିବିର, ଅଣ ସଂକ୍ରାମକ ରୋଗ ପରୀକ୍ଷା, ରକ୍ତହୀନତାର ପରୀକ୍ଷା, ରକ୍ତ ଶର୍କରା ପରୀକ୍ଷା, ରକ୍ତଶିକୁଳି ପରୀକ୍ଷା, ଗର୍ଭବତୀଙ୍କ ସବାସ୍ଥ୍ୟ ପରୀକ୍ଷା ଇତ୍ୟାଦି ପାଇଁ ଶିବିର ଆୟୋଜନ କରାଯିବ। କେବଳ ଜିଲାସ୍ତରରେ ନୁହେଁ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହି ଶିବିର କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାସ, ଏଡିପିଏଚ୍‌ଓ ନିହାର ରଞ୍ଜନ ପ୍ରହରାଜ ଉସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲା ସମାଜ ମଙ୍ଗଳ ତଥା ମିଶନ ଶକ୍ତି, ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ, ଗୋଷ୍ଠୀ ଚିକିତ୍ସାଳୟ ସମ୍ମୁଖରେ ଶିବିର ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯିବା ପାଇଁ ଜିଲା ପ୍ରକଳ୍ପ ଅଧିକାରୀ ଡ. ମୌସୁମୀ ମିଶ୍ର ସମସ୍ତଙ୍କ ସହଯୋଗ କାମନା କରଥିଲେ।


ବୈଠକରେ ଜିଲାପାଳ ଅଭିଯାନ ସମ୍ପର୍କରେ ସୂଚନା ଦେଉଛନ୍ତି।


**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.
The Tender document is available at ICAI website **www.icai.org, www.eirc-icai.org** & **www.bhubaneswar-icai.org.** The last date of submission of duly filled in Bids is **22.09.2025 up to 05:00 PM.**
Secretary, ICAI



**BEFORE THE STATE CONSUMER DISPUTES REDRESSAL COMMISSION : CUTTACK**
**F.A. NO.420 OF 2023**

Axis Bank Ltd. ........................Appellant
- Versus -
Seema Rohidas & Another .................. Respondents
To
**Seema Rohidas,** W/O: Surath Rohidas, At/P.o: Betrapada, Rengali, Sambalpur-768212, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the appellant has filed a **F.A. No. 420/2023** before the State Consumer Disputes Redressal Commission, Odisha, Cuttack challenging the final order/judgrment **dtd.22.05.2023** passed by the learned District Consumer Disputes Redressal Commission, Sambalpur in C.C.No. 79 of 2022. The above mentioned Respondent is therefore, directed to appear before this Commission in person or through an advocate or duly authorised agent, in support of their defence to show cause within 30 days from the publication or on **19.09.2025 at 10.30 a.m.** as to why reliefs prayed for should not be granted.
Take notice that in case of default, the applicant will be heard and determined in their absence.
Given under my hand seal of this Commission on this **11th day of August, 2025.**
Date: 15.09.2025 Sd/- Secretary



**GOVERNMENT OF ORISSA** No.O-780
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No.3953/WE//Date : 11.09.2025
**"E" Procurement Notice for Periodical Renewal Coat of 5 year completed PMGSY road for the year 2025-26**
**Bid Identification No - RWDKNJ-05/2025-26**
1. Name of the work : Road Works (As per Annexure), 2. Eastimated Cost : **Rs.73.95 to Rs.92.56 Lakhs Approximately (As per Annexure)**, 3. Class of Contractor : **'B' Class (As per Annexure)**, 4. Period of Completion : 3 Calendar Months, 5. Tender Paper Cost : **Rs.10,000/- (Online) towards cost of bid.**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and Opening of Tender O/o S.E.R.W Division, Karanjia | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Karanjia | RWDKNJ-05/24-25. (Road) | Dt.17.09.25 at 11.00 A.M. | Dt.06.10.25 up to 5.00 P.M. | Dt.06.10.25 up to 5.00 P.M. | Dt.08.10.25 at 11.00 A.M. | Will be intimated Later |

Further details can be seen from the website www.tendersodisha.gov.in
OIPR-25086/11/0025/2526 Sd./- Executive Engineer R.W. Division, Karanjia



**GOVERNMENT OF ODISHA** No.C-1065
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of ESR for Zonal water supply with other ancillary works in Chikiti NAC under State Plan | Identification No. ACEPHCBAM 09/2025-26 Dt. 12.09.2025 | 391.31 | 12 (Twelve) Calendar Months | 11.00 Hrs. of 19.09.2025 | 17.30 Hrs. of 06.10.2025 | Chief Engineer, P.H. Circle Berhampur |

**The technical bid shall be opened on dt.10.10.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in**
OIPR-13004/11/0023/2526 Sd./- Chief Engineer (PH)



**GOVERNMENT OF ODISHA** No.C-1052
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail : eephd.rgda.od@od.gov.in, eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-21/2025-26 DT.09.09.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Period of Completion | Availability of Bid Document for Online Bidding | |
|---|---|---|---|---|---|---|
| | | | | | From | To |
| 1. | **Procurement & Installation of DG set for ESR & OGR site at Katikia Sahi, Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 8.38 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |
| 2. | **Procurement & Installation of DG set for Intake Site at Kashinagar** | **EEPHDRAYAGADA - 21/2025-26 Dtd.09.09.2025** | 9.13 | 02 (Two Months) | **18.09.2025** (11.00 Hr) | **03.10.2025** (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
❖ Further details can be seen from the e-Procurement portal "**https://www.tendersorissa.gov.in**".
❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
OIPR-13052/11/0036/2526 Sd./- EXECUTIVE ENGINEER, P.H. DIVISION, RAYAGADA

**କାଠରଗଡା ସରପଞ୍ଚଙ୍କ ପରଲୋକ**

ବୋରିଗୁମ୍ମା,(ବିଜୟ ସାହୁ)-ବୋରିଗୁମ୍ମା ବ୍ଲକ୍ ଅଧୀନ କାଠରଗଡା ପଞ୍ଚାୟତ ସରପଞ୍ଚ କୁନି ସୌରା(୩୦)ଙ୍କ ରବିବାର ପରଲୋକ ହୋଇଛି। ସେ ୬ ମାସ ହେବ ଚିକିତ୍ସାଧିନ ଥିଲେ। ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା ତାଙ୍କର ଶେଷ ଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ମେଡିକାଲରେ ରବିବାର ତାଙ୍କୁ ଭେଟିଥିଲେ।

## ଦୋକାନ ଭିତରେ ଟ୍ରକ୍ ପଶିବା ଘଟଣା ମୃତ, ଆହତଙ୍କୁ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଜୟପୁର,୧୫।୯(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ପୋଲିସ ଷ୍ଟେଶନ ଅଧୀନ ବାରିଣିପୁଟରେ ଭାରସାମ୍ୟ ଏକ ଟ୍ରକ୍ ଦୋକାନ ଭିତରେ ପଶି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଆହତ ହୋଇଥିଲେ। ଏହି ଘଟଣାରେ ମୃତକ ଓ ଆହତଙ୍କୁ କ୍ଷତିପୂରଣ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ମାନବ ଅଧିକାର କର୍ମୀ ତଥା ଆଇନଜୀବୀ ଅନୁପ କୁମାର ପାତ୍ର ଚିଠି କରିଛନ୍ତି। ମୃତକ ଦୋକାନୀଙ୍କ ମା' ଲକ୍ଷ୍ମୀ ସ୍ୱାଇଁ, ତାଙ୍କ ପୁଅ ରବି ଓ ଅନ୍ୟମାନଙ୍କୁ କ୍ଷତିପୂରଣ ଦେବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କ୍ଷତିପୂରଣ ମଞ୍ଜୁର କରିବାକୁ ଅନୁରୋଧ କରିଛନ୍ତି।

# ରାଣୀକଣାରେ ପ୍ରତିଷ୍ଠା ହେବ ୨ ପ୍ଲାଏଉଡ୍ କାରଖାନା

### ଆଭାସି ମାଧ୍ୟମରେ ପ୍ଲାଏ କମ୍ପାନୀର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ସୁନାବେଡ଼ା/ସେମିଳିଗୁଡ଼ା/କୋରାପୁଟ, ୧୫।୯ (କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼/ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅଧୀନ ରାଣୀକଣା ଓ ଲୁଙ୍ଗୁରୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଏକ ପ୍ଲାଏ କମ୍ପାନୀର ସୋମବାର ଶିଳାନ୍ୟାସ କରିଛନ୍ତି। ଓଡ଼ିଶାର ୧୨ ଜିଲାରେ ୨୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ବ୍ଲକ ଅଧକ୍ଷା ଲିଲି ଅଣ୍ଟା ବିରିଆ, ଉପାଧକ୍ଷ ଶିବା ବାଙ୍ଗାରୀ,ବିଡିଓ ଯସ୍ମିନ୍ ପ୍ରଧାନ, ସ୍ଥାନୀୟ ସରପଞ୍ଚ, ଅନ୍ୟ ଅଧିକାରୀ, ପୂର୍ବତନ ବିଧାୟକ ପିତମ ପାଢ଼ୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ବ୍ଲକ୍ ଅଧକ୍ଷା ଓ ଅନ୍ୟମାନେ।

ଭୁବନେଶ୍ୱର ଓୟୁଏଟି ସଭାଗୃହରେ ଭିତ୍ତିପ୍ରସ୍ତର ସ୍ଥାପନ ଦିବସ କାର୍ଯ୍ୟକ୍ରମରେ ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିତ୍ତଲ ଯୋଗଦେଇ ସେମିଳିଗୁଡା ରାଣୀକଣାଠାରେ ୬୦୬ କୋଟି ଟଙ୍କାର ୨ଟି ପ୍ଲାଏଉଡ୍ କାରଖାନା ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି। ସେଥିରେ ପେପର, ପ୍ଲାଏଉଡ୍ ଓ ଅନ୍ୟ ସାମଗ୍ରୀର ଉତ୍ପାଦନ ହେବ। କାରଖାନା ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୩୦୦ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବା ସହ ଅଞ୍ଚଳର ବିକାଶ ହେବ ବୋଲି ନିର୍ଦ୍ଦେଶକ ମିତ୍ତଲ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସରେ କମ୍ପାନୀକୁ ଓଡ଼ିଶାରେ ଶିଳ୍ପ କ୍ଷେତ୍ରରେ ନିବେଶ କରିବାକୁ ସୁଯୋଗ ମିଳିଥିବା ସେ କହିଛନ୍ତି। ଉତ୍ସବରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗକରି ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ସଭାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିବା ଦେଖିବାକୁ ମିଳିଥିଲା।

## ଜୟପୁର ସହରରୁ ଉଡ଼ନ୍ତା ସାପ ଉଦ୍ଧାର

ଜୟପୁର,୧୫।୯(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରରୁ ସୋମବାର ଏକ ଉଡ଼ନ୍ତା ସାପ ଉଦ୍ଧାର ହୋଇଛି। ଜୟପୁର ସହରର ଗୌଡ଼ସାହିର ଜଣେ ବ୍ୟକ୍ତିଙ୍କ ଗାଧୁଆଘର ଭିତରେ ଗୋଟିଏ ସାପ ପଶିଥିବା ନେଇ ସୂଚନା ପାଇବା ପରେ ଡବ୍ଲ୍ୟୁଏଆର୍‌ଟିଇଏଏମ୍(ପରିବେଶ ସଚେତନତା ଏବଂ ପରିଚାଳନା ଉପରେ ବନ୍ୟ ପ୍ରାଣୀ ଉଦ୍ଧାର ଟିମ୍)ର ସଂସ୍ଥାପକ କୃଷ୍ଣକେଶବ ଷଡ଼ଙ୍ଗୀ ଓ ତାଙ୍କ ସହଯୋଗୀ ଚନ୍ଦନ ଭିମିଡ଼ି ରୁବେନଙ୍କ ସହ ମିଶି ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚି ଏହା ଏକ ଉଡ଼ନ୍ତା ଚିତି ସାପ ବୋଲି ଚିହ୍ନଟ କରିଥିଲେ। ପରବର୍ତ୍ତୀ ସମୟରେ ଜୟପୁର ବନଖଣ୍ଡର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସାପକୁ ନିକଟସ୍ଥ ଏକ ସୁରକ୍ଷିତ ସ୍ଥାନରେ ଛାଡ଼ି ଦିଆଯାଇଥିଲା।



ଉଦ୍ଧାର ହୋଇଥିବା ସାପ।

## ଟ୍ରକ ଦୁର୍ଘଟଣା ମାମଲା: ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଜୟପୁର,୧୫।୯(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ବାରିଣିପୁଟ ଅଞ୍ଚଳରେ ଟ୍ରକ୍ ଦୋକାନ ଭିତରେ ପଶିବା ଘଟଣାରେ ଅଭିଯୁକ୍ତ ଡ୍ରାଇଭର ଓ ହେଲପରଙ୍କୁ ସୋମବାର ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଡ୍ରାଇଭର ଧନୀ ଟାକ୍ରୀ ଓ ହେଲପର ରାମ ଖିଲ।

ସୂଚନା ଅନୁଯାୟୀ, ରବିବାର ମାଲବାହୀ ଟ୍ରକ୍ କୋରାପୁଟ ଅଭିମୁଖେ ଯାଉଥିବା ବେଳେ ଏକ ବୋଲେରକୁ ଧକ୍କା ଦେଇ ଦୋକାନ ଭିତରେ ପଶିଯାଇଥିଲା। ଏଥିରେ ଦୋକାନୀଙ୍କ ମା' ଟ୍ରକ୍ ଚକା ତଳେ ଚାପି ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ୩ ଦୋକାନ ଭିତରେ ପଶିଥିଲା। ଏଥିରେ ଗୁରୁତର ଦୋକାନୀଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## କାର୍‌ରୁ ୨୨୫ କିଲୋ ଗଞ୍ଜେଇ ଜବତ

ନନ୍ଦପୁର/ପାଡୁଆ,୧୫।୯ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ପାଡୁଆ ଥାନା ପୋଲିସ ସୋମବାର ଅପରାହ୍ଣରେ ଏକ କାରରୁ ୨୨୫ କିଲୋ ଗଞ୍ଜେଇ ସୋମବାର ଜବତ କରିଛି। କାର ଚାଳକ ଗାଡ଼ି ଜଙ୍ଗଲ ଭିତରେ ଛାଡ଼ି ଖସି ପଳାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୋମବାର ଏକ କାର(ଓଆର୍‌୦୨-ଏଏଲ-୫୨୦୨)ରେ ଅତଣ୍ଡା ପଞ୍ଚାୟତ ଦୁକାନପୁଟ ଗ୍ରାମରୁ ଆନ୍ଧ୍ର ପ୍ରଦେଶ ଆରକୁ ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପୋଲିସ ପିଛା କରିଥିଲା। ଏସ୍ଆଇ ଦୀପକ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଡୁଆ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ କାରକୁ ଅଟକାଇଥିଲା। ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ପାଡୁଆ ଥାନାରେ ନଂ. ୧୦୪/୨୫ରେ ଏକ ମାମଲା ରୁଜୁ କରି ଏସ୍ଆଇ ଟୁନା ଶବର ତଦନ୍ତ କରୁଥିବା ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି। ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ନାଲ୍‌କୋ ସହ ହୋଇଥିବା ଏମ୍‌ଓୟୁ ବାତିଲ ଦାବି

### ଜଳ ଜଙ୍ଗଲ ଜମି ପାଇଁ ଏକତ୍ର ହେଲେ ୨ ବ୍ଲକ୍‌ର ଶତାଧିକ ଗ୍ରାମବାସୀ

ପଟ୍ଟାଙ୍ଗି, ୧୫।୯(ଶରତ କୁମାର ଧଳ)

ସେରୁବନ୍ଧ ବକ୍ସାଇଟ୍ ଖଣି ପାହାଡ଼କୁ ନେଇ ହୋଇଥିବା ଏମ୍‌ଓୟୁ ବାତିଲ କରିବା ଦାବି ନେଇ କୋରାପୁଟ ଜିଲା ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ପରିସରରେ ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ସୋମବାର ଶୋଭାଯାତ୍ରା କରାଯାଇଛି। ଜଳ ଜଙ୍ଗଲ ଜମିକୁ ମରିବୁ ପଛେ ହାତଛଡ଼ା କରିବୁ ନାହିଁ ସ୍ଲୋଗାନ ଦେଇ ବ୍ଲକ୍ ପରିକ୍ରମା କରାଯାଇଥିଲା। ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସରକାର ଓ ନାଲ୍‌କୋ ମଧ୍ୟରେ ହୋଇଥିବା ଏମ୍‌ଓୟୁ ବାତିଲ କରିବାକୁ ୩ ପୃଷ୍ଠା ବିଶିଷ୍ଟ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପ୍ରଦାନ କରାଯାଇଛି। ସେରୁବନ୍ଧ ସୁରକ୍ଷା ସମିତି ସଭାପତି ରବି ଖରାଙ୍କ ଆହ୍ୱାନକ୍ରମେ ସେମିଳିଗୁଡ଼ା ବ୍ଲକ୍‌ର ସୋରିଷପଦର ଓ ଖୁଡ଼ି ପଞ୍ଚାୟତ ସମେତ ପଟ୍ଟାଙ୍ଗି ବ୍ଲକ୍‌ର ମାଳିପୁଟ, ନୂଆଗାଁ, କୋଟିଆ ଏବଂ ପଟ୍ଟାଙ୍ଗି ଆଦି ୬ ପଞ୍ଚାୟତର ୬୮ ଗ୍ରାମବାସୀ କାତ୍ରାଗୁଡ଼ା ଗାଁ ଛକ ନିକଟରେ ଏକତ୍ର ହୋଇଥିଲେ। ଗ୍ରାମବାସୀ ହାତରେ ପ୍ଲା କାର୍ଡ ଧରି ଆଦିବାସୀ ଏକତା ଜିନ୍ଦାବାଦ, ନାଲ୍‌କୋ ସହ ହୋଇଥିବା ଏମ୍‌ଓୟୁ ବାତିଲ ଆମର ଦାବି ନାରା ଦେଇଥିଲେ। ସମିତିର ରାଲି ଯୋଗୁ ଟ୍ରାଫିକ୍ ନିୟନ୍ତ୍ରଣ କରିବା ସ୍ଥାନୀୟ ପୋଲିସ ପାଇଁ ସମସ୍ୟା ହୋଇଥିଲା। ଉକ୍ତ ରାଲିରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ପୂର୍ବତନ ବ୍ଲକ୍ ଅଧକ୍ଷ ଜଗତଜ୍ୟୋତି ପାଙ୍ଗୀ, ବର୍ତ୍ତମାନର ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗୀ, ଜୋନ୍ ୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସ୍ଥାନୀୟ ବ୍ଲକ୍‌ର ନୂଆଗାଁ ପଞ୍ଚାୟତ ସରପଞ୍ଚ ସୁବାସ ଖରା, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, କୋଟିଆ ସରପଞ୍ଚ ଲିୟୁ ଗେମେଲ୍ ଓ ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ ପ୍ରମୁଖ ଯୋଗଦେଇଥିଲେ। ସେମିଳିଗୁଡ଼ା ବ୍ଲକ୍‌ର ଜିଲା ପରିଷଦ ସଭ୍ୟ ମୋହନ ଜାନୀ, ମାଳି ପର୍ବତ ସୁରକ୍ଷା ସମିତି ଜିଲା ସଭାପତି ବିଜୟ ଖିଲ, ହାଲ୍ ବିସ୍ଥାପିତ ଜିଲା ସଭାପତି ତ୍ରିଲୋଚନ ମୁଦୁଲି, କୋରାପୁଟିଆ ଜନସୁରକ୍ଷା ଜିଲା ସଭାପତି ଦାସୀ ନନ୍ଦିବାଲି, କୋଡିଙ୍ଗାମାଳି ସୁରକ୍ଷା ସମିତି ସଭାପତି ଦିବାକର ସାହୁ ଓ ନାଗେଶ୍ୱରୀ ଗୁମ୍ଫା ସଭାପତି ବିଜୟ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ବକ୍ସାଇଟ୍ ଖଣି ପାହାଡ଼ ହାତେଇ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ବିସ୍ଥାପିତକରି ଲାଭବାନ୍ ହେବା ଏକ ଚକ୍ରାନ୍ତ ଚାଲିଥିବା ବିଭିନ୍ନ ସମିତିର ସଭାପତିମାନେ କହିଛନ୍ତି। ରାଜ୍ୟ ସରକାର କ୍ଷମତାକୁ ଆସିବା ପୂର୍ବରୁ ପେସା ଆକ୍ଟ ଲାଗୁ କରିବା ନେଇ ଦେଇଥିବା ପ୍ରତିଶ୍ରୁତି କାହିଁକି କରୁନାହାନ୍ତି ବୋଲି ପୂର୍ବତନ ଏମ୍‌ପି ପାଙ୍ଗୀ ପ୍ରଶ୍ନ କରିଥିଲେ। ବିଧାୟକ ରାମଚନ୍ଦ୍ର କାଡାମ୍‌ଙ୍କ ଗ୍ରାମରେ ଫ୍ଲାଇ ବୋର୍ଡ କାରଖାନାର ଭିତ୍ତିଭୂମି ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ଏବଂ ଏମ୍‌ପି ସପ୍ତଗିରି ଉଲାକାଙ୍କ ଅନୁପସ୍ଥିତି ନେଇ ପୂର୍ବତନ ବିଧାୟକ ପାଙ୍ଗୀ ପ୍ରଶ୍ନ ଉଠାଇଥିଲେ।




ସେରୁବନ୍ଧ ସମିତି ପକ୍ଷରୁ ରାଲି କରାଯାଉଛି।

## ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଲାଞ୍ଚ କାରବାର ଅଭିଯୋଗ

### ଭିଡିଓ ଭାଇରାଲ ପରେ ତଦନ୍ତ ନିର୍ଦ୍ଦେଶ

ବୈପାରୀଗୁଡା,୧୫।୯(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ୍‌ର ଚେରକା ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ ବ୍ୟାପକ ବାଟମାରଣା ହେଉଥିବା ଜଣାପଡ଼ିଛି। ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଫାଇଲ୍ ଖୋଲିବା ପାଇଁ ବ୍ଲକର ସମ୍ପୃକ୍ତ ମହିଳା କନିଷ୍ଠ ଯନ୍ତ୍ରୀ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବା ଘଟଣାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାପରେ ପଞ୍ଚାୟତର ସରପଞ୍ଚ ବଳରାମ ପୂଜାରୀ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଜୟପୁର ବ୍ଲକ୍ ବିଡିଓ ଶକ୍ତି ମହାପାତ୍ର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଚେରକା ପଞ୍ଚାୟତରେ ଗୌଡଗୁଡା ଗ୍ରାମରେ ୮ ଲକ୍ଷ ଟଙ୍କାର ଏ ମେଟାଲ ମୋରମ୍ ରାସ୍ତା ଓ ୫ ଲକ୍ଷ ଟଙ୍କାର ଏକ ଡ୍ରେନ୍ ନିର୍ମାଣ କାମ ଆସିଛି। ତେବେ କାମ ହେବା ପୂର୍ବରୁ ସେହି ଗ୍ରାମର ନାରାୟଣ ଗୌଡ଼ ନାମକ ଯୁବକଙ୍କଠାରୁ ମହିଳା ଯନ୍ତ୍ରୀ ଜଣଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଲାଞ୍ଚ ନେଉଥିବାର ଭିଡିଓ ଭାଇରାଲ୍ ହୋଇଛି। ନାରାୟଣ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ନିୟୋଜିତ ଶ୍ରମିକମାନଙ୍କର ଉପସ୍ଥାନ ଅନ୍‌ଲାଇନ୍‌ରେ ଛାଡ଼ିଥାନ୍ତି। ନାରାୟଣଙ୍କ ସୂଚନା ଅନୁଯାୟୀ, ଉକ୍ତ ମହିଳା କନିଷ୍ଠ ଯନ୍ତ୍ରୀ ଏହି କାମ ବାବଦକୁ ୧୫ ହଜାର ଟଙ୍କା ଦାବି କରିଥିଲେ। ଗତ ମାସରେ ସେ ପ୍ରଥମ କିସ୍ତିରେ ୩ ହଜାର ଟଙ୍କା ଦେଇଥିଲେ। ଗତ ଗୁରୁବାର ପୁଣି ୫ ହଜାର ଟଙ୍କା ନଗଦ ଓ ୧ ହଜାର ଟଙ୍କା ଫୋନ ପେରେ ଦେଇଥିଲେ। ଏହି ଲାଞ୍ଚ କାରବାକୁ କେହି ଜଣେ ମୋବାଇଲ୍‌ରେ ରେକର୍ଡିଂ କରି ଭାଇରାଲ କରିଥିଲେ। ଏହାପରେ ସରପଞ୍ଚ ପୂଜାରୀ ଶନିବାର ବିଡିଓଙ୍କୁ ଭିଡିଓ ଦେଖାଇ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଡିଓ ମହାପାତ୍ରଙ୍କୁ ପଚାରିବାରୁ ସେ ତଦନ୍ତ ନିର୍ଦ୍ଦେଶ ଦେବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରିଥିବା କହିଛନ୍ତି। ସୂଚନାଯୋଗ୍ୟ, ୫ ମାସ ତଳେ ସ୍ଥାନୀୟ ବିଡିଓ ଅବସର ନେବା ପରେ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇନାହିଁ। ବିଡିଓ ମହାପାତ୍ର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ସପ୍ତାହର କିଛି ନିର୍ଦ୍ଦିଷ୍ଟ ଦିନରେ କେବଳ କାଗଜପତ୍ର କାମ ହେଉଥିବା ଜଣାପଡ଼ିଛି।

## ଗଛ ଉପୁଡ଼ି ରାଜପଥ ଅବରୋଧ

ପାଡୁଆ,୧୫।୯(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଦେଇ ଯାଇଥିବା ବିଶାଖାପାଟଣା-ଜୟପୁର ସଂଯୋଗୀ ରାଜପଥର ସିରିସଗୁଡ଼ା ନିକଟରେ ରବିବାର ରାତିରେ ଏକ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି। ବର୍ଷାରେ ରାସ୍ତାର ୨ ପାର୍ଶ୍ୱରେ ଗାଡ଼ି ମୋଟର ଅଟକିଥିବା ଦେଖିବାକୁ ମିଳିଛି। ବର୍ଷା ସତ୍ତ୍ୱେ ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତା ଅବରୋଧ ହଟାଇଥିଲେ। ଟିମ୍‌ରେ ଫାୟାରମ୍ୟାନ୍ ଉପେନ୍ଦ୍ର କୁମାର ମହାରଣା, ଦିଲେଶ୍ୱର ସେଠିଆ, ଥବିର ଭୋଇ ଓ ରଞ୍ଜନ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ଅବରୋଧ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅଟକିଥିବା ଗାଡ଼ି ଚାଳକ ଅଗ୍ନିଶମ ବାହିନୀର ପ୍ରଶଂସା କରିଥିଲେ।



ଅଗ୍ନିଶମ କର୍ମଚାରୀ ଗଛ କାଟି ସଫା କରୁଛନ୍ତି।

## ବନ ବିଭାଗ ଦ୍ୱାରା କାଠଗାଡ଼ି ଜବତ, ୨ ଗିରଫ

ସୁନାବେଡା/ସେମିଳିଗୁଡ଼ା,୧୫।୯ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଏକ କାଠ ବୋଝେଇ ଟ୍ରକ୍ ରବିବାର ରାତିରେ ଜବତ କରାଯାଇ ୨ ଯୁବକଙ୍କୁ ଗିରଫ କରାଯାଇଛି। ୨ ଅଭିଯୁକ୍ତ ହେଲେ ଛତିଶଗଡ ରାୟପୁରର ଡ୍ରାଇଭର କମଳ ଦାସ(୨୭) ଓ ହେଲପର ରାଜେଶ ମହାଲି (୨୮)। ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇଙ୍କ ନେତୃତ୍ୱରେ ଡେପୁଟି ରେଞ୍ଜର ତ୍ରିପତି ପଣ୍ଡା, ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗୀ ଓ ବନ କର୍ମଚାରୀ ଟ୍ରକ୍‌କୁ ଜବତ କରିଥିଲେ। ନନ୍ଦପୁର ଥାନା ଅଧୀନ କୁମାର ଗନ୍ଧଣାରୁ ଟ୍ରକ(ସିଜି୦୪ ପି ଇ ୫୦୭୫) ଯୋଗେ ଜାମୁ, ମହାଲିମ୍ବ କାଠ ରାୟପୁରକୁ ଚାଲାଣ ହେଉଥିବା ଖବର ପାଇ ହାଟସୁକୁ ଗାଁ ନିକଟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିରେ ବହୁ ପରିମାଣର ଜାମୁକୋଳି ଏବଂ ମହା ନିମ୍ବ କାଠ ଥିବା ସୂଚନା ମିଳିଛି। ଏ ନେଇ ବନ ବିଭାଗ ପକ୍ଷରୁ ନଂ. ୩୬/୨୫-୨୬ରେ ଏକ ମାମଲା ରୁଜୁ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କିଛିବର୍ଷ ହେବ ଏହି ଅଞ୍ଚଳରୁ ବିନା କାଗଜପତ୍ରରେ ବହୁ ମୂଲ୍ୟବାନ କାଠ ଚାଲାଣ ହେଉଥିବାରୁ ଗଛ ଲୋପ ପାଇବାରେ ଲାଗିଛି। ଏଥିରେ ଏକ ବଡ଼ ରାକେଟ କାମ କରୁଥିବା ଅଭିଯୋଗ ହୋଇଛି।



ଜବତ ହୋଇଥିବା କାଠ ବୋଝେଇ ଟ୍ରକ୍।

## ନିମ୍ନମାନର ମଧ୍ୟାହ୍ନଭୋଜନ ପରିବେଷଣ ଅଭିଯୋଗ

### ଅପରାହ୍ନ ୧ଟା ବଦଳରେ ବିଳମ୍ବରେ ଦିଆଯାଉଛି ଖାଦ୍ୟ

ଲକ୍ଷ୍ମୀପୁର,୧୫।୯(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅଧୀନ ତୁନୁପାର ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ପରିବେଷଣ ସହ ଭୋଜନ ପ୍ରଦାନରେ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ଅପରାହ୍ନ ୧ଟାରେ ମଧ୍ୟାହ୍ନ ଭୋଜନ ଦେବା ବ୍ୟବସ୍ଥା ରହିଛି। ଏହି ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିବାରୁ ଛାତ୍ରୀଛାତ୍ର ଭୋକରେ ଥାଳ ଧରି ଦୀର୍ଘ ସମୟ ଅପେକ୍ଷା କରିଥିବା ଦେଖିବାକୁ ମିଳୁଛି। କେତେଜଣ ଛାତ୍ରୀଛାତ୍ର ଭୋକ ହେବାରୁ ଚୁଡ଼ା ଓ ବିସ୍କୁଟ ଖାଇବା ନଜିର ମଧ ରହିଛି। ସୂଚନା ପାଇ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାରୁ ତରବରିଆ ଭାବେ ଅପରାହ୍ନ ୨ଟା ୪୦ରେ ମଧ୍ୟାହ୍ନ ଭୋଜନ ଦିଆଯାଇଥିବା ଜଣାପଡ଼ିଛି। ଅଣ୍ଡା ତରକାରୀ ବଦଳରେ ଆଳୁ ଝୋଳ ଓ ସିଝା ଅଣ୍ଡା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଦୈନିକ ଅପରାହ୍ନ ୨ଟା ପରେ ଖାଦ୍ୟ ଦିଆଯାଉଥିବା ସେମାନେ କହିଛନ୍ତି। ଚଳିତ ମାସ ସେପ୍ଟେମ୍ବରରେ ଏଭଳି ସମସ୍ୟା ଦେଖାଦେଇଛି। ସେପ୍ଟେମ୍ବର ୮ରେ ମଧ୍ୟାହ୍ନ ଭୋଜନ ପାଇ ନ ଥିବା, ସମୟ ହୋଇଯିବାରୁ ଖାଲି ପେଟରେ ଶ୍ରେଣୀକୁ ପ୍ରବେଶ କରିଥିବା ସେମାନେ କହିଛନ୍ତି। ସ୍କୁଲରେ ଅଧିକାଂଶ ଛାତ୍ରୀଛାତ୍ର ଆଦିବାସୀ ଓ ଅନୁସୂଚିତ ଜନଜାତିର। ଏଠାରେ ପ୍ରାୟ ୪୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମଧ୍ୟାହ୍ନ ଭୋଜନ ଡାଲିରେ ପେଜ ତୋରାଣି ପକାଇ ଖାଦ୍ୟ ପ୍ରସ୍ତୁତି କରି ଖାଇବାକୁ ଦେଇଥିବା ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ରୋଷେୟାଙ୍କୁ ପଚାରିବାରୁ ବିଳମ୍ବ ହେଉଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱପ୍ରଭା ସାହୁଙ୍କୁ ପଚାରିବାରୁ ଏସ୍ଏଚ୍‌ଜି ମହିଳାମାନେ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ତୁଲାଉଛନ୍ତି। ବିଳମ୍ବ ହେବା ଓ ନିମ୍ନମାନର ଖାଦ୍ୟ ପ୍ରଦାନ ନେଇ ଅନେକଥର ସେ ତାଗିଦ୍ କରିଥିବା କହିଛନ୍ତି। ଏ ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ରିତା ମହାନ୍ତିଙ୍କୁ ଯୋଗଯୋଗ କରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। କିନ୍ତୁ ସୋମବାର ଏହି ସ୍କୁଲରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଦନ ମୁଦୁଲିଙ୍କ ଉପସ୍ଥିତିରେ ଏଭଳି ଅବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି।

## ୧ କୁଇଣ୍ଟାଲ ଗଞ୍ଜେଇ ଜବତ

ବୈପାରିଗୁଡ଼ା,୧୫।୯ (କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ା ଥାନା ଏସ୍ଆଇ ଏସ୍.କେ. ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଏକ ନମ୍ବର ପ୍ଲେଟ୍ ବିହୀନ ଅଟୋରିକ୍ସା ମଧ୍ୟରୁ ୧ କୁଇଣ୍ଟାଲ ୩ କିଲୋ ଗଞ୍ଜେଇ ରବିବାର ରାତିରେ ଜବତ କରାଯାଇଛି। କୋରାପୁଟ ଛକଠାରେ ଏହି ଗାଡ଼ିକୁ ଜବତ କରାଯାଇଥିବା ଓ ଅନ୍ଧାରର ସୁଯୋଗ ନେଇ ଅଟୋ ଚାଳକ ଚମ୍ପଟ ମାରିଥିବା ଥାନାଧିକାରୀ ଉମ୍ବରୁଧର ବାଡ୍ରିଆ ସୂଚନା ଦେଇଛନ୍ତି। ଏ ନେଇ ପୋଲିସ ୧୯୨/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଓଡ଼ିଶା ଶିଳ୍ପୀ ମହାସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରାପୁଟ,୧୫।୯ (ଅମିତାଭ ବେହେରା)

କୋରାପୁଟ ଜିଲା ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ସଂଘ ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କରଙ୍କ ନେତୃତ୍ୱରେ ଜିଲା ପ୍ରଶାସନଙ୍କ ଜରିଆରେ ରାଜ୍ୟ ସରକାରଙ୍କ ନିକଟକୁ ଦାବିପତ୍ର ଦିଆଯାଇଛି। ଦାବୀ ଗୁଡ଼ିକ ହେଲା ରାଜ୍ୟ ସରକାର ବୁଣାକାରଙ୍କ ସମେତ କାରିଗରଙ୍କୁ ସାମିଲ କରିବା ସହ ମାସିକ ୨ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା, ଓଡ଼ିଶା ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ପାଇଁ ଏକ ବୋର୍ଡ ଗଠନ କରିବା ଓ ବୁଣାକାରଙ୍କ ନିମନ୍ତେ ରାଜ୍ୟ ବଜେଟରେ ବ୍ୟବସ୍ଥା ହୋଇଥିବା ୨ ହଜାର କୋଟି ଆର୍ଥିକ ରାଶିକୁ ୫ ହଜାର କୋଟିକୁ ବୃଦ୍ଧି କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟ ତଥା ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବୁଣାକାର ଓ କାରିଗର ଶିଳ୍ପୀ ଏକ ରାଲିରେ ସହର ପରିକ୍ରମା କରିଥିଲେ। ଏହାପରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଓଡ଼ିଶା ଶିଳ୍ପୀ ମହାସଂଘର ସଦସ୍ୟମାନେ।

## ବାହାର ଖାଦ୍ୟ ଯୋଗୁ ଅସୁସ୍ଥତା: ଜିଲା ଡାକ୍ତରୀ ଟିମ୍

### ୨୫ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ଘଟଣା

କୁନ୍ଦୁରା,୧୫।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଭେଜାହାଣ୍ଡିସ୍ଥିତ ଜନଜାତି ହଷ୍ଟେଲରେ ସପ୍ତାହକରେ ୨୫ ଛାତ୍ରୀ ଝାଡାବାନ୍ତିରେ ଅସୁସ୍ଥ ହେବା ଘଟଣାରେ ଜିଲା ଡାକ୍ତରୀ ଟିମ୍ ଛାତ୍ରୀମାନେ ବାହାର ଖାଦ୍ୟ ଯୋଗୁ ଅସୁସ୍ଥ ହୋଇଥିବା ସୂଚନା ଦେଇଛି। ରବିବାର ୧୩ ଛାତ୍ରୀ ଅସୁସ୍ଥ ହେବା ପରେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ଏକ ଶିକ୍ଷା ଅନୁଷ୍ଠାନରେ ଏଭଳି ସମ୍ବେଦନଶୀଳ ଘଟଣା ଘଟିଥିବା ସତ୍ତ୍ୱେ ଜିଲା ମଙ୍ଗଳ ଅଧିକାରୀ ୫ ଦିନ ପରେ ଆସି ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଛି। ଘଟଣାରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ରବିବାର ସ୍କୁଲ ପରିଦର୍ଶନ କରି ଜିଲା ମଙ୍ଗଳ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରି ଏ ନେଇ ଜିଲାପାଳଙ୍କୁ ଅବଗତ କରିଥିଲେ। ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ୪ ଜଣିଆ ଡାକ୍ତରୀ ଟିମ୍ ଭେଜାହାଣ୍ଡିସ୍ଥିତ ଶହେ ଶଯ୍ୟା ବିଶିଷ୍ଟ ଜନଜାତି ହଷ୍ଟେଲର ପରିବେଶ, ରୋଷେଇ ଘର, ବୋରୱେଲ ଓ ନଳକୂପ ଯାଞ୍ଚ କରିଥିଲେ। ହଷ୍ଟେଲରେ ଅନ୍ତେବାସୀଙ୍କୁ ନିଅଣ୍ଟିଆ ଖାଦ୍ୟ ଦିଆଯାଉଥିବାରୁ ସେମାନେ ବାହାର ଖାଦ୍ୟ ଖାଉଥିବା ଓ ଅସୁସ୍ଥ ହେଉଥିବା ଅଭିଯୋଗ ହୋଇଛି। ଜିଲା ମଙ୍ଗଳ ଅଧିକାରୀ କେଉଁ ଅଧିକାରରେ ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନୀ ରଞ୍ଜନ ଜାଲିଙ୍କୁ ୪ ବର୍ଷ ହେବ ହଷ୍ଟେଲ ଦାୟିତ୍ୱ ଦେଇଥିବା ନେଇ ପ୍ରଶ୍ନ କରାଯାଇଛି। ୩୦ ଦିନ ହେବ ଉକ୍ତ ଅନୁଷ୍ଠାନର ଜଣେ ସହକାରୀ ଶିକ୍ଷକଙ୍କୁ ହଷ୍ଟେଲ ସୁପରିଟେଣ୍ଡ ଭାବେ ବ୍ଲକ ମଙ୍ଗଳ ଅଧିକାରୀ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହି ଦାୟିତ୍ୱରେ ରହିବା ନିୟମ ରହିଛି। ବିଧାୟକଙ୍କ ପରିଦର୍ଶନ ସମୟରେ ହଷ୍ଟେଲରେ ରଖାଯାଇଥିବା ପନିପରିବା ଓ ଡାଲିର ପରିମାଣ ହିସାବରେ ଅନ୍ତେବାସୀଙ୍କୁ ଖାଦ୍ୟ ନିଅଣ୍ଟିଆ ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଗଣେଶ ପ୍ରସାଦ ଦାଶ ଏବଂ ଜିଲାସ୍ତରରୁ ଆସିଥିବା ଡା. ଶିବ ସାଇ ସ୍ୱରୂପ ଦାଶ ଛାତ୍ରୀମାନଙ୍କୁ ବାହାର ଖାଦ୍ୟ ନ ଖାଇବାକୁ ବାରଣ କରିଥିବା ଦେଖିବାକୁ ମିଳିଛି।



ସ୍କୁଲ ପରିସରରେ ସ୍ୱାସ୍ଥ୍ୟ ଟିମ୍ ଓ ଅଧିକାରୀମାନେ।

# ରାତିଅଧରେ ଦୋକାନରେ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ

ଗୋପ,୧୫।୯
(ଭାରତୀ ଭୂଷଣ ଉପାଧ୍ୟାୟ)

- ବର୍ତ୍ତିଗଲେ ଦୁଇ ଦୋକାନ ମାଲିକ, ଅଭିଯୁକ୍ତ ଗିରଫ
- ଜେସିବି, ମୋଟର ସାଇକେଲ ଜବତ

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ମଦରଙ୍ଗ ବଜାରରେ ଏକ ଘର ସମ୍ମୁଖରେ ଥିବା ୨ ଦୋକାନ ଉପରେ ରବିବାର ବିଳମ୍ବିତ ରାତିରେ ଜେସିବି ଚଢ଼ାଇ ଭାଙ୍ଗି ଦିଆଯିବା ସହ ଦୋକାନୀଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ଏଥିରେ ଦୋକାନ ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଏହା ଭିତରେ ଥିବା ନାଗପୁର ଗ୍ରାମର ମିଠା ଦୋକାନ ମାଲିକ ପ୍ରହଲ୍ଲାଦ ସାହୁ(୬୫) ଏବଂ ବନ୍ତଲିଗ୍ରାମ ଗ୍ରାମର ସାଇକେଲ ଦୋକାନ ମାଲିକ ଜଟାଧାରୀ ସାହୁ (୮୦) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାରେ ପୋଲିସ ୨ଟି ମାମଲା(ନଂ.୩୦୫/୨୫ ଏବଂ ୩୦୬/୨୫) ରୁଜୁ କରି ଅଭିଯୁକ୍ତ କେଦାର ରାଉତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଜେସିବି ଏବଂ ଏକ ମୋଟର ସାଇକେଲକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମଦରଙ୍ଗ ବଜାରରେ ଅଭିଯୁକ୍ତ କେଦାରଙ୍କ ଘର ସମ୍ମୁଖରେ ଦୀର୍ଘ ବର୍ଷ ଧରି ପ୍ରହଲ୍ଲାଦ ଏବଂ ଜଟାଧାରୀ ମିଠା ଏବଂ ସାଇକେଲ ଦୋକାନ କରି ବ୍ୟବସାୟ କରି ଆସୁଛନ୍ତି। ଦୋକାନ ପଛରେ କେଦାରଙ୍କ ଘର ରହିଥିବାରୁ ଗତ କିଛି ଦିନ ଧରି ଦୁଇ ଦୋକାନ ମାଲିକଙ୍କ ସହ ତାଙ୍କର ବିବାଦ ଲାଗି ରହିଥିଲା। ଏହାକୁ ନେଇ ଅଭିଯୁକ୍ତ କେଦାର ତାଙ୍କର କେତେଜଣ ସହଯୋଗୀଙ୍କ ସହ ମିଶି ରାତି ଅଧରେ ଜେସିବି ଦ୍ୱାରା ଦୁଇଗୋଟି ଦୋକାନକୁ


ଗିରଫ କେଦାର ରାଉତ।

ଭାଙ୍ଗିଥିଲେ। ଦୋକାନ ମଧ୍ୟରେ ଶୋଇଥିବା ଜଟାଧାରୀ ଏବଂ ପ୍ରହଲ୍ଲାଦଙ୍କ ଉପରେ ଇଟା, ପଥର ସହିତ କାଠପଡ଼ିବା ପରେ ସେମାନେ ଜୀବନ ବଞ୍ଚାଇବା ଲାଗି ବାହାରକୁ ପଳାଇ ଆସିଥିଲେ। ଦୋକାନ କାହିଁକି ଭାଙ୍ଗୁଛ ବୋଲି ପଚାରିବାରେ କେଦାର ଏବଂ ତାଙ୍କ ସହଯୋଗୀ ମାନେ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। କିଛି ସମୟପରେ ଦୋକାନ ମାଲିକଙ୍କ ପରିବାର ସଦସ୍ୟ ଘଟଣା ସ୍ଥଳରେ ପହଞ୍ଚି ପଥର, ଇଟା ଓ କାଠ ପଡ଼ି ଗୁରୁତର ହୋଇଥିବା ଜଟାଧାରୀ ଏବଂ ପ୍ରହଲ୍ଲାଦଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ଥାନା ମହିଳା ଏସ୍ଆଇ ଦେବସ୍ମିତା ସିଂ, ଏଏସ୍ଆଇ ବୁଲୁ ସେଠୀଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କେଦାରଙ୍କୁ ଗିରଫ କରିବାବେଳେ ପୋଲିସ ସହ ଠେଲାପେଲା ହୋଇଥିଲା। ଏହାର ସୁଯୋଗ ନେଇ ଅନ୍ୟ ଆକ୍ରମଣକାରୀମାନେ ସେଠାରୁ ଖସି ପଳାଇ ଥିଲେ। ଶେଷରେ ପୋଲିସ କେଦାରଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଜେସିବି ଚଢ଼ାଇ ଦୋକାନ ଭାଙ୍ଗି ଦେବା ଫଳରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ମାମଲାର ତଦନ୍ତ ଏଏସ୍ଆଇ ବୁଲୁ ସେଠୀ କରୁଥିବାବେଳେ ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜାଲ ସାର୍ଟିଫିକେଟ ଦେଇ ଚାକିରି: ଅଧ୍ୟାପକ ବହିଷ୍କୃତ

ବାଲିକୁଦା,୧୫।୯(ତାପସ ସ୍ୱାଇଁ)

ନିଯୁକ୍ତି ସମୟରେ ଜାଲ ସାର୍ଟିଫିକେଟ ଦେବା ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ଶତପଥୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ବାଲିକୁଦା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ପରିଚାଳନା ପରିଷଦ ମନୋନୟନ କ୍ରମେ ୨୦୧୯ରେ ସନ୍ତୋଷଙ୍କୁ ନିଯୁକ୍ତି ମିଳିଥିଲା। ମାତ୍ର ସେ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି ପାଇଥିବା ନେଇ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଥିଲା। ଏହାପରେ ସନ୍ତୋଷଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ତାହା ଜାଲ୍ ବୋଲି ଜଣା ପଡ଼ିବା ପରେ ସୋମବାର ଉପଜିଲାପାଳ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବାଲିକୁଦା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପତ୍ର କରିଥିଲେ। ସନ୍ତୋଷ ପାଇଥିବା ଶିକ୍ଷାଗତ ପ୍ରମାଣପତ୍ର (ସାର୍ଟିଫିକେଟ) ଉତ୍କଳ ବିଶ୍ୱବିଦ୍ୟାଳୟ ସହ ସମାନ ନଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। ସେହିପରି ସନ୍ତୋଷ ୨୦୧୪ରେ ସିକିମ୍ ୟୁନିଭରସିଟିର ନକଲି ସାର୍ଟିଫିକେଟ୍ ଆଣିଥିଲେ ବୋଲି କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିବା ଚିଠିରେ ଉପଜିଲାପାଳ ଉଲ୍ଲେଖ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ହାଣିଲେ

ବ୍ରହ୍ମପୁର,୧୫।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ନିକଟରେ ସୋମବାର ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋବିନ୍ଦପୁର ଗ୍ରାମର ଗୋପୀନାଥ ରଣା(୨୭)। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡା ଚୋଟ ପଡ଼ିଥିବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୋପୀନାଥ ତାରାତାରିଣୀ ମନ୍ଦିର ପୂଜକ ଭାବେ କାର୍ଯ୍ୟ କରନ୍ତି। ସୋମବାର ସେ ଘରେ ଶ୍ରାଦ୍ଧ କାମ ସାରି ଆସିବା ବେଳେ ଗ୍ରାମ ଛକ ନିକଟରେ ୪ରୁ ଊର୍ଦ୍ଧ୍ୱ ଯୁବକ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ଗୋପୀନାଥଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ପୋଲିସ ମେଡ଼ିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନାଲ୍କୋରେ ଚାକିରି ଦେବା ଆଳରେ ୧୮ ଲକ୍ଷ ଠକେଇ

ଭୁବନେଶ୍ୱର,୧୫।୯(ସତ୍ୟଜିତ୍ ରାଉତ)

**ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର**

ନାଲ୍କୋରେ ଚାକିରି କରାଇଦେବା ଆଳରେ ୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବଡ଼ଗଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ରଗତି ବିହାରର ନରେଶ ବାରିକ ଓରଫ ବୁଟୁ (୫୫)। ତାଙ୍କୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସର୍ବେଶ୍ୱରଙ୍କ ସହଯୋଗୀ ଦିଲ୍ଲୀପ ଭଞ୍ଜ ଫେରାରଥିବା ବେଳେ ତାଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।


ନରେଶ ବାରିକ

ପ୍ରକାଶ ଯେ, ବଡ଼ଗଡ ଥାନା ଅଞ୍ଚଳର ଅଭିଯୋଗକାରୀ ସର୍ବେଶ୍ୱର ସାମଲ ୨୦୨୧ରେ ନରେଶଙ୍କ ସଂସ୍ପର୍ଶରେ ଆସିଥିଲେ। ନରେଶ ତାଙ୍କୁ ନାଲ୍କୋର ଏଜିଏମ୍ ଭାବରେ ପରିଚୟ ଦେଇ ଫସାଇଥିଲେ। ସେ ଦିଲ୍ଲୀପଙ୍କ ଜରିଆରେ ସର୍ବେଶ୍ୱରଙ୍କ ପୁଅଙ୍କ ପାଇଁ ନାଲ୍କୋରେ ଚାକିରି ବୁଝିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଟଙ୍କା ଦେବାକୁ ହେବ ବୋଲି ନରେଶ କହିଥିଲେ। ତାଙ୍କୁ ବିଶ୍ୱାସ କରି ସର୍ବେଶ୍ୱର ଅନଲାଇନ୍ ଓ ନଗଦ ଆକାରରେ ମୋଟ୍ ୧୮ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ନରେଶ ନକଲି ନିଯୁକ୍ତି ପତ୍ର, ପରିଚୟପତ୍ର, ଗେଟ୍ ପାସ୍ ଏବଂ ଡାକ୍ତରୀ ଫିଟନେସ୍ ସାର୍ଟିଫିକେଟ୍ ଆଦି ସର୍ବେଶ୍ୱରଙ୍କ ପୁଅଙ୍କୁ ଦେଇଥିଲେ। ୨୦୨୫ ମାର୍ଚ୍ଚ ୧୯ରେ ସର୍ବେଶ୍ୱରଙ୍କ ପୁଅ ନାଲ୍କୋ ଅଫିସରେ ରିପୋର୍ଟ କରିବାକୁ ଯିବାବେଳେ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ ସର୍ବେଶ୍ୱରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୨୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ ଏଭଳି ଅନ୍ୟ ଚାକିରି ଆଶାୟୀଙ୍କୁ ମଧ୍ୟ ଠକେଇ କରିଥିବା ପୋଲିସ ସୂଚନା ପାଇଛି। ଏନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

# ସାଇବର ଠକେଇ: ପେମେଣ୍ଟ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୩ ଗିରଫ

**କଟକ,୧୫।୯(କାର୍ତ୍ତିକ ସାହୁ):** କଟକ ସାଇବର ଥାନା ପୋଲିସ ଏକ ସାଇବର ଠକେଇ ମାମଲାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ରାଉରକେଲାରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଉରକେଲା ବାସନ୍ତୀ କଲୋନୀର ଅବିନାଶ ଓଝା(୩୫), ବନ୍ଧମୁଣ୍ଡାର ଜଗନ ସାହୁ(୨୪) ଓ ପାନପୋଷ ବସ୍ତିର ପ୍ରତୀକ ଚୌରାସିଆ ଓରଫ ସିଦ୍ଧାର୍ଥ(୨୧)। ଅବିନାଶ ପେଟିଏମ୍ ଓ ଏନ୍ଏସ୍‌ଡିଏଲ୍, ଜଗନ ଏୟାରଟେଲ ଓ ଜିଓ ପେମେଣ୍ଟ ବ୍ୟାଙ୍କର କର୍ମଚାରୀ ହୋଇଥିବାବେଳେ ପ୍ରତୀକ ଏୟାରଟେଲ ସିମ୍‌କାର୍ଡ ବିକ୍ରି କରନ୍ତି। ପ୍ରତୀକ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୂର୍ବରୁ ଆକ୍ଟିଭ ହୋଇଥିବା ସିମ୍‌କାର୍ଡ ଯୋଗାନ୍ତି। ସେମାନଙ୍କ ନିକଟରୁ ୩ଟି ଆଧାର କାର୍ଡ, ୬ଟି ମୋବାଇଲ ଫୋନ୍, ୩ଟି ଚେକ୍‌ବହି, ୧୦ଟି ପାସ୍‌ବହି ଜବତ ହୋଇଛି। ଏଥିସହ ୩୯ଟି ବ୍ୟାଙ୍କ ଆକାଉଣ୍ଟ ଓ ସେଥିରେ ଥିବା ୨ ଲକ୍ଷ ଟଙ୍କାକୁ ଅଚଳ କରିଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁସାରେ, ଜଗତପୁର ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। କଟକ ସାଇବର ଥାନାରେ ସେ କରିଥିବା ଅଭିଯୋଗ ଅନୁଯାୟୀ, ନିଶା ସିଂହ ନାମକ ବ୍ୟକ୍ତି ଟେଲିଗ୍ରାମ୍ ଜରିଆରେ ତାଙ୍କୁ ଏକ ଲିଙ୍କ୍ ଶେୟାର କରିଥିଲେ। କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କଲେ ୨ଗୁଣା ଲାଭ ପାଇବାର ଲୋଭ ସେ ଦେଖାଇଥିଲେ। ସାଇବର ଠକଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ୨୦୨୫ ମେ ୧୬ରୁ ୨୯ ତାରିଖ ମଧ୍ୟରେ ୧୩,୭୨,୦୭୦ ଟଙ୍କା ଟ୍ରାନ୍ସଫର କରିଦେଇଥିଲେ।

# ୨ ମାସରେ ତଦନ୍ତ ରିପୋର୍ଟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କେନ୍ଦୁଝର,୧୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ସାମାଜିକ କର୍ମୀ ରୋଜାଲିନ୍ ସାହୁ ହତ୍ୟା ମାମଲା**

କେନ୍ଦୁଝର ପୁରୁଣା ସହରର ସାମାଜିକ କର୍ମୀ ରୋଜାଲିନ ସାହୁଙ୍କ ହତ୍ୟା ମାମଲାରେ ହାଇକୋର୍ଟ ପୋଲିସକୁ ରିପୋର୍ଟ ତଲବ କରିଛନ୍ତି। ବିଚାରପତି ଚିତ୍ତରଞ୍ଜନ ଦାଶ ମାମଲା ଶୁଣାଣିକରି କେନ୍ଦୁଝର ପୋଲିସକୁ ୨ ମାସ ଭିତରେ ଉପଯୁକ୍ତ ତଦନ୍ତକରି ଫାଇନାଲ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ ହାଇକୋର୍ଟ କେନ୍ଦୁଝର ଏସ୍‌ପିଙ୍କୁ ମାମଲାର ତଦନ୍ତ ନେଇ ରିପୋର୍ଟ ମାଗିଥିଲେ। କୌଣସି ଉତ୍ତର ମିଳି ନ ଥିବାରୁ କୋର୍ଟ ସେପ୍ଟେମ୍ବର ୧୦ରେ ଶୁଣାଣି ସମୟରେ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଥିଲେ।

ସୂଚନାଯୋଗ୍ୟ, ରୋଜାଲିନ୍ ସାହୁଙ୍କ ମୃତ୍ୟୁ ହେବାର ଅଢ଼େଇ ବର୍ଷ ବିତିସାରିଲାଣି। କେନ୍ଦୁଝର ଘଟଗାଁ ଥାନା ପକ୍ଷରୁ ଏକ ସଂଘବଦ୍ଧ ନରହତ୍ୟା ମାମଲା ରୁଜୁ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଚୁପ୍ ବସିଥିବା ରୋଜାଲିନ୍‌ଙ୍କ ମାଆ ରେବତୀ ସାହୁ ଅଭିଯୋଗ କରିଥିଲେ। ଏକମାତ୍ର ଝିଅକୁ ପ୍ରକାଶ ମଲ୍ଲିକ ନାମକ ଯୁବକ ଘରୁ ନିଜ ଗାଡ଼ିରେ ଡାକିନେଇ ହତ୍ୟା କରିଥିବା ନେଇ ସିଧା ଅଭିଯୋଗ କରିଥିଲେ। ତେଣୁ ପୋଲିସ ବାଧ୍ୟ ହୋଇ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଛି। ପ୍ରଥମେ ଝିଅ ଏକ ବାଇକ୍‌ରେ ଯାଇ ପଡ଼ିଯାଇଥିବା ପୋଲିସ କହିଥିଲା। ପରେ ଘଟଣାର ୨ ବର୍ଷ ପରେ ଏକ ଧଳା ସ୍କର୍ପିଓ ଜବତ କରିଥିଲା। ତେବେ ପୋଲିସ ଅପରାଧୀଙ୍କୁ ଗିରଫକରି ଚାର୍ଜଶିଟ ଦେଉ ନ ଥିବାରୁ ରେବତୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିଯୋଗ ଶୁଣାଣିରେ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଫିସ ଚିଠିକୁ ପୋଲିସ ମାନିଲା ନାହିଁ କି ତଦନ୍ତ କଲାନାହିଁ। ବାରମ୍ବାର ନିରାଶ ହୋଇ ସେ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଚିତ୍ତରଞ୍ଜନ ଦାଶ କେନ୍ଦୁଝର ପୋଲିସ ୨ ମାସ ଭିତରେ ଉପଯୁକ୍ତ ତଦନ୍ତକରି ଫାଇନାଲ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗରୁ ମଧ୍ୟ ହାଇକୋର୍ଟ କେନ୍ଦୁଝର ଏସ୍‌ପିଙ୍କୁ ମାମଲାର ତଦନ୍ତ ନେଇ ରିପୋର୍ଟ ମାଗିଥିଲେ। କୌଣସି ଉତ୍ତର ମିଳି ନ ଥିଲା। ତେଣୁ ଘଟଣା ବିଭ୍ରାନ୍ତି ଆଡ଼କୁ ଯାଉଥିବାରୁ ଏତେ ଦିନ ଯାଏ ଚାର୍ଜଶିଟ ନ ହେବାରୁ କୋର୍ଟ ଶୁଣାଣି କରି ଦୁର୍ଭାଗ୍ୟଜନକ କହିଛନ୍ତି। ନିର୍ଦ୍ଦେଶନାମା ଆସିବା ପରେ ରୋଜାଲିନ ସାହୁଙ୍କ ମାଆ ଅପରାଧୀ ଏବେ ଗିରଫ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯେତେ ବଡ଼ ଲୋକଙ୍କ ସହ ଫଟୋ ଉଠେଇ ଅପରାଧୀମାନେ ବର୍ତ୍ତିଯିବାକୁ ମସୁଧା କରୁଥିଲେ ମଧ୍ୟ ମୁକୁଳିପାରିବେନାହିଁ। ଏଥିସହ ହତ୍ୟା ଅପରାଧୀଙ୍କୁ ରାଜନୈତିକ ଶରଣ ନ ଦେବାକୁ ସେ ରାଜନୈତିକ ଦଳ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ଖେଳ ଖବର

# ଚାମ୍ପିୟନ ଦଳକୁ ୫୦, ରନରଅପକୁ ୨୫ ଲକ୍ଷ



ଆୟୋଜକମାନେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

କଟକ,୧୫।୯(କାର୍ତ୍ତିକ ସାହୁ)

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୭ରୁ ଆରମ୍ଭ ହେବ ଓଡ଼ିଶା ପ୍ରୋ ଟି୨୦ ଲିଗ୍। ଏହି ଲିଗ୍‌କୁ ବହୁଳ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଷ୍ଟାର ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନ୍ କୋଡ୍‌ରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ୬ଟି ଦଳକୁ ନେଇ ହେବାକୁ ଥିବା ଏହି ଲିଗ୍‌ରେ ଟ୍ରଫି ସହ ଚାମ୍ପିୟନ ଦଳକୁ ଆର୍ଥିକ ପୁରସ୍କାର ରାଶି ୫୦ ଲକ୍ଷ ଓ ରନରଅପ ଦଳକୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ୧୦ ହଜାର, ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ୧ ଲକ୍ଷ, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଓସିଏ ସମ୍ପାଦକ ସଞ୍ଜୟ ବେହେରା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ଦେଇ କହିଲେ, ବଲିଉଡ କଳାକାର ଚିତ୍ରାଙ୍ଗଦା ସିଂ, ନକ୍ସ ଅଜିଜ, ଋତୁରାଜ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିବେ। ଏଥିରେ ସମ୍ବଲପୁରୀ, ମାଲଖମ୍ବ ନୃତ୍ୟ ପରିବେଷଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଗକୁ ଉଦ୍‌ଘାଟନ କରିବେ। ସେହିପରି ବ୍ରେଟ୍ ଲି ଓ ଅନ୍ତର୍ଜାତୀୟ ଓଡ଼ିଆ କ୍ରିକେଟର ଦେବାଶିଷ ମହାନ୍ତି ବ୍ରାଣ୍ଡଆମ୍ବାସଡର ରହିବେ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ମାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ବ୍ରେଟ୍ ଲି ବାଦ୍ ପଡ଼ିଥିବାରୁ ତାଙ୍କ ସ୍ଥାନରେ ଇର୍ଫାନ ପଠାନ୍‌ଙ୍କୁ ବ୍ରାଣ୍ଡଆମ୍ବାସାଡ଼ର ରଖାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ସଞ୍ଜୟ ରାଉଳ ମ୍ୟାଚ୍ ରେଫରୀ ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ଗ୍ୟାଲେରୀ ନଂ-୧, ୩, ୫ ଏବଂ ୬ ଦର୍ଶକମାନଙ୍କ ପାଇଁ ଖୋଲା ରହିବ। ବିନା ମୂଲ୍ୟରେ ଟିକଟ ଜେନି ମୋବାଇଲ ଆପ୍ଲିକେସନରେ ଦର୍ଶକ ଟିକଟ ବୁକିଂ କରିପାରିବେ। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ଆରିଭା ସ୍ପୋର୍ଟସର ହେଡ୍ ଅଫ ଅପରେସନ୍ ସଲମାନ ଖାନ୍ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଓଡ଼ିଶା ଓପନ ପିକଲ୍‌ବଲ ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୯ (ତପନ ସ୍ୱାଇଁ)


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଓଡ଼ିଶା ଓପନ ପିକଲ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ହାଇୱେ ହୋଣ୍ଡା ପରିସରରେ ଉଦ୍‌ଯାପିତ ହୋଇଛି। ପିକଲ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ସର୍ବଭାରତୀୟ ପିକଲ୍‌ବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳକରୁ ଆରମ୍ଭ କରି ୬୦+ ଭେଟେରାନ ପୁରୁଷ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ପୁରୁଷ ବର୍ଗରେ ଯଶରାଜ ନାୟକ ସ୍ୱର୍ଣ୍ଣ, ଅଂଶୁମାନ ବାବୁ ରୌପ୍ୟ ଓ ସୁମିତ ପଣ୍ଡା ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୩୫+ ପୁରୁଷ ସିଙ୍ଗଲ୍‌ସରେ ରାଜେଶ ପ୍ରଧାନ, ସୁନୀଲ ସାହୁ ଓ ମନମୀତ ମହାନ୍ତି, ପୁରୁଷ ଓପନ ଡବଲ୍‌ସରେ ରାଜେଶ ପ୍ରଧାନ-ରୋଶନ ମିଶ୍ର, ସୁମିତ ପଣ୍ଡା-ଅଂଶୁମାନ ବାବୁ ଓ ଯଶରାଜ ନାୟକ-ୟୁରେକା ଅପ୍‌ତା, ୩୫+ ପୁରୁଷ ଡବଲ୍‌ସରେ ରାଜେଶ ପ୍ରଧାନ-ଲଗ୍ନଜିତ ପଟ୍ଟନାୟକ, ମନମୀତ ମହାନ୍ତି-ସୁନୀଲ ସାହୁ ଓ ସନ୍ତୋଷ ଜେନା-ଅଜୟ ନିଶଙ୍କ, ୫୦+ ପୁରୁଷ ଡବଲ୍‌ସରେ ସନ୍ତୋଷ ଜେନା-ଶିବ ଜେନା, ପ୍ରଦୀପ ସିଂ-ଉଦୀପ ଦାସ ଓ ସଂଗ୍ରାମ ବେହେରା-ଗୋଲକ ରାଉତ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୬୦+ ପୁରୁଷ ଡବଲ୍‌ସରେ ପ୍ରଦୀପ ସିଂ-ଉଦୀପ ଦାସ, ଏମ.ଏନ. ବିଶ୍ୱାଳ-ଆର.କେ. ଦାସ ଓ ବିଜୟ ମିଶ୍ର-ଅରୁଣ ଦାସ ଯୋଡ଼ି ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି।

ମହିଳା ଓପନ ସିଙ୍ଗଲ୍‌ସରେ ପ୍ରସିଦ୍ଧି ପୋଦ୍ଦାର ସ୍ୱର୍ଣ୍ଣ, ଆରାଧ୍ୟା ବର୍ମା ରୌପ୍ୟ ଓ ସାକ୍ଷୀ ଅଗ୍ରୱାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡବଲ୍‌ସରେ ପ୍ରସିଦ୍ଧି ପୋଦ୍ଦାର-ସ୍ନେହା ଗର୍ଗ, ଅନୁଷ୍କା ଆଲିସେ-ଶୁଭଶ୍ରୀ ଓ ଅନିଶା-ଜୋହାନା ଏବଂ ମିକ୍ସଡ ଡବଲ୍‌ସରେ ଏକଲବ୍ୟ ମହାପାତ୍ର-ପ୍ରସିଦ୍ଧି ପୋଦ୍ଦାର, ଅନିଶା ପାଣିଗ୍ରାହୀ-ରୋଶନ ମିଶ୍ର ଓ ଅନମୋଲ ଦାସ-ସାକ୍ଷୀ ଅଗ୍ରୱାଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ବିଗ୍‌ନର୍ସ ସିଙ୍ଗଲ୍ସ ବର୍ଗରେ ଆଦିତ୍ୟ ଶତପଥୀ ସ୍ୱର୍ଣ୍ଣ, ସୁମିତ ପଟେଲ ରୌପ୍ୟ ଓ ଆଶୁତୋଷ ପାଢ଼ୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଗ୍ରୁପ୍-ଜି ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ, ପୂର୍ବତନ ଓଡ଼ିଶା ରଣଜୀ କ୍ରିକେଟର ସୌମିତ୍ର ଚୌଧାରୀ, ପିକଲବଲ ଆସୋସିଏଶନ ଅଫ୍ ଓଡ଼ିଶା ଉପସଭାପତି ବିଜୟ କେତନ ମିଶ୍ର, ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏକଲବ୍ୟ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ୧୪ଥର ବିଶ୍ୱ ରେକର୍ଡ ଭାଙ୍ଗିଲେ ଡୁପ୍ଲାଣ୍ଟିସ




ଟୋକିଓ, ୧୫।୯ (ଏପି)

ଆର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ ପୋଲ୍‌ଭଲ୍ଟରେ ୧୪ତମ ଥର ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ସୋମବାର ରାତିରେ ସେ ତୃତୀୟ ଥର ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇ ୬.୩୦ ମିଟର କ୍ଲିଅର କରିଛନ୍ତି। ସୁଇଡେନରେ ଜନ୍ମ ଗ୍ରହଣ କରିଥିବା ଡୁପ୍ଲାଣ୍ଟିସ ଲୋଇସିଆନାରେ ଲାଳିତପାଳିତ ହୋଇଛନ୍ତି। ଏହା ହେଉଛି ତାଙ୍କର କ୍ରମାଗତ ୪୯ତମ ମିଟ୍ ବିଜୟ ଏବଂ ଅଲିମ୍ପିକ୍ସ ସମେତ କ୍ରମାଗତ ୬ଷ୍ଠ ପ୍ରମୁଖ ଟାଇଟଲ। ତାଙ୍କର ଆଉ ଏକ ରେକର୍ଡ ଦେଖିବା ଲାଗି ଦର୍ଶକମାନଙ୍କୁ ଅତିରିକ୍ତ ଅଧଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ସେ ତାଙ୍କ ତୃତୀୟ ତଥା ଫାଇନାଲ ପ୍ରଚେଷ୍ଟାରେ ଉଚ୍ଚତାକୁ ଡେଇଁ ଥିଲେ। ଗ୍ରୀକ୍ ପୋଲ୍‌ଭଲ୍ଟର ଏମାନୋଲ୍ କାରାଲିସ୍ ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଥିଲେ। ପୁରସ୍କାର ବାବଦରେ ଡୁପ୍ଲାଣ୍ଟିସ ୭୦,୦୦୦ ଡଲାର ଏବଂ ରେକର୍ଡ ପ୍ରତିଷ୍ଠା ପାଇଁ ବୋନସ ବାବଦରେ ଅତିରିକ୍ତ ୧୦୦,୦୦୦ ଡଲାର ପକେଟସ୍ଥ କରିଛନ୍ତି।

# ପୁରୁଷ ବିଭାଗରେ ଝାଡ଼ଖଣ୍ଡ ଚାମ୍ପିୟନ, ଓଡ଼ିଶା ରନରଅପ

ପୁରୀ ୧୫।୯
(ଅଜିତ୍ କୁମାର ମହାନ୍ତି)

**ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ**

ଟେନିସ ବଲ୍ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛ। ବର୍ଷା କାରଣରୁ ବିଳମ୍ବିତ ରାତିରେ ପୁରୁଷ ବର୍ଗ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ଚାମ୍ପିୟନ ଏବଂ ଓଡ଼ିଶା ଦଳ ରନରଅପ୍ ହୋଇଥିଲା। ଲକ୍ଷ୍ନୌ ଏବଂ ଗୋଆ ପରେ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇ



ରନରଅପ୍ ଓଡ଼ିଶା ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ। (ଫଟୋ: ଜଜ୍ଞେଶ୍ୱର ମହାନ୍ତି)

ସର୍ବଭାରତୀୟ ସ୍ତରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ରନରଅପ୍ ହୋଇ ଭଲ ସ୍ମୃତି ସାଉଁଟିଛି। ପୁରୁଷ ବର୍ଗର ପ୍ରଥମ ସେମିଫାଇନ ଏଆଇଆଇବି ଏବଂ ଝାଡଖଣ୍ଡ ମଧ୍ୟରେ ହୋଇଥିଲା। ଏଥିରେ ଝାଡଖଣ୍ଡ ୭ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏହି ଅବସରରେ ବର୍ଷାଯୋଗୁ ସମସ୍ୟା ଉପୁଜିବାରୁ ଓଡ଼ିଶା ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ବର୍ଷା କାରଣରୁ ଓଡ଼ିଶା-ଝାଡ଼ଖଣ୍ଡ ଫାଇନାଲ ରବିବାର ଭୋର ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୭୬ ରନ କରିଥିଲା। ୭୭ ରନର ବିଜୟ ଲକ୍ଷ୍ୟକୁ ଝାଡଖଣ୍ଡ ୬.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଝାଡ଼ଖଣ୍ଡର ଛୋଟୁ ଖାଁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବାବେଳେ ଓଡ଼ିଶାର ବିଶାଲ ଜେନା ପ୍ଲେୟର ଅଫ୍ ଦି ସିରିଜ, କିରଣ ସାହା ଶ୍ରେଷ୍ଠ ବ୍ୟାଟର, ମୁକ୍ତିକାନ୍ତ ପାତ୍ର ଶ୍ରେଷ୍ଠ ବୋଲର, ନିରଞ୍ଜନ ପ୍ରଧାନ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଟିବିସିଏଆଇର ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, ଗଭର୍ଣ୍ଣିଂ ବଡି ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସଂପାଦକ ସନ୍ତୋଷ କୁମାର ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ସହ ପଦକ ପ୍ରଦାନ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଖୁଚୁରା ପରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି

ଭୁବନେଶ୍ୱର,୧୫।୯

ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ତଥ୍ୟ ଅନୁସାରେ ଅଗଷ୍ଟ ମାସରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜୁଲାଇର ୦.୫୮ ପ୍ରତିଶତରୁ ବୃଦ୍ଧି ପାଇ ୦.୫୨ ପ୍ରତିଶତକୁ ପହଞ୍ଚିଛି। ଖାଦ୍ୟ ଓ ପାନୀୟ, ଉତ୍ପାଦିତ ଦ୍ରବ୍ୟ, ଅଣ ଖାଦ୍ୟ ପଦାର୍ଥ, ଅଣ ଧାତବ ଖଣିଜ ଉତ୍ପାଦ ଏବଂ ପରିବହନ ଉପକରଣର ମୂଲ୍ୟ ବୃଦ୍ଧି ହେତୁ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଏହି ଜିନିଷର ମୂଲ୍ୟ ବୃଦ୍ଧି ହେତୁ ପ୍ରାଥମିକ ଦ୍ରବ୍ୟର ସୂଚକାଙ୍କରେ ୧.୬୦ ପ୍ରତିଶତର ବୃଦ୍ଧି ଦେଖାଦେଇଛି। ୨୦୨୫ ଜୁଲାଇରେ ଏହା ୧୮୮.୦ ଥିବାବେଳେ ଅଗଷ୍ଟରେ ୧୯୧.୦କୁ ବୃଦ୍ଧି ପାଇଛି। ଅଣ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ୨.୯୨ ପ୍ରତିଶତ, ଖଣିଜ ପଦାର୍ଥର ମୂଲ୍ୟ ୨.୬୬ ପ୍ରତିଶତ ଏବଂ ଖାଦ୍ୟ ପଦାର୍ଥର ମୂଲ୍ୟ ୧.୪୫ ପ୍ରତିଶତ ବୃଦ୍ଧି ପାଇଛି। ଉତ୍ପାଦିତ ଦ୍ରବ୍ୟ ଡବ୍ଲ୍ୟୁପିଆଇ ବାସ୍କେଟ୍‌ର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାବେଳେ ଏହାର ମୂଲ୍ୟ ଜୁଲାଇ ତୁଳନାରେ ଅଗଷ୍ଟରେ ୦.୨୧ ପ୍ରତିଶତ ବୃଦ୍ଧି ପାଇଛି। କାରଖାନାରେ ଉତ୍ପାଦିତ ଦ୍ରବ୍ୟର ଦର ବୃଦ୍ଧି ପାଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହା ସହ ଖାଦ୍ୟ ଉତ୍ପାଦ, ବସ୍ତ୍ର, ବିଦ୍ୟୁତ୍ ଉପକରଣ, ଅନ୍ୟାନ୍ୟ ପରିବହନ ଉପକରଣ ଏବଂ ଯନ୍ତ୍ରପାତିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଇନ୍ଧନ ଓ ବିଦ୍ୟୁତ୍ ମୁଦ୍ରାସ୍ଫୀତି ୦.୬୯ ପ୍ରତିଶତ ହ୍ରାସ ପାଇ ଅଗଷ୍ଟରେ ୧୪୩.୬କୁ ହ୍ରାସ ପାଇଛି। ଗତ ମାସରେ ଏହା ୧୪୪.୬ ଥିଲା। ବିଦ୍ୟୁତ୍‌ର ମୂଲ୍ୟ ୨.୯୧ ପ୍ରତିଶତ ଏବଂ ଖଣିଜ ତୈଳର ମୂଲ୍ୟ ୦.୦୭ ପ୍ରତିଶତ ହ୍ରାସ ପାଇଛି। ଜୁଲାଇ ତୁଳନାରେ କୋଇଲାର ମୂଲ୍ୟ ସ୍ଥିର ରହିଛି। ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ମୁଦ୍ରାସ୍ଫୀତି ହାର ଅଗଷ୍ଟରେ ୦.୪୩ ପ୍ରତିଶତ ରହିଛି। ଏହା ବ୍ୟତୀତ କମ୍ପ୍ୟୁଟର, ଇଲେକ୍ଟ୍ରୋନିକ୍ସ ଓ ଅପ୍ଟିକାଲ ଉତ୍ପାଦ, ପୋଷାକ, କାଠ ଉତ୍ପାଦ ଏବଂ ଆସବାବପତ୍ରର ମୂଲ୍ୟ ହ୍ରାସ ପାଇଛି। ନିକଟରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୧.୫୫ ପ୍ରତିଶତରୁ ବୃଦ୍ଧି ପାଇ ୨.୦୭ ପ୍ରତିଶତରେ ପହଞ୍ଚିଛି। ଏବେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଅର୍ଥାତ୍ ଉଭୟ ଖୁଚୁରା ଓ ପାଇକାରୀ ବଜାରରେ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଏହା ସୂଚାଇ ଦେଉଛି, କିଛି ନିର୍ଦ୍ଦିଷ୍ଟ ସେଗ୍‌ମେଣ୍ଟରେ ଦରଦାମ କମିଥିଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଅନ୍ୟାନ୍ୟ ସାମଗ୍ରୀ ମହଙ୍ଗା ହୋଇଛି।

# ଜିଏସ୍‌ଟି ହ୍ରାସ ଲାଭ ପାଇବେ ଏଚ୍‌ଏମ୍‌ଏସ୍‌ଆଇ ଗ୍ରାହକ

ଭୁବନେଶ୍ୱର,୧୫।୯

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଜିଏସ୍‌ଟି ହାର ହ୍ରାସର ପୂର୍ଣ୍ଣ ଲାଭ ଗ୍ରାହକମାନଙ୍କୁ ସମସ୍ତ ଉତ୍ପାଦ ଶ୍ରେଣୀରେ ପ୍ରଦାନ କରାଯିବ। ଏନେଇ କମ୍ପାନୀ ବିଚାର କରୁଥିବାବେଳେ ସ୍କୁଟର ଏବଂ ୩୫୦ ସିସି ପର୍ଯ୍ୟନ୍ତ ମୋଟରସାଇକେଲ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଜିଏସ୍‌ଟି ପରିଷଦର ଦୁଇ ଚକିଆ ଯାନରେ ଜିଏସ୍‌ଟି ହାର ୨୮%ରୁ ୧୮%କୁ ହ୍ରାସ କରିବା ନିଷ୍ପତ୍ତି ପରେ ଏଚ୍‌ଏମ୍‌ଏସ୍‌ଆଇ ଗ୍ରାହକମାନେ ଏବେ ମଡେଲ ଅନୁଯାୟୀ ଏକ୍ସ-ଶୋ'ରୁମ ମୂଲ୍ୟରେ ୧୮,୮୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ପାଇବେ। ଦୁଇ ଚକିଆ ଯାନ ଏବଂ ଖୁଚୁରା ଯନ୍ତ୍ରାଂଶରେ ଜିଏସ୍‌ଟି ହ୍ରାସ ଯାନଗୁଡ଼ିକୁ ଅଧିକ ସୁଲଭ କରିବ ଏବଂ ସମଗ୍ର ଇକୋସିଷ୍ଟମକୁ ମଜଭୁତ କରିବ ବୋଲି ଆଶା କରାଯାଉଛି। ପାର୍ବଣଋତୁରେ ସହରୀ ଓ ଗ୍ରାମାଞ୍ଚଳ ବଜାରରେ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବ । ହୋଣ୍ଡା ପକ୍ଷରୁ ମିଳିଥିବା ସୂଚନାନୁସାରେ, ପ୍ରିମିୟମ ମୋଟରସାଇକେଲ ଉପରେ ନୂଆ ୪୦% ଜିଏସ୍‌ଟି ସ୍ଲାବର ପ୍ରଭାବକୁ ମୂଲ୍ୟାଙ୍କନ କରାଯାଉଛି। ହୋଣ୍ଡାର ପ୍ରତ୍ୟେକ ମଡେଲରେ ମୂଲ୍ୟ ହ୍ରାସର ଠିକ ବିବରଣୀ ପାଇଁ ଗ୍ରାହକମାନେ ନିକଟସ୍ଥ ଅଧିକୃତ ହୋଣ୍ଡା ଡିଲରଶିପକୁ ଯାଇ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

## ବନ୍‌ତାରାର ପଶୁ କଲ୍ୟାଣ ମିଶନକୁ ସୁପ୍ରିମ କୋର୍ଟଙ୍କ କ୍ଲିନ୍‌ଚିଟ୍

ଭୁବନେଶ୍ୱର,୧୫।୯

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି)ର ନିଷ୍କର୍ଷକୁ ବନ୍‌ତାରା ପକ୍ଷରୁ ସ୍ୱାଗତ କରାଯାଇଛି। ବନ୍‌ତାରା ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ଏସ୍‌ଆଇଟିର ରିପୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସ୍ପଷ୍ଟ କରିଛି ଯେ ବନ୍‌ତାରାର ପ୍ରାଣୀ କଲ୍ୟାଣ ମିଶନ ବିରୋଧରେ ଉଠାଯାଇଥିବା ସନ୍ଦେହ ଏବଂ ଅଭିଯୋଗ କୌଣସି ଭିତ୍ତିହୀନ ଥିଲା। ଏସ୍‌ଆଇଟିର ସଦସ୍ୟଙ୍କ ଦ୍ୱାରା ସତ୍ୟର ପ୍ରମାଣୀକରଣ ବନ୍‌ତାରାର ସମସ୍ତଙ୍କ ପାଇଁ କେବଳ ଆଶ୍ୱସ୍ତିକର ନୁହେଁ ବରଂ ଏକ ଆଶୀର୍ବାଦ ମଧ୍ୟ। କାରଣ ଏହା ଆମର କାର୍ଯ୍ୟକୁ ନିଜ ପକ୍ଷରେ କହିବାକୁ ଅନୁମତି ଦିଏ।

# ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ 'ଷ୍ଟାର ଏମ୍ପ୍ଲୟର' ପୁରସ୍କାର

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)



ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ରୋଜଗାର ସୃଷ୍ଟିରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଷ୍ଟାର ଏମ୍ପ୍ଲୟର' ଭାବେ ରାଜ୍ୟ ଶ୍ରେଷ୍ଠ ନିଯୁକ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପରମ୍ପରାଗତ ଶିଳ୍ପ ବର୍ଗରେ ଦିଆଯାଇଛି। ସୋମବାର ଭୁବନେଶ୍ୱରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା, ଓଡ଼ିଶାର କର୍ପୋରେଟ ମୁଖ୍ୟ ଅର୍ଦ୍ଧେନ୍ଦୁ ମହାପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଶିଳ୍ପ) ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪ ଜୁନ୍‌ରୁ ୨୦୨୫ ସେପ୍ଟେମ୍ବର ମଧ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବିଭିନ୍ନ ଇଣ୍ଡଷ୍ଟ୍ରି ଦ୍ୱାରା ଓଡ଼ିଶାର ମୋଟ ୧୨,୪୧୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୯,୪୮୦ରୁ ଅଧିକ କର୍ମଚାରୀ ଓ ବାସିନ୍ଦା, ଯାହା ମୋଟ ନିଯୁକ୍ତିର ୭୬ ପ୍ରତିଶତରୁ ଅଧିକ। ଏହି ସମ୍ମାନ ସମାରୋହରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଓ ବିଭିନ୍ନ ଶିଳ୍ପ ଏକକରୁ ନୂତନ ଭାବେ ନିଯୁକ୍ତ ୩୫ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ବିଓଆଇ ଅଫିସର୍ସ ଆସୋସିଏଶନର ବାର୍ଷିକ ବୈଠକ

ଭୁବନେଶ୍ୱର,୧୫।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ୪୪ତମ ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ରେଲ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ଓଡ଼ିଶା ୟୁନିଟ୍‌ର ସଭାପତି ସ୍ମୃତିରଞ୍ଜନ ସାହୁ ଏବଂ ୟୁନିଟ୍‌ର ସାଧାରଣ ସମ୍ପାଦକ କମଲଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଫେଡେରେଶନ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ନିଲେଶ ପାୱାର, ସଭାପତି ଜି. ନାଗେଶ୍ୱର, କାର୍ଯ୍ୟରତ ସଭାପତି ଶ୍ୱେତାଙ୍ଗ ତ୍ରିବେଦୀ, ଚେୟାରମ୍ୟାନ୍ ସଞ୍ଜୟ ଦାସ, ଗଣେଶ ପାଣ୍ଡେ ଏବଂ ପ୍ରକାଶ ଓରାଓଁ ଯୋଗଦେଇ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ଅସୁବିଧା ଓ ସୁଯୋଗ ସମ୍ପର୍କରେ ନିଜର ମୂଲ୍ୟବାନ୍ ମତ ପ୍ରକାଶ କରିଥିଲେ। ଏଥିରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଳିକ, ସମ୍ବଲପୁର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଫେଡେରେଶନର ଲିଡରମାନେ ବର୍ଦ୍ଧିତ ଚାପ ଓ ଲକ୍ଷ୍ୟ ମଧ୍ୟରେ ଅଧିକାରୀମାନଙ୍କ ପାଇଁ ଉତ୍ତମ କାର୍ଯ୍ୟଜୀବନ ସନ୍ତୁଳନ ବଜାୟ ରଖିବା, ଉପଯୁକ୍ତ ନୀତି ଓ ବ୍ୟବସ୍ଥା ମଧ୍ୟରେ ଏକ ଚାପମୁକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଏବଂ ଆଧୁନିକ ଭିତ୍ତିଭୂମି ସହାୟତାରେ ଦକ୍ଷ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ସକ୍ଷମ କରାଇବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବାର୍ଷିକ ସାଧାରଣ ବୈଠକର ବିଜ୍‌ନେସ୍ ସେସନ ସଦସ୍ୟମାନଙ୍କୁ ସାଙ୍ଗଠନିକ ବିଷୟ, ନୀତିଗତ ପ୍ରସଙ୍ଗ ଏବଂ ଭବିଷ୍ୟତ ପାଇଁ ସାମୂହିକ ରଣନୀତି ଉପରେ ବିଚାରବିମର୍ଷ କରାଯାଇଥିଲା।

# Classified Everyday

0674-2580101, 9692975378



## REAL ESTATE SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941



Healthcare

The massage felt totally professional! & comfortable at all times- 7978109255. D-76492

## AFFIDAVIT

Bhimasen Malik, S/o- Late Magu Malik, Village- Mulubasanta, P.S.- Mahanga, Dist.- Cuttack, Odisha-754204, states by affidavit No.- 7137, dt 07.08.25 before Executive Magistrate, Cuttack that I have changed my name Bhimasen Malik to Bhimasen Jena. Bhimasen Jena and Bhimasen Malik and Bhima Malik is one and same person. D-1992

Ramesh Chandra Jena, S/o- Magu Jena, Village- Mulubasanta, P.S.- Mahanga, Dist.- Cuttack- 754204, Odisha states by affidavit No.- 7138, 07.08.25 that I have changed my name Ramesh Malik to Ramesh Chandra Jena. Ramesh Chandra Jena and Ramesh Malik is one and same person. D-1993

By virtue of an affidavit sworn before the Executive Magistrate, Dharamgarh, No.- 02, date 15.09.25, I, Sraban Kumar, S/o- Agasti Kumar, R/o. Village/P.O.- Badfurla, P.S.- Dharamgarh, Dist.- Kalahandi, Odisha, PIN- 766015 declare that I have changed my name from Sadranjan Kumar, DOB- 27.2.2007 to Sraban Kumar, DOB- 17.11.2006. Henceforth, I shall be known as Sraban Kumar, DOB- 17.11.2006 for all purposes.
Sraban Kumar D-1986

I, Nidhiram Jena, At- Goutam Nagar, P.O./ Dist.- Koraput have changed my minor daughter's name from U.N. Sweekruti (as per Aadhaar Card) to U.N. Sweekruti Jena (as per Birth Certificate) for all future purposes vide affidavit No.- 631/25 in the Court of Executive Magistrate, Koraput, Odisha. D-1989

By virtue of an affidavit sworn before the Executive Magistrate, Reamal, dated 15.07.2025, I, Gopabandhu Mahalik, S/o- Pabani Mahalik, Address: Village/P.O.- Kansamunda, P.S.- Kaniha, Dist.- Angul, PIN- 759117 declare that I have changed my name from Gopabandhu Behera to Gopabandhu Mahalik. Henceforth, I shall be known as Gopabandhu Mahalik for all future purposes. D-1988

By Virtue of an affidavit sworn before Executive Magistrate, Bhubaneswar on 11.09.2025, the name of my minor son (15 years) has been changed from Arav Aryaman Rout to Aarav Aryaman Rout. Henceforth, He will be known as Aarav Aryaman Rout for all purposes.
Dr. Amiya Kumar Rout( Father) D-1994

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୩ ଶ୍ରୀ ପ୍ରବୀର କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୩୯୦/୨୦୧୯
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନରୋତ୍ତମ ସାହୁ ....ବାଦୀ/ଦରଖାସ୍ତକାରୀ

ବନାମ

ସହକାରୀ ବନ୍ଦୋବସ୍ତ ଅଧିକାରୀ ଏବଂ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧. ପ୍ରେମାନନ୍ଦ ବେହେରା, ପିତା- ସ୍ୱର୍ଗତ ଚରନ ବେହେରା, ଗ୍ରାମ- ଦେଉଳବସ୍ତି, ପୋଷ୍ଟ-ଅରଗୁଳ, ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨. ଶାନ୍ତିଲତା ଦେଈ, ପିତା- ସ୍ୱର୍ଗତ ଚରନ ବେହେରା, ସ୍ୱାମୀ- ବୃନ୍ଦାବନ ମହଣ, ଗ୍ରାମ- ଉପରବସ୍ତା, ପୋଷ୍ଟ- ଭୀମପୁର, ଥାନା- ଟାଙ୍ଗୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୩. ରବୀନ୍ଦ୍ର କୁମାର ସାହୁ, ପିତା ନରସିଂଘ ସାହୁ @ ପୃଷ୍ଟି, ଗ୍ରାମ- ବାଲିପାଟପୁର, ପୋଷ୍ଟ- ଭୁଷଣ୍ଡପୁର, ଥାନା- ଟାଙ୍ଗୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୪. କନକଲୋଚନ ଘୋଷ, ପିତା- ରାଖାଲ ଚନ୍ଦ୍ର ଘୋଷ, ଗ୍ରାମ- ଗୋନ୍ଦାଲି, ପୋଷ୍ଟ-ମାରୁନିଆ, ଥାନା- ଝାଡ଼ପୋଖରିଆ, ଜିଲ୍ଲା- ମୟୂରଭଞ୍ଜ ବର୍ତ୍ତମାନ, Qr. No.- MB/276, ମଧୁବନ, ପୋଷ୍ଟ/ଥାନା- ପାରାଦୀପ, ଜିଲ୍ଲା-ଜଗତ୍‌ସିଂହପୁର, ୫. ବଂଶୀଧର ସାହୁ (ମୃତ), କ. ଚକ୍ରଧର ସାହୁ, ପିତା- ସ୍ୱର୍ଗତ ବଂଶୀଧର ସାହୁ, ଗ୍ରାମ- ଦେଉଳବସ୍ତି, ପୋଷ୍ଟ- ଅରଗୁଳ, ଥାନା- ଜଟଣୀ, ଭୁବନେଶର, ଜିଲ୍ଲା- ଖୋର୍ଦ୍ଧା, ୬. A.S.O., ମୁଖ୍ୟ ବସତି, ଜୋବ୍ରା, କଟକ, ୭. ତହସିଲଦାର, ଗ୍ରାମ/ପୋଷ୍ଟ/ଥାନା- ଜଟଣୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୪।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଜଟଣି, ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର

ସାବକ

ଖାତା ନମ୍ବର ୨୦୩, ପ୍ଲଟ୍ ନମ୍ବର ୩୧୭, କିସମ- ଶାରଦ-୨, ରକବା- ମୋଟ୍ ଏ ୦.୧୩୦ ଡେସିମିଲ ଏବଂ ଏ ୦.୩୧୦ ଡେସିମିଲରୁ ଏ୦.୦୭୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୭୮, ପ୍ଲଟ୍ ନମ୍ବର- ୪୧୭, କିସମ- ଶାରଦ ଅଣଜଳସେଚିତ- ୨, ରକବା- ଏ ୦.୩୧୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୨୨।୦୮।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୯୮୪

## ମନେ ପଡ଼ନ୍ତି

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର
ଧ-୧୯୯୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମହିମୋହନ ପ୍ରଧାନ
ଆବିର୍ଭାବ: ୦୫।୧୨।୧୯୫୮
ତିରୋଧାନ: ୦୬।୦୯।୨୦୨୫
ପିତା ଶବ୍ଦ ଏକ ଅର୍ଥ ଅନେକ
ତ୍ୟାଗ, ସଂଘର୍ଷ, ମାର୍ଗଦର୍ଶକ, ନିଃସର୍ତ୍ତ ପ୍ରେମ
ତୁମେ ଦେଇଛ ଆମକୁ ସବୁ
ତୁମ ଅନୁପସ୍ଥିତି କେମିତି ଆମେ ମାନିବୁ
ହାତ ଧରି ଶିଖେଇ ଆମକୁ ଚାଲି
ମିଶିଗଲ ତୁମେ ଆଜି ସେ ଶରଧେ ବାଲି
ଅଳି ଅଝଟ ସବୁ ଜେ ମାନିଲ
ପିତା ଜାଗା ଆମର ଖାଲି କରିଗଲ ।
ତୁମ୍ଭର ଏକାଦଶାହରେ ପ୍ରାର୍ଥନା ମହାପ୍ରଭୁଙ୍କ
ପାଖେ ଶାନ୍ତି, ସୁଖ ପାଅ ତୁମେ ଲକ୍ଷେ ଲକ୍ଷେ
ଶୋକସନ୍ତପ୍ତ: ସ୍ତ୍ରୀ: ସୁନନ୍ଦା, ପୁଅ, ବୋହୂ, ଭାଇ, ଭାଇବୋହୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ
ଧ-୧୯୯୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ପ୍ରଫୁଲ୍ଲ ଚନ୍ଦ୍ର ଦାସ
ରାଧା ଗୋବିନ୍ଦ ଲେନ୍, ପୁରୀ
ବାପା, ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଆପଣଙ୍କ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବବର୍ଗ
ଧ-୧୯୮୭


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# ଜୁଏଲେରିର ଚମକ ହେବନି ଖରାପ

**ଯେତେ ମୂଲ୍ୟବାନ୍ ଧାତୁରେ ତିଆରି ହୋଇଥାଉ ନା କାହିଁକି କିଛିଦିନ ବ୍ୟବହାର କଲାପରେ କେତେକ ଜୁଏଲେରିର ଚମକ କିଛିମାତ୍ରାରେ କମିଯାଇଥାଏ। ହେଲେ କେତୋଟି ଉପାୟ ଆପଣେଇଲେ ଆପଣଙ୍କ ଜୁଏଲେରିର ଚମକ ସବୁବେଳେ ନୂଆ ପରି ରହିବ । ଜାଣିରଖନ୍ତୁ ସେ ସମ୍ପର୍କରେ ...**

ପିନ୍ଧି ସାରି ରଖିବା ଲାଗି ଭେଲ୍‌ଭେଟ୍, ଲିନେନ୍ ଭଳି ନରମ କପଡ଼ା ଥିବା ବକ୍ସ ଭିତରେ ରଖନ୍ତୁ। ସବୁ ଗହଣାକୁ ଏକାଠି ବକ୍ସ ଭିତରେ ନ ରଖି ଅଲଗା ଅଲଗା ରଖନ୍ତୁ, ଯେପରି ତାହା ପରସ୍ପର ସହ ଘଷି ନ ହେବ। ଏପରି କରିବା ଦ୍ୱାରା ଅଳଙ୍କାରର ସାଇନ୍ ପୂର୍ବପରି ରହିବ।

❖ଯଦି ମୋତି ବା ପର୍ଲ ଜୁଏଲେରି ବ୍ୟବହାର କରୁଛନ୍ତି ତେବେ ଏହାକୁ ପିନ୍ଧି ସାରି ରଖିବା ପୂର୍ବରୁ ଏକ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ



❖ସୁନା ଅଳଙ୍କାରକୁ ସଫା କରିବା ଲାଗି ବେକିଂ ସୋଡ଼ା ଏବଂ ହ୍ୱାଇଟ୍ ଭିନେଗାର ସବୁଠୁ ଭଲ। ଏଥିପାଇଁ ପ୍ରଥମେ ବେକିଂ ସୋଡ଼ା ନେଇ ଅଳଙ୍କାର ଉପରେ ଧୀରେ ଧୀରେ ଆଙ୍ଗୁଠି ସାହାଯ୍ୟରେ ଘଷିଦିଅନ୍ତୁ। ଏହା ଉପରେ ଅଳ୍ପ ଭିନେଗାର ପକାଇ ଉଷୁମପାଣିରେ ଧୋଇ ଦିଅନ୍ତୁ, ଦେଖିବେ ଜୁଏଲେରି କିପରି ଚକ୍ ଚକ୍ ଦିଶିବ।

❖ସୁନା, ରୁପା ହେଉ କିମ୍ବା ଅନ୍ୟ ଯେକୌଣସି ମୂଲ୍ୟବାନ୍ ଗହଣା ବ୍ୟବହାର କରୁଥିଲେ ଏହାକୁ ପ୍ରତିଥର ଯେପରି ସେଥିରେ ଲାଗିଥିବା ଝାଳ ଭଲ ଭାବେ ଛାଡ଼ିଯିବ। ଏହାକୁ ମଧ୍ୟ ଅନ୍ୟ ଗହଣା ସହ ନ ମିଶାଇ ଅଲଗା ରଖନ୍ତୁ।

❖ଚାନ୍ଦିର ଗହଣା କିଛିଦିନ ପିନ୍ଧିବା ପରେ କଳା ଏବଂ ସାମାନ୍ୟ ପୁରୁଣା ଲାଗିଥାଏ। ଏହାକୁ କୌଣସି ମାଇଲ ଲିକ୍ୱିଡ୍‌ଶୋପ୍‌ରେ ନରମ ବ୍ରଶ୍ ସାହାଯ୍ୟରେ ଧୀରେ ଧୀରେ ଘଷି ପାଣିରେ ଧୋଇ ନରମ କପଡ଼ାରେ ପୋଛିଦିଅନ୍ତୁ। ଏପରି କଲେ ଦେଖିବେ ତାହା ପୁନର୍ବାର ନୂଆ ପରି ଚକ୍‌ଚକ୍ କରିବ।

# କାଶର ଘରୋଇ ଉପଚାର

**କେବେ ଜୋର୍ ବର୍ଷା ତ କେବେ ଗରମ ଆଉ ଗୁଳୁଗୁଳି ପାଣିପାଗର ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ଅଧିକାଂଶଙ୍କଠାରେ ବିଶେଷକରି ପିଲାମାନଙ୍କୁ ଥଣ୍ଡାହେବା ସହ ପ୍ରବଳ କାଶ ହେଉଛି। ହେଲେ ବାରମ୍ବାର ଏଥିପାଇଁ ଔଷଧ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ। ତେଣୁ ମହିଳାମାନେ କେତେକ ଘରୋଇ ଉପଚାର ଦ୍ୱାରା ନିଜର ତଥା ପରିବାରର ସଦସ୍ୟଙ୍କ କାଶ ସମସ୍ୟାର ଉପଚାର କରିପାରିବେ...**



**ତୁଳସୀପତ୍ର, ଅଦା ଓ ମହୁ:** ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। କାଶ ବିଶେଷକରି ଶୁଖିଲା କାଶ ବା ଡ୍ରାଏ କଫ୍ କମାଇବା ଲାଗି ତୁଳସୀପତ୍ର ଓ ଅଦାରସରେ ମହୁ ମିଶାଇ ଖାଇଲେ ବେଶ୍ ଭଲ କାମ କରିଥାଏ।

**ଅଦା ଓ ଲୁଣ:** ଅଧିକ କାଶ ହେଉଥିଲେ ଖଣ୍ଡେ ଅଦାରେ ଅଳ୍ପ ଲୁଣ ଲଗାଇ କଳରେ ଜାକନ୍ତୁ। ଏହାକୁ ଅଳ୍ପ ଅଳ୍ପ ଚୋବାନ୍ତୁ ଯେପରି ରସ ବାହାରି ଗଳାକୁ ଆରାମ ଦେବ।

**ଗରମ ଲୁଣପାଣି:** ଏହା କାଶ କମାଇବା ଓ କଫ ବାହାର କରିବା ପାଇଁ ସବୁଠୁ ଭଲ ଉପାୟ। ଦିନକୁ ଅତି କମ୍‌ରେ ୪-୫ଥର ଗରମ ଲୁଣପାଣିରେ ଗାର୍ଗେଲିଂ କରନ୍ତୁ। ଏହାଦ୍ୱାରା କଫ ତରଳିଯିବା ସହ କାଶ ମଧ୍ୟ ଧୀରେ ଧୀରେ କମିଯିବ।

**ହର୍ବାଲ ଜୁସ୍ ଏବଂ ହର୍ବାଲ ଟି:** ଏହା କାଶ ରୋକିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିରେ ଥିବା ବିଭିନ୍ନ ଔଷଧୀୟ ଗୁଣ ଗଳା କୁଣ୍ଡେଇ ହେବା ଦୂରକରି ଗଳାକୁ ଆରାମ ଦେଇଥାଏ।

**ମହୁ:** କାଶ ହେଉଥିଲେ ଥଣ୍ଡାପାଣି କିମ୍ବା ଆଇସ୍‌କ୍ରିମ୍ ଭଳି ଥଣ୍ଡା ଜାତୀୟ ଖାଦ୍ୟ ଆଦୌ ଖାଇବା ଠିକ୍ ନୁହେଁ। କାଶ ହେଉଥିଲେ ମଝିରେ ମଝିରେ ଉଷୁମପାଣିରେ ଅଳ୍ପ ମହୁ ମିଶାଇ ପିଇବା ଦ୍ୱାରା ଗଳାକୁ ଆରାମ ମିଳିବା ସହ ଧୀରେ ଧୀରେ କାଶ କମିଯିବ।


**କ୍ଷୀର ଓ ହଳଦୀ:** ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଅନ୍ତୁ। ହଳଦୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟୋରି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ଭାଇରାଲ୍ ତତ୍ତ୍ୱ କାଶ ଓ କଫ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

# ଗର୍ଭାବସ୍ଥାରେ ମୁଖ ଓ ଦାନ୍ତର ଯତ୍ନ

**ଗର୍ଭାବସ୍ଥା ଏକ ସ୍ୱତନ୍ତ୍ର ସମୟ, ଯେତେବେଳେ ମହିଳାମାନଙ୍କୁ ନିଜର ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନଦେବାକୁ ପଡ଼ିଥାଏ । ଏହି ସମୟରେ ଉତ୍ତମ ମୁଖ ସ୍ୱାସ୍ଥ୍ୟ ବଜାୟ ରଖିବା ମା' ଏବଂ ବିକାଶଶୀଳ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ହର୍‌ମୋନ ପରିବର୍ତ୍ତନ ଏବଂ ଶାରୀରିକ ପରିବର୍ତ୍ତନ ଦନ୍ତ ସ୍ୱାସ୍ଥ୍ୟକୁ ବି ପ୍ରଭାବିତ କରିଥାଏ...**







ଜୀବନବ୍ୟାପୀ ମୁଖଗହ୍ୱର ଏବଂ ଦନ୍ତ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ଯତ୍ନର ଆବଶ୍ୟକତା ରହିଛି । ମହିଳାମାନଙ୍କ କ୍ଷେତ୍ରରେ ଗର୍ଭାବସ୍ଥା, ସ୍ତନ୍ୟପାନ ଏବଂ ମେନୋପଜ୍ ସମୟରେ ଦାନ୍ତର ଯତ୍ନ ବହୁ ଗୁରୁତ୍ୱପୂର୍ଣ୍ଣ। ଗର୍ଭାବସ୍ଥା ଏକ ରୋଗ ଅବସ୍ଥା ନୁହେଁ ବରଂ ଏହା ସୁସ୍ଥ ରହିବାର ଏକ ଲକ୍ଷଣ। ଗର୍ଭାବସ୍ଥା ଏକ ସ୍ୱତନ୍ତ୍ର ସମୟ ଯେତେବେଳେ ମହିଳାମାନଙ୍କୁ ନିଜର ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନଦେବାକୁ ପଡ଼ିଥାଏ । ଏହି ସମୟରେ ଉତ୍ତମ ମୁଖ ସ୍ୱାସ୍ଥ୍ୟ ବଜାୟ ରଖିବା ମା' ଏବଂ ବିକାଶଶୀଳ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ହର୍‌ମୋନ ପରିବର୍ତ୍ତନ ଏବଂ ଶାରୀରିକ ପରିବର୍ତ୍ତନ ଯାହା ଦନ୍ତ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ଖରାପ ମୁଖ ସ୍ୱାସ୍ଥ୍ୟ, ବିଶେଷକରି ମାଢ଼ି ରୋଗ, ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥା କମ୍ ଓଜନର ଶିଶୁ ପ୍ରସବହେବା, ପ୍ରି-ଏକ୍ଲାମ୍ପସିଆ, ଗର୍ଭାବସ୍ଥା ଗ୍ରାନୁଲୋମା, ଜିଞ୍ଜିଭାଇଟିସ୍, ଗର୍ଭାବସ୍ଥା ଓରାଲ ଟ୍ୟୁମର, ମାଢ଼ି ଲାଲ ପଡ଼ିବା, ଫୁଲିଯିବା,ମାଢ଼ିରୁ ରକ୍ତ ବାହାରିବା, ପାଟିରୁ ଦୁର୍ଗନ୍ଧ ବାହାରିବା, ଦାନ୍ତ ଢିଲା ହେବା, ପାଟି ଶୁଷ୍କତା ଏବଂ ଦନ୍ତ କ୍ଷୟ ଭଳି ଜଟିଳତା ସହ ଜଡ଼ିତ। ଗର୍ଭାବସ୍ଥାରେ ପରିବର୍ତ୍ତନଶୀଳ ହରମୋନ ସ୍ତର ସିଧାସଳଖ ମାଢ଼ି ସମସ୍ୟାକୁ ଏବଂ ପରୋକ୍ଷ ଭାବରେ ଦନ୍ତ କ୍ଷୟକୁ ପ୍ରଭାବିତ କରେ।

**ଗର୍ଭାବସ୍ଥାରେ ମୁଖର ଯତ୍ନ ଗୁରୁତ୍ୱପୂର୍ଣ୍ଣ କାହିଁକି :**

**ମାଆଙ୍କ ପାଇଁ:**

★ଗର୍ଭାବସ୍ଥାର ହରମୋନ(ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍ ) ମାଢ଼ିକୁ ଅଧିକ ସମ୍ବେଦନଶୀଳ ଏବଂ ଜିଞ୍ଜିଭାଇଟିସ୍ ତଥା ମାଢ଼ିରୁ ରକ୍ତସ୍ରାବର ଆଶଙ୍କା ବୃଦ୍ଧି କରିପାରେ। ଏ ସମୟରେ ମର୍ନିଂ ସିକ୍‌ନେସ୍ ବା ପ୍ରାତଃକାଳୀନ ଅସୁସ୍ଥତା ଏବଂ ମିଠା ଖାଦ୍ୟ ପାଇଁ ଆଗ୍ରହ, ଦନ୍ତ କ୍ଷୟ ସମସ୍ୟା ସୃଷ୍ଟି କରିପାରେ।

★ ହର୍‌ମୋନ ପରିବର୍ତ୍ତନ କେତେକ ସମୟରେ ମାଢ଼ିରେ ଗର୍ଭାବସ୍ଥା ଟ୍ୟୁମର କିମ୍ବା ପାୟୋଜେନିକ୍ ଗ୍ରାନୁଲୋମା ବୃଦ୍ଧିର କାରଣ ହୋଇପାରେ।

★ ନିୟମିତ ଦନ୍ତ ଯାଞ୍ଚ ଏବଂ ସଫା କରିବା ଦ୍ୱାରା ପ୍ରାରମ୍ଭିକ ସମୟରେ ସମ୍ଭାବ୍ୟ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବାରେ ସାହାଯ୍ୟ କରିଥାଏ ।

**ଶିଶୁ ପାଇଁ:**

★ଅଧ୍ୟୟନରୁ ଜଣାଯାଇଛି, ଗର୍ଭାବସ୍ଥାରେ ମା'ଙ୍କୁ ମାଢ଼ି ରୋଗ ହେଲେ କମ୍ ଓଜନର ଶିଶୁ ତଥା ସମୟ ପୂର୍ବରୁ ଶିଶୁ ପ୍ରସବ ହେବା ସମ୍ଭାବନା ବୃଦ୍ଧି ପାଇଥାଏ ।

★ ମା'ଙ୍କ ପାଟିରୁ ଜୀବାଣୁ ଶିଶୁକୁ ସଂକ୍ରମିତ ହୋଇପାରେ, ଯାହା ସମ୍ଭାବ୍ୟ ଭାବରେ ଶୈଶବରୁ ଦନ୍ତ କ୍ଷୟ ସୃଷ୍ଟି କରିଥାଏ।

★ ଗର୍ଭାବସ୍ଥାରେ ମା' ମୁଖର ଯତ୍ନ ଠିକ୍ ଭାବେ ନେଲେ ପରବର୍ତ୍ତୀ ଜୀବନରେ ଶିଶୁର ମୁଖ ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇପାରେ।

**କିପରି ନେବେ ମୁଖର ଯତ୍ନ:**

★ ଆପଣଙ୍କ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ଭଲଭାବରେ ମୁଖ ପରିଷ୍କାର କରିବା ଅଭ୍ୟାସ କରନ୍ତୁ। ଏଥିପାଇଁ ଫ୍ଲୋରାଇଡ୍ ଟୁଥ୍‌ପେଷ୍ଟ ବ୍ୟବହାରକରି ନରମ ବ୍ରଶ୍ ସହ ଦିନକୁ ଅତି କମ୍‌ରେ ୨ଥର(ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ)ଦାନ୍ତ ଘଷନ୍ତୁ, ଯାହା ଦ୍ୱାରା ପ୍ଲାକ୍ ଏବଂ ଖାଦ୍ୟ କଣିକା ଜମାହୋଇ ରହିବ ନାହିଁ।

★ପ୍ରତିଦିନ ଦାନ୍ତ ଫ୍ଲସ୍ କରିବା ମଧ୍ୟ ଆବଶ୍ୟକ। ଯଦି କିଛି ଖାଦ୍ୟକଣିକା ରହିଯାଏ ତେବେ ବାହାର କରିବା ଲାଗି ମାଉଥୱାଶ୍ ବ୍ୟବହାର କରନ୍ତୁ।

★ ଜିଭକୁ ଭଲ ଭାବେ ସଫା କରିବା ସହ ମାଢ଼ିକୁ ଆଙ୍ଗୁଠି ସାହାଯ୍ୟରେ ମସାଜ କରନ୍ତୁ ।

★ପ୍ରତି ୩ ମାସ କିମ୍ବା ତା'ପୂର୍ବରୁ ଆପଣଙ୍କ ଟୁଥ୍‌ବ୍ରଶ୍ ପରିବର୍ତ୍ତନ କରନ୍ତୁ, ଅଥବା ଯଦି ବ୍ରଶ୍‌ର ବ୍ରିଷ୍ଟଲ ନଷ୍ଟ ହୋଇଯାଏ କିମ୍ବା ଆପଣଙ୍କୁ ଥଣ୍ଡା, ଫ୍ଲୁ, ଅଥବା ପାଟିରେ ଘା' ହୋଇଥାଏ, ତେବେ ମଧ୍ୟ ଆପଣଙ୍କ ଟୁଥ୍‌ବ୍ରଶ୍ ପରିବର୍ତ୍ତନ କରନ୍ତୁ।

★ଗର୍ଭାବସ୍ଥାରେ ଅନେକଙ୍କୁ ବାନ୍ତି ହୋଇଥାଏ। ତେଣୁ ବାନ୍ତିରେ ଆସୁଥିବା ଏସିଡ୍ ଯେପରି ଦାନ୍ତର ଏନାମେଲ୍‌କୁ ନଷ୍ଟ ନ କରିଦିଏ ସେଥିପାଇଁ ଫ୍ଲୋରାଇଡ୍ ମାଉଥ୍‌ୱାଶ୍‌ରେ ଧୋଇ ଦିଅନ୍ତୁ। ଏହି ସମୟରେ ସଙ୍ଗେ ସଙ୍ଗେ ବ୍ରଶ୍ କରନ୍ତୁ ନାହିଁ ଦାନ୍ତ ନଷ୍ଟ ହୋଇଯାଇପାରେ ।

★ପାଟି ଶୁଷ୍କ ନ ହେବା ପାଇଁ ପ୍ରଚୁର ପାଣି ପିଅନ୍ତୁ।

★ଏକ ସୁସ୍ଥ ସନ୍ତୁଳିତ ଖାଦ୍ୟ ଯଥା ଫଳ, ପନିପରିବା, ଶସ୍ୟ, କ୍ଷୀର, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହ ଭିଟାମିନ୍ A, C, D,କ୍ୟାଲସିୟମ ଓ ଫସ୍‌ଫରସ୍‌ଯୁକ୍ତ ଖାଦ୍ୟ ଉପରେ ଧ୍ୟାନଦିଅନ୍ତୁ ଏବଂ ଅଧିକ ମିଠାଯୁକ୍ତ ଖାଦ୍ୟ ତଥା ପାନୀୟ ସୀମିତ କରନ୍ତୁ।

★ନିୟମିତ ଦନ୍ତ ଯାଞ୍ଚ ଏବଂ ସଫା କରିବା ପାଇଁ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହ ସମୟସୂଚୀ ନିର୍ଦ୍ଧାରଣ କରନ୍ତୁ।

★ଧୂମପାନ ଏବଂ ମଦ୍ୟପାନ ତ୍ୟାଗକରନ୍ତୁ। ଧୂମପାନ ଏବଂ ମଦ୍ୟପାନ ମା' ଏବଂ ଶିଶୁ ଉଭୟଙ୍କ ଦାନ୍ତର ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଧୂମପାନକାରୀଙ୍କର କମ୍ ଓଜନର ଶିଶୁ ଜନ୍ମ, ଗର୍ଭପାତ କିମ୍ବା ମୃତ ଶିଶୁ ଜନ୍ମହେବା ଆଶଙ୍କା ଅଧିକ। ଧୂମପାନ କରୁଥିବା ମା'ଙ୍କ ଶିଶୁଙ୍କ ମଧ୍ୟରେ ନବଜାତ ମୃତ୍ୟୁ ବହୁ ଅଧିକ ଦେଖାଯାଇଥାଏ ।

★ଜରୁରିକାଳୀନ ଦନ୍ତ ଚିକିତ୍ସା ନିରାପଦ, ତେଣୁ ଆବଶ୍ୟକ ହେଲେ ବିଳମ୍ବ ନ କରି ଚିକିତ୍ସା କରାଇନେବା ଉଚିତ।

ଗର୍ଭାବସ୍ଥାରେ ମୁଖଗହ୍ୱର ତଥା ଦାନ୍ତର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଏବଂ ଉତ୍ତମ ମୁଖଗହ୍ୱର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ସକ୍ରିୟ ପଦକ୍ଷେପ ନେଇ ଆଶାୟୀ ମା'ମାନେ ଏକ ସୁସ୍ଥ ଗର୍ଭାବସ୍ଥା ସହ ସେମାନଙ୍କ ଶିଶୁର ସୁସ୍ଥ ବିକାଶରେ ଯୋଗଦାନ ଦେଇପାରିବେ। ସୁସ୍ଥ ମୁଖ - ସୁସ୍ଥ ମା' - ସୁସ୍ଥ ଶିଶୁ ।

*- ଡା. ଅଶୋକ କୁମାର ମହାନ୍ତି*
*ମୁଖଗହ୍ୱର ଓ ଦନ୍ତରୋଗ ବିଶେଷଜ୍ଞ,*
*ପୁରୀ ଟାଉନ୍*
*ମୋ- ୯୨୩୪୬୬୭୫୪୬*





**ସୌନ୍ଦର୍ଯ୍ୟ**

# ସ୍କିନ୍ ଟୋନ୍ ବଢ଼ାଇବା ପାଇଁ...



**ସୂର୍ଯ୍ୟକିରଣ, ଧୂଳି, ପ୍ରଦୂଷଣ, ଖାଦ୍ୟପେୟରେ ଅନିୟମିତତା ଆଦି କାରଣରୁ ଅନେକଙ୍କ ସ୍କିନ୍‌ଟୋନ୍ ଡଲ୍ ହୋଇଯାଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ବ୍ୟୁଟିପାର୍ଲର ଯିବାଠୁ ଆରମ୍ଭକରି ବିଭିନ୍ନ ଦାମୀ କ୍ରିମ୍ ବ୍ୟବହାରକରି ମଧ୍ୟ ଉପକୃତ ହୋଇପାରୁନାହାନ୍ତି। ହେଲେ ଜାଣନ୍ତିକି, ଅଧିକ ବ୍ରାଇଟ୍ ସ୍କିନ୍ ଟୋନ୍ ପାଇବା ଲାଗି କେତୋଟି ଘରୋଇ ଉପାୟ ବେଶ୍ ଲାଭଦାୟକ ହୋଇପାରିବ...**

**ଲେମ୍ବୁ ଏବଂ ମହୁ:** ୧ ଚାମଚ ଲେମ୍ବୁରସରେ ସମ ପରିମାଣର ମହୁ ମିଶାନ୍ତୁ। ମୁହଁକୁ ଭଲ ଭାବେ ଧୋଇବା ପରେ ଏହି ମିଶ୍ରଣକୁ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ । ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ଲେମ୍ବୁ ରସର ଥିବା ପ୍ରାକୃତିକ ବ୍ଲିଚିଂ ତତ୍ତ୍ୱ ମହୁ ସହ ମିଶି ତ୍ୱଚାର ରଙ୍ଗକୁ ବ୍ରାଇଟ୍ କରିଥାଏ।

**ଦହି ଏବଂ ମହୁ:** ୨ ଚାମଚ ଦହି ସହ ୧ ଚାମଚ ମହୁ ମିଶାଇ ମୁହଁରେ ଲଗାନ୍ତୁ। ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଦହିରେ ଥିବା ଲାକ୍ଟିକ୍ ଏସିଡ୍ ତ୍ୱଚାକୁ ସଫ୍ଟ, ହାଇଡ୍ରେଟ୍ ରଖିବା ସହ ଡ୍ରାଏସେଲ୍ ଏବଂ ବ୍ଲାକ୍ ସ୍ପଟ୍ ଦୂରକରିବାରେ ସାହାଯ୍ୟ କରିଥାଏ। ସପ୍ତାହରେ ୨-୩ ଥର ଏହି ପ୍ୟାକ୍ ଲଗାଇଲେ ଶୀଘ୍ର ସ୍କିନ୍ ଟୋନ୍ ବଢ଼ିବ ଏବଂ ତ୍ୱଚା ଅଧିକ ଗ୍ଲୋ କରିବ।

**କ୍ଷୀର ଏବଂ ଚାଉଳଗୁଣ୍ଡ:** ଚାଉଳଗୁଣ୍ଡକୁ ଐତିହାସିକ ସମୟରୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରାଯାଇଆସୁଛି। ୨ ଚାମଚ ଚାଉଳଗୁଣ୍ଡରେ ୩-୪ ଚାମଚ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ସେଥିରେ ଅଳ୍ପ ହଳଦୀଗୁଣ୍ଡ ମଧ୍ୟ ମିଶାଇପାରିବେ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ପାଣିରେ ଧୀରେ ଧୀରେ ଘଷି ଧୋଇଦିଅନ୍ତୁ। ଚାଉଳଗୁଣ୍ଡ ବଦଳରେ ଓଟ୍‌ମିଲ୍ ପାଉଡର ବି ବ୍ୟବହାର କରିପାରିବେ।

**ଟମାଟୋ ଜୁସ୍:** ଏହାକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ। ଏପରି ସପ୍ତାହରେ ୨-୩ ଥର କଲେ ଟମାଟୋରେ ଥିବା ଭିଟାମିନ୍ ସି ଏବଂ ଲାଇକୋପିନ୍ ତ୍ୱଚାର ରେଡ୍‌ନେସ୍, ଟ୍ୟାନିଂ, ଡାର୍କସ୍ପଟ୍, ପିଗ୍‌ମେଣ୍ଟେଶନ ଆଦି ଦୂରକରି ସ୍କିନ୍ ଟୋନ୍ ବଢ଼ାଇବାରେ ସାହାଯ୍ୟ କରିବ।

**ଖାଦ୍ୟରୁଚି**

# ଆଳୁ ହାଲୁଆ

**ଆପଣମାନେ ସମସ୍ତେ ସୁଜି ହାଲୁଆ, ଗାଜର ହାଲୁଆ ଭଳି ଅନେକ ହାଲୁଆ ଖାଇଥିବେ। ହେଲେ କେବେ ଆଳୁ ହାଲୁଆ ଖାଇଛନ୍ତି କି? ଯଦି ନା, ତେବେ ନିଶ୍ଚୟ ଏହାକୁ ପ୍ରସ୍ତୁତକରି ଖାଇବାର ମଜା ନିଅନ୍ତୁ...**

**ଆବଶ୍ୟକ ସାମଗ୍ରୀ:** ୩ଟି ବଡ଼ ଆଳୁ, ୧ ବଡ଼ ଚାମଚ ଘିଅ, ଅଧା କପ୍ ଚିନି, ଅଧା କପ୍ କ୍ଷୀର, ୨ ଚାମଚ ଲେଖାଏ କାଜୁ, କିସ୍‌ମିସ୍, ଅଧା ଚାମଚ ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ହାଲୁଆ ପ୍ରସ୍ତୁତ କରିବା ଲାଗି ପ୍ରଥମେ ଆଳୁକୁ ଭଲ ଭାବେ ସିଝାଇ ଦିଅନ୍ତୁ। ଏହା ଥଣ୍ଡା ହୋଇଯିବା ପରେ ଚୋପା ଛଡ଼ାଇ ଚକଟି ଦିଅନ୍ତୁ। କଡ଼େଇରେ ଅଳ୍ପ ଘିଅ ଗରମକରି କାଜୁ ଏବଂ କିସ୍‌ମିସ୍‌କୁ ଲାଇଟ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଘିଅ ଗରମ କରନ୍ତୁ ଏବଂ ସେଥିରେ ଚକଟା ହୋଇଥିବା ଆଳୁକୁ ପକାଇ ୧ ରୁ ୨ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଭାଜନ୍ତୁ। ସେଥିରେ କ୍ଷୀର, ଚିନି ଏବଂ କିସ୍‌ମିସ୍ ପକାଇ ଭଲ ଭାବେ ଗୋଳାନ୍ତୁ। ୮ ରୁ ୧୦ ମିନିଟ୍ ଭଲ ଭାବେ ଗୋଳାଇବା ପରେ ସେଥିରେ ଗୁଜୁରାତି ଗୁଣ୍ଡ ଏବଂ ଭଜା କାଜୁ ପକାଇ ମିଶାଇ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ହାଲୁଆ । ଏହାକୁ ଗରମ ଏବଂ ଫ୍ରିଜ୍‌ରେ ରଖି ଥଣ୍ଡା କରି ମଧ୍ୟ ଖାଇପାରିବେ।



# ବିବାଦ ତେଜିଲା, ରେଫରିଙ୍କୁ ହଟାଇବାକୁ ଦାବି




ଭାରତ ମ୍ୟାଚ ଜିତିବାପରେ ସୂର୍ଯ୍ୟକୁମାର ଯାଦବ ଓ ଶିବମ୍ ଦୁବେ ଫେରୁଛନ୍ତି । ପାକିସ୍ତାନ ଅଧିନାୟକ ସଲମାନ ଆଘା ।

## ■ ଭାରତୀୟ ଖେଳାଳିଙ୍କ ହ୍ୟାଣ୍ଡସେକ୍ ଏଡ଼ାଇବା ପ୍ରସଙ୍ଗ
## ■ ଏସିଆ କପ୍‌ରୁ ଓହରିବାକୁ ପାକିସ୍ତାନର ଧମକ

ଦୁବାଇ,୧୫।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଏକ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହ୍ୟାଣ୍ଡସେକ୍ କରିବାକୁ ମନା କରିବା ଘଟଣା ସୋମବାର ଏକ ବଡ଼ ବିବାଦର ରୂପ ନେଇଛି । ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଏହି ବିବାଦ ଲାଗି ମ୍ୟାଚ୍ ରେଫରି ଆଣ୍ଡି ପିକ୍ରଫ୍ଟଙ୍କୁ ଦାୟୀ କରିବା ସହ ତାଙ୍କୁ ଏସିଆ କପ୍ ଟୁର୍ନାମେଣ୍ଟରୁ ହଟାଇବାକୁ ଦାବି କରାଯାଇଛି । ମ୍ୟାଚ୍ ପରେ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ ହାତ ନ ମିଳାଇବା ଏକ ଦଳୀୟ ନିଷ୍ପତ୍ତି ଥିଲା ଓ ଏହାଦ୍ୱାରା ଆମେ ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ପର୍ଯ୍ୟଟକଙ୍କ ପରିବାରବର୍ଗଙ୍କ ସହ ଆମେ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ ଏବଂ ଏହି ବିଜୟକୁ ଆମେ ଆମର ସଶସ୍ତ୍ର ବାହିନୀକୁ ଉତ୍ସର୍ଗ କରୁଛୁ ବୋଲି ଖବରଦାତା ସମ୍ମିଳନୀରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ । ଏହି ଘଟଣାକୁ ନେଇ ପିସିବି ଉତ୍ତ୍ୟକ୍ତ ହେବା ସହ ଏସିଆନ କ୍ରିକେଟ୍ କାଉନ୍‌ସିଲ (ଏସିସି)ରେ ପ୍ରତିବାଦ ଦାଏର କରିବା ସହ ଆଇସିସିର ହସ୍ତକ୍ଷେପ ଲୋଡ଼ିଛି । କୌତୂହଳର ବିଷୟ ଯେ, ପିସିବି ମୁଖ୍ୟ ମହସିନ ନକ୍‌ଭି ବର୍ତ୍ତମାନ ଏସିସି ମୁଖ୍ୟ ଥିବା ବେଳେ ଭାରତର ଜୟ ଶାହା ଆଇସିସି ମୁଖ୍ୟ ପଦରେ ଅଛନ୍ତି । ମ୍ୟାଚ୍ ରେଫରି ଆଇସିସି କୋଡ୍ ଅଫ କଣ୍ଡକ୍ଟ ଓ ସ୍ପିରିଟ୍ ଅଫ୍ କ୍ରିକେଟ୍ ସମ୍ବନ୍ଧିତ ଏମ୍‌ସିସି ଆଇନ ଉଲ୍ଲଂଘନ କରିଥିବା ନେଇ ଆଇସିସି ନିକଟରେ ପିସିବି ପ୍ରତିବାଦ କରିଛି । ପିସିବି ତୁରନ୍ତ ଏସିଆ କପ୍‌ର ମ୍ୟାଚ୍ ରେଫରିଙ୍କୁ ହଟାଇବାକୁ ଦାବି ରଖିଛି । ନ ହେଲେ ପାକିସ୍ତାନ ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ଓହରିଯିବାର ବିଶେଷ ସମ୍ଭାବନା ଥିବା ପିସିବି ତଥା ଏସିସି ମୁଖ୍ୟ ନକ୍‌ଭି କହିଛନ୍ତି ।

ପାକିସ୍ତାନ ଟିମ ମ୍ୟାନେଜର ନାଭେଦ ଚିମା ଏସିସି ନିକଟରେ ଅଭିଯୋଗ କରିଛନ୍ତି ଯେ, ପିକ୍ରଫ୍ଟଙ୍କ ଜିଦ୍ କାରଣରୁ ଦୁଇ ଅଧିନାୟକ ଦଳୀୟ ଖେଳାଳିଙ୍କ ତାଲିକା ପରସ୍ପରକୁ ଦେଇ ନ ଥିଲେ । ଏ ସମ୍ପର୍କରେ ପିସିବି ପକ୍ଷରୁ କୁହାଯାଇଛି ଯେ, ଟିମ୍ ମ୍ୟାନେଜର ଚିମା ଭାରତୀୟ ଖେଳାଳିଙ୍କ ବ୍ୟବହାର ବିରୋଧରେ କଡ଼ା ପ୍ରତିବାଦ କରିଛନ୍ତି । ପ୍ରତିବାଦ ସ୍ୱରୂପ ମ୍ୟାଚ୍ ପରବର୍ତ୍ତୀ ସେରିମନି ଲାଗି ଆମେ ଆମ ଅଧିନାୟକଙ୍କୁ ପଠାଇ ନ ଥିଲୁ । ହେଲେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଭାରତୀୟ ଦଳ ଫାଇନାଲରେ ବିଜୟୀ ହେଲେ ନକ୍‌ଭିଙ୍କ ସହ ମଞ୍ଚରେ ରହିବେ ନାହିଁ ।

## ‘ଆମେ ପହଲଗାମ୍ ପୀଡ଼ିତଙ୍କ ସହ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ’

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳକୁ ୭ ଉଇକେଟରେ ମିଳିଥିବା ବିଜୟକୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏକ ଭଲ ବିଜୟ ବୋଲି ଅଭିହିତ କରିବା ସହିତ କହିଛନ୍ତି ଯେ, ଏହା ଦ୍ୱାରା ଦଳ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୀଡ଼ିତଙ୍କ ସହ ଛିଡ଼ା ହୋଇଥିବା ଦର୍ଶାଇଛି । ‘ଏହା ଏକ ଭଲ ବିଜୟ । ଟୁର୍ନାମେଣ୍ଟରେ ଆହୁରି କ୍ରିକେଟ୍ ବାକି ଅଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏକ ଦଳ ଭାବେ ଆମେ ପହଲଗାମ୍ ଆକ୍ରମଣ ପୀଡ଼ିତ ଓ ସେମାନଙ୍କ ପରିବାରବର୍ଗଙ୍କ ସହିତ ଛିଡ଼ା ହୋଇଥିବା ଦେଖାଇବାକୁ ଚାହୁଁଥିଲୁ । ଆମେ ‘ଅପରେଶନ ସିନ୍ଦୂର’ର ସଫଳତା ଲାଗି ଆମର ସଶସ୍ତ୍ର ବଳକୁ ଧନ୍ୟବାଦ ଦେବାକୁ ଚାହୁଁ । ମୁଁ ନିଶ୍ଚିତ ଯେ, ଆମେ ଦେଶକୁ ଗର୍ବିତ କରିବାକୁ ଉଦ୍ୟମ କରିବୁ’ ବୋଲି ଗମ୍ଭୀର ଟୁର୍ନାମେଣ୍ଟର ପ୍ରସାରଣକାରୀ ଚ୍ୟାନେଲ ସୋନୀ ସ୍ପୋର୍ଟ୍ସରେ କହିଛନ୍ତି ।

## ଆଭିମୁଖ୍ୟ ଜାରି ରହିବ

ପାକିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ ଲିଗ୍ ମ୍ୟାଚ୍ ପରେ ପ୍ରତିପକ୍ଷ ଖେଳାଳିଙ୍କ ସହ ହ୍ୟାଣ୍ଡସେକ ନ କରିଥିବାରୁ ଟିମ୍ ଇଣ୍ଡିଆକୁ ପ୍ରବଳ ସମାଲୋଚନା କରାଯାଉଛି । ଏହାସତ୍ତ୍ୱେ ଭାରତୀୟ ଦଳର ଆଭିମୁଖ୍ୟ ପାକିସ୍ତାନ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ମଧ୍ୟ ଜାରି ରହିବ । ଏ ସଂକ୍ରାନ୍ତରେ ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଆମେ ଏକାଠି ଏଠାକୁ ଆସିବା ପରେ ଏକ ନିଷ୍ପତ୍ତି ନେଇଥିଲୁ । ଆମେ ଏଠାକୁ କେବଳ ଖେଳିବାକୁ ଆସିଛୁ । ମୋ ମତରେ ଆମେ ଉଚିତ ଜବାବ ଦେଇଛୁ । ମିଳିଥିବା ସୂଚନା ମୁତାବକ, ପାକିସ୍ତାନ ସହ ମ୍ୟାଚ୍ ଖେଳିବା ବିରୋଧରେ ବିରୋଧୀ ଦଳ ପକ୍ଷରୁ ଓ ସୋସିଆଲ ମିଡିଆରେ କରାଯାଇଥିବା ପ୍ରତିବାଦରେ ବିସିସିଆଇ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଲୋକଙ୍କ ପରିବାରବର୍ଗଙ୍କ ଭାବନାଠାରୁ ଟଙ୍କାକୁ ଅଧିକ ଗୁରୁତ୍ୱ ଦେଉଥିବା ଦାବି କରାଯାଇଥିଲା । ଏଥିଯୋଗୁ ବିସିସିଆଇ ଓ ଟିମ ମ୍ୟାନେଜମେଣ୍ଟ ମଧ୍ୟରେ ଆଲୋଚନା ହୋଇଥିଲା । ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଦଳର ସିନିୟର ଖେଳାଳିମାନେ ମ୍ୟାଚ୍ ବେଳେ ପ୍ରତିପକ୍ଷ ଖେଳାଳିଙ୍କ ସହ ହାତ ମିଳାଇବେ ନାହିଁ ବୋଲି ସର୍ବସମ୍ମତିରେ ନିଷ୍ପତ୍ତି ନେଇଥିଲେ । ଏହାକୁ ବିସିସିଆଇର ସିନିୟର ଅଧିକାରୀମାନେ ସବୁଜ ସଙ୍କେତ ଦେଇଥିଲେ ।




# ଫିଡେ ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟ ଜିତିଲେ ବୈଶାଳୀ

ତାସକେଣ୍ଟ, ୧୫।୯

ଉଜ୍‌ବେକିସ୍ତାନର ସମରକନ୍ଦରେ ସୋମବାର ଉଦ୍‌ଯାପିତ ଫିଡେ ଗ୍ରାଣ୍ଡ ସୁଇସ ଚେସ୍‌ରେ ଭାରତର ଆର. ବୈଶାଳୀ ଟାଇଟଲ ବଜାୟ ରଖିଛନ୍ତି । ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ବୈଶାଳୀ ଓ ରୁଷିଆର କାଟରିନା ଲାଗ୍ନୋ ୮ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ । ମାତ୍ର ୨୪ ବର୍ଷୀୟା ବୈଶାଳୀ ଉନ୍ନତ ଟାଇବ୍ରେକ ସ୍କୋରରେ ଚାମ୍ପିୟନ ଘୋଷିତ ହୋଇଛନ୍ତି । ୧୧ଶ ତଥା ଅନ୍ତିମ ରାଉଣ୍ଡରେ ସେ ଚାଇନାର ଟାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ସହ ଏହି ସଫଳତା ପାଇଛନ୍ତି । ଦିବ୍ୟା ଦେଶମୁଖ ଓ କୋନେରି ହମ୍ପିଙ୍କ ପରେ ତୃତୀୟ ଭାରତୀୟ ମହିଳା ଭାବେ ସେ ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ପୂର୍ବରୁ ଗତ ଜୁନ୍‌ରେ ଜର୍ଜିଆରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରି ଦେଶମୁଖ ଓ ହମ୍ପି କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ପାଇଥିଲେ ।




## ଡିସେମ୍ବର ୯ରୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଲାଉସାନେ, ୧୫।୯ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୫-୨୬ ସିଜନ ଡିସେମ୍ବର ୯ରୁ ଆର୍ଜେଣ୍ଟିନା ଓ ଆୟର୍ଲାଣ୍ଡରେ ଆରମ୍ଭ ହେବ । ଏହି ସିଜନରେ ୧୦ ଆୟୋଜକ ଦେଶରେ ରେକର୍ଡ ସଂଖ୍ୟକ ୧୪୪ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଲିଗ୍‌ର ୭ମ ସଂସ୍କରଣରେ ଦୁଇଟି ନୂଆ ଦଳ ଆୟର୍ଲାଣ୍ଡ (ମହିଳା) ଓ ପାକିସ୍ତାନ (ପୁରୁଷ)କୁ ଦେଖିବାକୁ ମିଳିବ । ଏଫ୍‌ଆଇଏଚ୍ ହକି ନେସନ୍ସ କପ୍ ୨୦୨୪-୨୫ରେ ଭଲ ପ୍ରଦର୍ଶନ କରି ଏହି ଦୁଇଦଳ ପ୍ରୋ ଲିଗ୍ ଖେଳିବା ଲାଗି ଯୋଗ୍ୟତା ହାସଲ କରିଛନ୍ତି । ଉଭୟ ମହିଳା ଓ ପୁରୁଷ ପ୍ରୋ ଲିଗ୍ ବିଜେତା ଦଳ ସିଧାସଳଖ ୨୦୨୮ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ ।

ନୂଆ ସିଜନର ପ୍ରଥମ ମ୍ୟାଚରେ ଜର୍ମାନୀ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ ଆୟର୍ଲାଣ୍ଡରେ ଅନୁଷ୍ଠିତ ହେବ । ସେହିଦିନ ପୁରୁଷ ବର୍ଗର ଚାମ୍ପିୟନ ନେଦରଲାଣ୍ଡ୍ସ ଓ ନବାଗତ ପାକିସ୍ତାନ ମଧ୍ୟରେ ମ୍ୟାଚ ଆର୍ଜେଣ୍ଟିନାରେ ଖେଳାଯିବ । ବେଲ୍‌ଜିୟମ, ଇଂଲଣ୍ଡ ଓ ଜର୍ମାନୀ ପୁରୁଷ ଦଳ ଏବଂ ବେଲ୍‌ଜିୟମ, ଇଂଲଣ୍ଡ ଓ ଆୟର୍ଲାଣ୍ଡ ମହିଳା ଦଳ ପ୍ରଥମ ପର୍ଯ୍ୟାୟରେ ମ୍ୟାଚଗୁଡ଼ିକ ଆୟର୍ଲାଣ୍ଡରେ ଖେଳିବେ । ଆର୍ଜେଣ୍ଟିନାରେ ଘରୋଇ ଦଳ ସହ ପୁରୁଷ ବର୍ଗରେ ନେଦରଲାଣ୍ଡ୍ସ ଓ ପାକିସ୍ତାନ ଏବଂ ମହିଳା ବର୍ଗରେ ଜର୍ମାନୀ ଓ ନେଦରଲାଣ୍ଡ୍ସ ଏହି ସମୟରେ ମ୍ୟାଚ ଖେଳିବେ ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ